

ଘୁଞ୍ଚିଲା 'ମେରେ ରହୋ'ର ରିଲିଜ୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-191 ◆TUESDAY ◆6 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୯୧ ◆ମଙ୍ଗଳବାର ◆୬ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଗ୍ରେଟର ନୋଏଡ଼ା ଖୋଲିଲା ଦେଶର ପ୍ରଥମ 'ଏଆଇ' କ୍ଲିନିକ୍



■ ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟରନୋଏଡ଼ାରେଦେଶରପ୍ରଥମ ସରକାରୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଲିନିକ୍ ଖୋଲିଛି। ସରକାରୀ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (ଜିଆଇଏମଏସ)ରେ ଏହି କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି। ଚିକିତ୍ସା ଭିତ୍ତିଭୂମିକୁ ଆଧୁନିକତାର ସ୍ପର୍ଶ ଦେବାକୁ ଭାରତ ସରକାର ଏହି ପଦେକ୍ଷପ ନେଇଛନ୍ତି। ଚିକିତ୍ସା କ୍ଷେତ୍ରରେ ଏଆଇ ବ୍ୟବହାର ଦ୍ୱାରା ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ମିଳିବ ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ ହେବ। ଏହା ଚିକିତ୍ସା ସମୟ ହ୍ରାସରେ ମଧ୍ୟ ସହାୟକ ହେବ। ଏହି ପଦକ୍ଷେପ ଦ୍ୱାରା ରୋଗ ଚିହ୍ନଟ ପ୍ରକ୍ରିୟା, ପରୀକ୍ଷା ଏବଂ ଚିକିତ୍ସା ଶୀଘ୍ର ହେବା ସହିତ ଆରୋଗ୍ୟ ହାର ବୃଦ୍ଧି ପାଇବ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବାର ଅତିରିକ୍ତ ମହାନିର୍ଦ୍ଦେଶକ ଭର୍ଚୁଆଲ ମାଧ୍ୟମରେ ଶନିବାର ଏହି କ୍ଲିନିକକୁ ଉଦଘାଟନ କରିଥିଲେ। ଏଠାରେ ଏଆଇ ବ୍ୟବହାର କରି ଜେନେଟିକ ସ୍କ୍ରିନିଂ କରାଯିବ। କର୍କଟ, ହୃତ୍‌ପିଣ୍ଡ, ବୃକକ ଏବଂ ଯକୃତ ଭଳି ଜଟିଳ ରୋଗର ଶୀଘ୍ର ଚିହ୍ନଟ କରାଯାଇପାରିବ। ▶ପୃଷ୍ଠା-୭

## ଇନ୍‌ଷ୍ଟାଗ୍ରାମରେ ସେକ୍ସ ର୍‌ୟାକେଟ: ୧୦ ହଜାର ଯୁବତୀ ସାମିଲ



■ ଲୁଧିଆନା, ୫।୧ (ଏଜେନ୍ସି): ମନୋରଞ୍ଜନର ମାଧ୍ୟମ ସାଜିଥିବା ସାମାଜିକ ଗଣମାଧ୍ୟମ ଏ।।ବେ କଳା କାରବାରର ପ୍ରମୁଖ କେନ୍ଦ୍ର ହୋଇଯାଇଛି। ମିଥ୍ୟା ଖବର ପ୍ରସାର ପରେ ନିନ୍ଦିତ ସାମାଜିକ ଗଣମାଧ୍ୟମକୁ ଦେହ ।।ବେପାର ପାଇଁ ବ୍ୟବହାର କରାଯାଉଛି। ପଞ୍ଜାବ ଲୁଧିଆନାରୁ ଏଭଳି ଚାଞ୍ଚଲ୍ୟକର ମାମଲା ସାମ୍‌ନାକୁ ଆସିଛି। ଇନ୍‌ଷ୍ଟାଗ୍ରାମରେ ପେଜ୍ କ୍ରିଏଟ କରି ମହିଳା ଏବଂ ଯୁବତୀଙ୍କୁ ଏଥିରେ ସାମିଲ କରାଯାଉଛି। ଅଶ୍ଳୀଳ ରିଲ୍ ପୋଷ୍ଟ କରିବା ପାଇଁ ଏମାନଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଉଛି। ଏହି ଲୋଭରେ ପଡ଼ି ଯୁବତୀ ନିଜର ଅଶ୍ଳୀଳ ଭିଡିଓ ଏବଂ ଫଟୋ ପୋଷ୍ଟ କରୁଛନ୍ତି। ଏଥିପାଇଁ ତାଙ୍କୁ ଗୋଟିଏ ପୋଷ୍ଟ ପିଛା ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି। ଏ ସବୁକୁ ଦେଖି ଅଧିକ ସଂଖ୍ୟକ ଲୋକ ପେଜ୍‌ରେ ସାମିଲ ହେଉଛନ୍ତି। ଏହି ପୃଷ୍ଠାର ପ୍ରୋଫାଇଲରେ ଠିକଣା ମଧ୍ୟ ରହୁଛି। ପରେ ବ୍ୟକ୍ତିଙ୍କୁ ମେସେଜ କରି ଦେହ ବ୍ୟବସାୟକୁ ଠେଲା ଯାଉଛି। କେବଳ ଲୁଧିଆନାର ୧୦ ହଜାର ଯୁବତୀ ଏଭଳି ପେଜ୍ ସହ ଜଡ଼ିତ ଅଛନ୍ତି ବୋଲି ସୂଚନା ମିଳିଛି। ଏଥିରେ ଦେହ ବ୍ୟବସାୟ ହେଉଥିବା ▶ପୃଷ୍ଠା-୭

# ଅଚଳାବସ୍ଥା ଅବ୍ୟାହତ

# ମାନିଲେନି ମିଲର୍, ନଇଁଲେନି ଡାକ୍ତର

## ସାରା ରାଜ୍ୟରେ ଧାନ କିଣା ବନ୍ଦ, ଚାଷୀ ହନ୍ତସନ୍ତ



■ ଭୁବନେଶ୍ୱର, ୫।୧ (ସମିସ): ରାଜ୍ୟରେ ଧାନ କିଣାରେ ଯାବତୀୟ ଅବ୍ୟବସ୍ଥା ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି ସରକାର ଓ ମିଲର୍। ଚାଷୀ ଓ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ହୋଇ ପାରୁ ନ ଥିବାବେଳେ ସରକାର ଓ ମିଲର୍‌ମାନଙ୍କ ମଧ୍ୟରେ ନୂଆ ବିବାଦ ଆରମ୍ଭ ହୋଇଛି। ମିଲର୍ସଙ୍କ ଦାବିକୁ ସରକାର ଆଦୌ ଗୁରୁତ୍ୱ ନ ଦେବା ଓ ସମ୍ବେଦନଶୀଳ ନ ହେବା ହେତୁ ମିଲର୍‌ମାନେ ଆଉ ଧାନ ଉଠାଇବେ ନାହିଁ ବୋଲି ସିଧା ସିଧା କହିଦେଇଛନ୍ତି। ଏହାସହିତ ରାଜ୍ୟ ମିଲର୍ ସଂଘ ଆଜିଠାରୁ ଆନ୍ଦୋଳନକୁ ଓହ୍ଲାଇଛି। ଅନ୍ୟପଟେ ମିଲର୍ସଙ୍କ ଏଭଳି ଘୋଷଣା ପରେ ସାରା ରାଜ୍ୟରେ ଧାନ କିଣା ଏକ ପ୍ରକାର ଠପ୍ ହୋଇଯାଇଛି।

ଅଭିଯୋଗ ଅନୁସାରେ, ମିଲରଙ୍କ ଦାବି ସମ୍ପର୍କରେ ସରକାର ଆଦୌ ଯତ୍ନବାନ ହେଉ ନାହାନ୍ତି ଏବଂ ୨ ବର୍ଷ ହେବ କୌଣସି ପଦକ୍ଷେପ ନେଉ ନାହାନ୍ତି। ମିଲର୍ସ ସଂଘ ଏହାକୁ ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେବା ପରେ ରବିବାର ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ସୋମବାର ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ସଂଘର ବୈଠକ ବସିଥିଲା। ବୈଠକରେ ଆଲୋଚନା ପରେ ସଂଘ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦାବି କରାଯାଇଥିଲେ ମଧ୍ୟ ସରକାର ଏହାକୁ ଏଡ଼ାଇ ଯାଇଛନ୍ତି। ସରକାରଙ୍କ ଏଭଳି ଆଚରଣରେ କ୍ଷୁବ୍ଧ ମିଲର୍ ସଂଘ ଧାନ ନ ଉଠାଇବାକୁ ଘୋଷଣା କରିଛି।

### ମନ୍ତ୍ରୀ ଓ ବିଭାଗ ସହ ମିଲର୍‌ଙ୍କ ବୈଠକ ବିଫଳ

ସଂଘ ପକ୍ଷରୁ ଦାବି କରାଯାଇଛି ଯେ ୨୦୨୩-୨୪ ଓ ୨୦୨୪-୨୫ ଖରିଫ୍ ଋତୁ ପାଇଁ ରକ୍ଷଣାବେକ୍ଷଣ ଶୁଳ୍କ ପ୍ରଦାନ, କଷ୍ଟମ୍ ମିଲିଂ ପାଇଁ ଅତିରିକ୍ତ ପ୍ରୋତ୍ସାହନ ରାଶି, ▶ପୃଷ୍ଠା-୭

## ଓପିଡି ୨ ଘଣ୍ଟା ଅଚଳ; ରୋଗୀସେବା ବିପର୍ଯ୍ୟସ୍ତ



■ ଭୁବନେଶ୍ୱର, ୫।୧(ସମିସ): ପୂର୍ବ ନିଷ୍ପତ୍ତି ଅନୁଯାୟୀ ସୋମବାରଠାରୁ ସାରା ରାଜ୍ୟରେ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା)। ସରକାର ଯେପର୍ଯ୍ୟନ୍ତ ନ୍ୟାଯ୍ୟ ଦାବି ପୂରଣ କରି ନ ଛନ୍ତି, ସେଯାବତ୍ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦିନବେଳା ୨ଘଣ୍ଟା ଓପିଡି ସେବାରେ ଓମ୍‌ସା ସହଯୋଗ କରି ନ ଥିବାରୁ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ▶ପୃଷ୍ଠା-୭

**ଆଗାମୀ ଦିନରେ ଓପିଡି ସେବା ସମ୍ପୂର୍ଣ୍ଣ ବନ୍ଦ ଧମକ**

## ସଂରକ୍ଷଣ ବିବାଦ: କୋଟାରେ ଆବଦ୍ଧ ନୁହନ୍ତି ଯୋଗ୍ୟ ପ୍ରାର୍ଥୀ

■ ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ସରକାରୀ ଚାକିରିରେ ସଂରକ୍ଷଣ ଓ ଯୋଗ୍ୟତାକୁ ନେଇ ଚାଲିଥିବା ଦୀର୍ଘ ବିବାଦରେ ବିରାମ ଲଗାଇଛନ୍ତି ସୁପ୍ରିମକୋର୍ଟ। ଏକ ଐତିହାସିକ ରାୟରେ ସର୍ବୋଚ୍ଚ ଅଦାଲତ ଅଧିକ ନମ୍ବର ରଖିଥିବା ଅନ୍ୟ ବର୍ଗର ଯୋଗ୍ୟ ପ୍ରାର୍ଥୀଙ୍କୁ ମୁକ୍ତ ବର୍ଗ (ଓପନ୍ କ୍ୟାଟୋଗୋରୀ ବା ସାଧାରଣ)ରେ ବି ନିଯୁକ୍ତି ଦିଆଯାଇପାରିବ ବୋଲି କହିଛନ୍ତି। ମାତ୍ର ପ୍ରାର୍ଥୀ ଯଦି ସଂରକ୍ଷଣ ବର୍ଗଙ୍କ ପ୍ରାର୍ଥୀଙ୍କ ପାଇଁ ଉଦିଷ୍ଟ ବୟସ, ଦେୟ ବା ଅନ୍ୟାନ୍ୟ ରିଆତି ପାଇଥାଆନ୍ତି; ତେବେ ସେମାନେ ଅଧିକ ନମ୍ବର ରଖିଥିଲେ ବି ମୁକ୍ତ ବର୍ଗରେ ସାମିଲ ହୋଇ ପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

**ଅଧିକ ନମ୍ବର ରଖିଥିଲେ ସାଧାରଣ ବର୍ଗରେ ନିଯୁକ୍ତି**

**ସଂରକ୍ଷିତ ବର୍ଗର ଲାଭ ନେଇଥିଲେ ମିଳିବନି ସୁବିଧା**

ଏକ ମାମଲାର ବିଚାର କରି ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି ଯେ ମୁକ୍ତ ବର୍ଗ ଅର୍ଥାତ୍ ଓପନ୍ କାଟେଗୋରୀ ସବୁ ବର୍ଗ ପାଇଁ ଖୋଲା। କୌଣସି ଜାତି, ବର୍ଗ କିମ୍ବା ଲିଙ୍ଗ ପାଇଁ ଏହା ସଂରକ୍ଷିତ ନୁହେଁ। ▶ପୃଷ୍ଠା-୭



'ସୁପ୍ରିମ' ରାୟ

## ଦିଲ୍ଲୀ ଦଙ୍ଗା: ଉମର ଖାଲିଦ, ସର୍ଜିଲଙ୍କ ଜାମିନ ଆବେଦନ ଖାରଜ

■ ନୂଆଦିଲ୍ଲୀ, ୫।୧(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ହେଲା ଜେଲ୍‌ରେ ଥିବା ଛାତ୍ର ନେତା ଉମର ଖାଲିଦ ଏବଂ ସର୍ଜିଲ ଇମାମଙ୍କୁ ଜାମିନ ଦେବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ସେମାନଙ୍କ ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି ଏବଂ ଦିଲ୍ଲୀ ପୁଲିସ ଏହାର ପ୍ରମାଣ ଉପସ୍ଥାପିତ କରିଛି। ତେଣୁ ସେମାନଙ୍କୁ ଏବେ ଜାମିନ ଦେବା ସମ୍ଭବ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ତେବେ ଏହି ମାମଲାରେ ସେମାନଙ୍କ ସହିତ ଜେଲରେ ଥିବା ଅନ୍ୟ ୫ ଜଣ ▶ପୃଷ୍ଠା-୭



**କଠୋର ସର୍ତ୍ତ ସହ ୫ ଜଣଙ୍କୁ ଜମିନ୍**

## ଦୁର୍ଘଟଣାରେ ଚାଲିଗଲା ଦମ୍ପତିଙ୍କ ଜୀବନ

■ ତିଗିରିଆ, ୫।୧ (ସମିସ): ଖୁସିର ମାହୋଲ କିଭଳି ନିମିଷକ ମଧ୍ୟରେ ଶୋକାକୁଳ ପରିବେଶରେ ପରିଣତ ହୁଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ତିଗିରିଆ ଅଞ୍ଚଳରେ। ରବିବାର ରାତି ପ୍ରାୟ ୯ଟାରେ ପାଞ୍ଚଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଦୁଇଟି ଜୀବନ ଚାଲିଯାଇଛି। ମୃତକ ହେଲେ, କୋଇଲିକନ୍ୟା ଗ୍ରାମର ପ୍ରତାପ ଚନ୍ଦ୍ର ମନ୍ତ୍ରୀ ଓ ତାଙ୍କ ପତ୍ନୀ ମିନା ମନ୍ତ୍ରୀ। ଏହି ଦୁର୍ଘଟଣାରେ ସେମାନଙ୍କର ଦେଢ଼ ବର୍ଷର ଶିଶୁପୁତ୍ରର ଜୀବନ ରକ୍ଷା ପାଇଯାଇଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

**ଭୋଜି ସାରି ଫେରୁଥିଲେ**

ସୂଚନା ମୁତାବକ, ପ୍ରତାପ ନିଜ ପତ୍ନୀ ଓ ଶିଶୁପୁତ୍ରକୁ ନେଇ ଅଂଶୁପା ହ୍ରଦ ନିକଟରୁ ଭୋଜି ସାରି ଫେରୁଥିଲେ। ପାଞ୍ଚଗାଁ ପେଟ୍ରୋଲ ପମ୍ପରେ ତେଲ ପକାଇ ରାସ୍ତାକୁ ବାହାରୁଥିବା ବେଳେ ବିପରୀତ ଦିଗରୁ ▶ପୃଷ୍ଠା-୭

### ପୁଲିସ ଏସ୍ଆଇ ଚାକିରି ବେପାର ମାମଲାରେ ସିବିଆଇର ଚାର୍ଜସିଟ୍

# ମାର୍ଚ୍ଚରେ ଡିଲ୍, ୨୫ ଲକ୍ଷରେ ବିକ୍ରି

■ ଭୁବନେଶ୍ୱର, ୫।୧ (ସମିସ): ପୁଲିସ ଏସ୍ଆଇ ଚାକିରି ବେପାର ନିମନ୍ତେ ଗତ ମାର୍ଚ୍ଚ ମାସରେ ହୋଇଥିଲା ବ୍ଲୁ ପ୍ରିଣ୍ଟ। ଏସ୍ଆଇ ଚାକିରି ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଡିଲ୍ ହୋଇଥିଲା; ମାତ୍ର ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ସେତେବେଳେ କାହିଁକି ପରୀକ୍ଷା ସ୍ଥଗିତ ରଖାଗଲା, ସେ ସମ୍ପର୍କରେ କେହି ମୁହଁ ଖୋଲି ନ ଥିଲେ। ଓପିଆର୍‌ବି, ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ରହସ୍ୟମୟ ନିରବତା ଅବଲମ୍ବନ କରିଥିଲେ। କୌତୂହଳର ବିଷୟ ହେଉଛି, ମାର୍ଚ୍ଚରେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ରରେ ପୁନର୍ବାର ଅକ୍ଟୋବର ମାସରେ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସମଗ୍ର ଘଟଣାରେ ସିଲିକନ୍ ଟେକ୍‌ର ପରିଚାଳନା ନିର୍ଦ୍ଦେଶକ ସୁରେଶ ନାୟକ ଖଳନାୟକ ଥିଲେ ବୋଲି ସିବିଆଇ ଦର୍ଶାଇଛି।



ପ୍ରଶ୍ନପତ୍ର ପ୍ରଘଟ !
ପୁଲିସ ଏସ୍ଆଇ ପରୀକ୍ଷା ସ୍ଥଗିତ

- ◆ ଗୋଟିଏ ଥର ଲିକ୍ ପରେ ବି ନିରବ ରହିଥିଲା ଓପିଆର୍‌ବି
- ◆ ପ୍ରଘଟ ପ୍ରଶ୍ନପତ୍ର ପୁନଃ ବ୍ୟବହାର ଲାଗି ହୋଇଥିଲା ଯୋଜନା
- ◆ ସତ ହେଲା ଚାକିରି ବିକ୍ରି ସଂକ୍ରାନ୍ତ 'ସକାଳ'ର ଖବର

ସୋମବାର ଏହି ମାମଲାରେ ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ଅନୁସାରେ, ମାର୍ଚ୍ଚ ମାସରୁ ଚାକିରି ବିକ୍ରି ପାଇଁ ସୁରେଶ ନାୟକ ପୂରା ନକ୍ସା ପ୍ରସ୍ତୁତ କରିଥିଲେ। ପରୀକ୍ଷା ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆର୍‌ବିର ରହିଥିଲା ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍ ଏମ୍‌ଡି ସୁରେଶ ନାୟକ ଛାପା ପ୍ରଶ୍ନପତ୍ରର ଏକ ସେଟ୍ ନେଇଯାଇଥିଲେ। ପ୍ରଶ୍ନପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ଦଲାଲ୍‌ମାନେ ପୁଲିସ ▶ପୃଷ୍ଠା-୭






# ଦେଶ ବିଦେଶ



## ଏସ୍‌ଆଇଆର୍ ସମୟରେ ମୃତ୍ୟୁ

# କୋର୍ଟ ଯିବେ ମମତା; ନିଜେ ଲଢ଼ିବେ



- ଏସଆଇଆର ଭୟରେ ଅନେକ ଲୋକ ପ୍ରାଣ ହରାଇଲେଣି
- ଲୋକଙ୍କୁ ଡରାଇବାର ପ୍ରକ୍ରିୟା ପାଲଟି ଯାଇଛି ଏସଆଇଆର

**କୋଲକାତା, ୫।୧ (ଏଜେନ୍ସି):** ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭେକାଟର ତାଲିକା ସଂଶୋଧନ (ଏସଆଇଆର) ସମୟରେ ହୋଇଥିବା ମୃତ୍ୟୁକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଏ ନେଇ ମଙ୍ଗଳବାର ଆବେଦନ ଦାଏର କରାଯିବ। ଜଣେ ସାଧାରଣ ନାଗିରକ ଭାବେ ସେ ଏହି ଅମାନବୀୟ ପ୍ରକ୍ରିୟା ବିରୋଧରେ ପ୍ରତିନିଧିତ୍ୱ କରିବେ ବୋଲି ମମତା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ମୁଁ ଜଣେ ପ୍ରଶିକ୍ଷିତ ଓକିଲ। ଅନୁମତି ମିଳିଲେ ସୁପ୍ରିମକୋର୍ଟଙ୍କ ମଧ୍ୟ ଦ୍ୱାରସ୍ଥ ହେବି। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଗର ଦ୍ୱୀପରେ ରାଲି କରି ମମତା ଦାବି କରିଛନ୍ତି ଯେ ଏସଆଇଆର ଆରମ୍ଭ ହେବା ଦିନଠାରୁ ଭୟ, ଉତ୍ପୀଡ଼ନ ଏବଂ ପ୍ରାଶାସନିକ ଅବ୍ୟବସ୍ଥାରେ ଅନେକ ଲୋକ ପ୍ରାଣ ହରାଇଲେଣି। ଅନେକ ଡାକ୍ତରଖାନାରେ ମଧ୍ୟ ଭର୍ତ୍ତି ହୋଇଛନ୍ତି। ଗମ୍ଭୀର ରୋଗରେ ପୀଡ଼ିତ ବହୁ ରୋଗୀଙ୍କୁ ମଧ୍ୟ ବୈଧତା ସାବ୍ୟସ୍ତ କରିବା ପାଇଁ ମତଦାନ କେନ୍ଦ୍ରରେ ଧାଡ଼ି ଛିଡ଼ା କରାଯାଇଥିଲା। ଯଦି କୌଣସି ବିଜେପି ନେତାଙ୍କ ବୃଦ୍ଧ ମାତାପିତାଙ୍କ ଏଭଳି ଭାବେ ଧାଡ଼ିରେ ଛିଡ଼ା କରାଯିବ ତେବେ ତାଙ୍କୁ କେମିତି ଲାଗିବ ବୋଲି ଦିଦି ପ୍ରଶ୍ନ କରିଛନ୍ତି।

ମମତା ଅଭିଯୋଗ କରିଛନ୍ତି ଯେ ଏସଆଇଆର ପ୍ରକ୍ରିୟାରେ ବିନା କାରଣରେ ମନଇଚ୍ଛା ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯାଉଛି। ବିଧାନସଭା ନିର୍ବାଚନ ପୂର୍ବରୁ ହେଉଥିବା ଏହି ଏସଆଇଆର ଲୋକଙ୍କୁ ଡରାଇବାର ପ୍ରକ୍ରିୟା ପାଲଟି ଯାଇଛି। ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ କହୁଥିବା ଶ୍ରମିକଙ୍କ ସହ ଭେଦଭାବ କରାଯାଉଛି। ମୋତେ ଜୀବନରୁ ମାରିଦେଲେ ବି ମାତୃଭାଷା କହିବା ବନ୍ଦ କରିବି ନାହିଁ ବୋଲି ଦିଦି କହିଛନ୍ତି। ସେହିପରି ଦିଦି କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବିଜେପି ଲୋକଙ୍କୁ ନିଜ ଆଡକୁ ଟାଣିବା ପାଇଁ ପ୍ରଲୋଭନ ଦେଖାଉଛି। ଜିତିବା ପରେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବୋଲି ଦିଦି କହିଛନ୍ତି। ନିର୍ବାଚନ ପୂର୍ବରୁ ୧୦ ହଜାର ଟଙ୍କା ଲେଖାଏଁ ଦେଇ ପରେ ବୁଲ୍‌ଡୋଜର ଚଲାଉଛି। ଅତ୍ୟାଚାର ଦ୍ୱାରା କୌଣସି ଫଳାଫଳ ବାହାରିବ ନାହିଁ ବୋଲି ମମତା ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ଏସଆଇଆର ଉପରେ ଶୁଣାଣି ଜାରି ରହିଛି। ଫର୍ମ କିମ୍ବା ପ୍ରମାଣପତ୍ରରେ ତ୍ରୁଟି ଥିବା ବ୍ୟକ୍ତିଙ୍କୁ ଏଥିପାଇଁ ଡକାଯାଉଛି। ପୂର୍ବତନ ମନ୍ତ୍ରୀ କାନ୍ତି ଗଙ୍ଗୋପାଧ୍ୟାୟଙ୍କଠାରୁ ନେଇ ସାଂସଦ କାକଲି ଘୋଷ ଦସ୍ତିଦାରଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଡକାଯାଇଛି। ଏସଆଇଆର ମାଧ୍ୟମରେ ଲୋକଙ୍କୁ ହଇରାଣ କରାଯାଉଛି ବୋଲି ଟିଏମସି ଅଭିଯୋଗ କରିଆସୁଛି। ବିନା ଯୋଜନାରେ ଭୁଲ ଭାବେ ଏହା କରାଯାଉଥିବା ମମତା ଅଭିଯୋଗ କରିଛନ୍ତି। ରାଜ୍ୟର ଦାବି ପୂରଣ ନ ହେଲେ ଏସଆଇଆର ପ୍ରକ୍ରିୟାକୁ ନିଲମ୍ବିତ କରିଦିଆଯିବ ବୋଲି ମମତା କହିଛନ୍ତି।

## ଏସ୍‌ଆଇଆର୍ ଫର୍ମରେ ତ୍ରୁଟି: ମହମ୍ମଦ ସାମିଙ୍କୁ ନୋଟିସ



କୋଲକାତା, ୫।୧ (ଏଜେନ୍ସି): କ୍ରିକେଟର ମହମ୍ମଦ ସାମିଙ୍କୁ ନିର୍ବାଚନ କମିଶନ (ଇସି) ନୋଟିସ ଜାରି କରିଛନ୍ତି। ସାମି ଏବଂ ତାଙ୍କ ଭାଇ ମହମ୍ମଦ କୈଫଙ୍କ ଏସଆଇଆର ଫର୍ମରେ ତ୍ରୁଟି ଥିବା ଜଣାପଡ଼ିଛି। ଏଥିପାଇଁ ଦୁଇ ଭାଇଙ୍କୁ ଡକରା ପଠାଯାଇଥିବା ସୂଚନା ମିଳିଛି। ଏ ପର୍ଯ୍ୟନ୍ତ ଏହି ନୋଟିସକୁ ନେଇ ଇସି କିମ୍ବା ସାମିଙ୍କ ପକ୍ଷରୁ କୌଣସି ବିବୃତ୍ତି ଦିଆଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ସାମିଲଙ୍କ ଏନ୍ୟୁମେରେସନ ଫର୍ମରେ ପ୍ରୋଜେନି ମ୍ୟାପିଂ ଏବଂ ସେଲ୍ଫ ମ୍ୟାପିଂ ସମ୍ବନ୍ଧିତ ତ୍ରୁଟି ରହିଛି। ଏହା ପରେ ଦକ୍ଷିଣ କୋଲକାତାର ୱାର୍ଡ ନମ୍ବର ୯୩ରୁ ନୋଟିର ଜାରି କରାଯାଇଛି। ଏଥିରେ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଏରୋ)ଙ୍କ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି। କୋଲକାତା ମହାନଗର ନିଗମର ୱାର୍ଡ ନମ୍ବର ୯୩ର ଭୋଟର ଭାବେ ମହମ୍ମଦ ସାମି ପଞ୍ଜୀକୃତ ହୋଇଛନ୍ତି। ଏହା ରାସବିହାରୀ ବିଧାନସଭା କ୍ଷେତ୍ର ଅଧୀନରେ ଆସୁଛି। ୨୦୨୪ରେ ହୋଇଥିବା ଲୋକସଭା ନିର୍ବାଚନରେ ଏହି ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ଉତ୍ତର ପ୍ରଦେଶ ଅମରୋହାର ନିଜ ପୈତୃକ ଗ୍ରାମରେ ଭୋଟ ଦେଇଥିଲେ। ଏବେ ସେ ବିଜୟ ହଜାରେ ଟ୍ରଫିରେ ବ୍ୟସ୍ତ ଅଛନ୍ତି।

# ଏଥର ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ଗ୍ରୀନ୍‌ଲାଣ୍ଡ



**ୱାସିଂଟନ,୫ ।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ନିୟନ୍ତ୍ରଣରେ ରଖିବା ପାଇଁ ତାଙ୍କ ଇଚ୍ଛାକୁ ଦୋହରାଇଛନ୍ତି। କିନ୍ତୁ ଏହା ସ୍କାଣ୍ଡିନେଭିଆନ ଦେଶ ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ନେତାଙ୍କୁ କ୍ରୋଧିତ କରିଛି। ଗ୍ରୀନ୍‌ଲାଣ୍ଡ ହେଉଛି ଡେନମାର୍କର ଏକ ସ୍ୱୟଂଶାସିତ ଅଞ୍ଚଳ। ସୋମବାର ଏୟାରଫୋର୍ସ ୱାନ୍‌ରେ ସାମ୍ବାଦିକଙ୍କ ସହ କଥା ହେବା ବେଳେ ଟ୍ରମ୍ପ କହିଛନ୍ତି ଯେ, ଆମେରିକାର ଜାତୀୟ ସୁରକ୍ଷା ପାଇଁ ଗ୍ରୀନ୍‌ଲାଣ୍ଡ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଠାରେ ରୁଷିଆ ଓ ଚୀନ ଜାହାଜର ଉପସ୍ଥିତି ଏକ ଚିନ୍ତାର ବିଷୟ। ଆମକୁ ଗ୍ରୀନଲାଣ୍ଡର ଆବଶ୍ୟକତା ରହିଛି। ଏହା ରଣନୈତିକ ଦୃଷ୍ଟିକୋଣରୁ ମହତ୍ୱପୂର୍ଣ୍ଣ। ଡେନମାର୍କ ଏହାକୁ ସମ୍ଭାଳିବାରେ ଅସମର୍ଥ ବୋଲି ଟ୍ରମ୍ପ କହିଥିଲେ। ପୂର୍ବରୁ 'ଦି ଆଟଲାଣ୍ଟିକ' ପତ୍ରିକା ସହ ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ପ୍ରତିରକ୍ଷା ଉଦ୍ଦେଶ୍ୟରେ ଆମେରିକାକୁ ଗ୍ରୀନଲାଣ୍ଡର ନିହାତି ଆବଶ୍ୟକତା ରହିଛି। ତେବେ ଏହାକୁ ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡେରିକ୍ସେନ କଡ଼ା ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ଗ୍ରୀନ୍‌ଲାଣ୍ଡକୁ ମିଶାଇବା ପାଇଁ ଆମେରିକାର ମନ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ଅବାନ୍ତର।


ସେହିପରି ଗ୍ରୀନଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡେରିକ ନେଲସେନ ଟ୍ରମ୍ପଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ଓ ଏହା ଅପମାନଜନକ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ଆମେରିକା ଓ ଡେନମାର୍କ ପରସ୍ପରର ସହଯୋଗୀ ରହିଆସିଛନ୍ତି। ଏହି ଦୁଇ ଦେଶ ସାମାରିକ ମେଣ୍ଟ ନାଟୋର ପ୍ରତିଷ୍ଠାତା ସଦସ୍ୟ ଥିଲେ।

# 'ଭେନେଜୁଏଲାକୁ ଆମେରିକା କଥାରେ ଚାଲିବାକୁ ପଡ଼ିବ'

ୱାସିଂଟନ,୫ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାର ନବନିଯୁକ୍ତ ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗ୍ୱେଜଙ୍କୁ ଧମକ ଦେଇଛନ୍ତି। ଯଦି ଡେଲସି ଆମ କଥା ନ ଶୁଣନ୍ତି ତେବେ ଭୟଙ୍କର ପରିଣତି ଭୋଗିବେ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଡେଲସି ଭେନେଜୁଏଲା ପାଇଁ ଆମେରିକା ଯାହା ଠିକ ମନେକରେ ତାହା ନ କରନ୍ତି, ତେବେ ତାଙ୍କ ଅବସ୍ଥା ମାଦୁରୋଙ୍କ ଅପେକ୍ଷା ଆହୁରି ଖରାପ ହୋଇପାରେ। 'ଦି ଆଟଲାଣ୍ଟିକ' ପତ୍ରିକାକୁ ସାକ୍ଷାତକାର ଦେବା ଅବସରରେ ଟ୍ରମ୍ପ ଏହା କହିଛନ୍ତି। ପୂର୍ବରୁ 'ନ୍ୟୁୟର୍କ ପୋଷ୍ଟ' ସହ ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ଯଦି ରୋଡ୍ରିଗ୍ୱେଜ ଆମେରିକାର କଥା ଅନୁସାରେ ଚାଲନ୍ତି ତେବେ, ଭେନେଜୁଏଲାରେ ଆମେରିକା ସୈନ୍ୟ ମୁତୟନ କରିବାର କୌଣସି ଆବଶ୍ୟକତା ନାହିଁ। ଭେନେଜୁଏଲା ଉପରେ ଆମେରିକା ଆକ୍ରମଣରେ ୩୨ ଜଣ କ୍ୟୁବା ଅଧିକାରୀ ମୃତ୍ୟୁବରଣ କରିଛନ୍ତି ବୋଲି କ୍ୟୁବା ସରକାର ସୂଚନା ଦେଇଛନ୍ତି।

ଅନ୍ୟପଟେ ଡେଲସି ମାଦୁରୋଙ୍କୁ କ୍ଷମତାରୁ ହଟାଇବା ପ୍ରକ୍ରିୟାକୁ ସମାଲୋଚନା କରିଛନ୍ତି ଓ ଆମେରିକା ତାଙ୍କୁ ଫେରାଇବା ପାଇଁ ଦାବି କରିଛନ୍ତି। ସେ ଆମେରିକାକୁ ସହଯୋଗ କରିବା ପାଇଁ ଅପିଲ କରିଛନ୍ତି। ଭେନେଜୁଏଲା ବିକାଶ ଓ ଶାନ୍ତି ପାଇଁ ଆମେରିକା ସହ ଏକ ସହଯୋଗୀ ଏଜେଣ୍ଡା ଗଠନ କରିବାକୁ ଚାହେଁ। ଆମ ଲୋକ ଯୁଦ୍ଧ ନୁହଁ, ଶାନ୍ତି ଓ କଥାବାର୍ତ୍ତାର ହକ୍‌ଦାର। ମାଦୁରୋ ମଧ୍ୟ ଏହି ବାର୍ତ୍ତା ଦେବାକୁ ଚାହୁଁଥିଲେ ବୋଲି ସେ କହିଛନ୍ତି। ସେପଟେ ଭେନେଜୁଏଲାରେ ଆମେରିକାର ଆକ୍ରମଣ ପରେ ଜାତିସଂଘ ନିରାପତ୍ତା ପରିଷଦରେ ଜରୁରୀକାଳୀନ ବୈଠକ ଡକାଯାଇଛି। ଏହି ବୈଠକରେ ଆମେରିକାକୁ ଚୀନ୍, ରୁଷ, ଭେନେଜୁଏଲା ତୀବ୍ର ନିନ୍ଦା କରି ମାଦୁରୋଙ୍କ ମୁକ୍ତି ଦାବି କରିଛନ୍ତି।

# ଆମେରିକା କୋର୍ଟରେ ମାଦୁରୋ: 'ଅପହରଣ କରାଯାଇଛି'



**ନୂଆଦିଲ୍ଲୀ,୫ ।୧(ଏଜେନ୍ସି):** ଭେନେଜୁଏଲାର ପୂର୍ବତନ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆଜି ନ୍ୟୁୟର୍କର ଏକ କୋର୍ଟରେ ହାଜର କରାଯାଇଛି। ଆମେରିକା ଲଗାଇ ଥିବା ସମସ୍ତ ଅଭିଯୋଗକୁ କୋର୍ଟରେ ମାଦୁରୋ ଖଣ୍ଡନ କରିଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା ମୋତେ ଅପହରଣ କରି ଆଣିଛି। ମୁଁ ଜଣେ ଭଦ୍ର ବ୍ୟକ୍ତି। ଏବେ ବି ମୁଁ ଭେନେଜୁଏଲା ରାଷ୍ଟ୍ରପତି ଅଛି। ମୋ ବିରୋଧରେ ଆମେରିକା ସମ୍ପୂର୍ଣ୍ଣ ମିଥ୍ୟା ଅଭିଯୋଗ ଲଗାଇଛି। ଏହି ଆରୋପକୁ ଆମେରିକାର କୌଣସି କୋର୍ଟ ସାବ୍ୟସ୍ତ କରିନାହାନ୍ତି। ସେହିପରି ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସ ମଧ୍ୟ ନିଜକୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ କହିଛନ୍ତି। ସୂଚନା ଅନୁଯାୟୀ ଆମେରିକା ମାଦୁରୋଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟ ଚାଲାଣ ମାମଲା ଚଳାଇଛି। ଏଥିପାଇଁ ଭେନେଜୁଏଲାରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାତି ଅଧିଆ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଆମେରିକା ଉଠାଇ ଆଣିଥିବା କହିଛି। ଏହା ପୂର୍ବରୁ ମାଦୁରୋଙ୍କୁ ଏକ ହେଲିକପ୍ଟରରେ କୋର୍ଟ ବାହାରକୁ ଅଣା ଯାଇଥିଲା। ସେଠାରୁ ଏକ ଭ୍ୟାନରେ ବସାଇ ସିଧା କୋର୍ଟ ନିଆଯାଇଥିଲା।

ଅନ୍ୟପକ୍ଷରେ ବହୁ ପୂର୍ବରୁ ଭାରତ ସହ ମାଦୁରୋଙ୍କ ସମ୍ପର୍କ ଥିଲା ବୋଲ ଜଣାପଡ଼ିଛି। ରାଜନୈତିକ ବିପର୍ଯ୍ୟୟ ପୁର୍ବରୁ ମାଦୁରୋ ପତ୍ନୀ ସିଲିଆ ଫ୍ଲୋରେସଙ୍କ ମାଧ୍ୟମରେ ଭାରତରେ ଆଧ୍ୟାତ୍ମିକତାର ସନ୍ଧାନ ପାଇଥିଲେ। ମାଦୁରୋ ଓ ଫ୍ଲୋରେସ ଉଭୟ ସତ୍ୟସାଇଙ୍କ ଅନୁଗାମୀ ଥିଲେ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ଥିଲେ। ଏକ ଖ୍ରୀଷ୍ଟିଆନ ପରିବାରରେ ଓ କ୍ୟାଥଲିକ୍ ଭାବେ ବଢ଼ିଥିବା ମାଦୁରୋ ବିବାହ ପୂର୍ବରୁ ଫ୍ଲୋରେସଙ୍କ ମାଧ୍ୟମରେ ସାଇବାବାଙ୍କ ସହ ଦେଖା କରିବାର ସୁଯୋଗ ପାଇଥିଲେ।

## ଆମେରିକାରେ ଭାରତୀୟ ମହିଳାଙ୍କୁ ହତ୍ୟା

**ୱାସିଂଟନ,୫ ।୧(ଏଜେନ୍ସି):** ଆମେରିକାରେ ଗୋଟିଏ ପରେ ଗୋଟିଏ ଭାରତୀୟଙ୍କ ହତ୍ୟା ଖବର ସାମ୍ନାକୁ ଆସୁଛି। ଏବେ ଆମେରିକାରେ ଆଉ ଜଣେ ଭାରତୀୟ ମହିଳାଙ୍କୁ ହତ୍ୟା କରାଯାଇଛି। ନୂଆବର୍ଷରୁ ନିଖୋଜ ଥିବା ଜଣେ ଭାରତୀୟ ମହିଳାଙ୍କ ମୃତଦେହ ଆମେରିକାର ମେରିଲାଣ୍ଡରେ ତାଙ୍କ ପୂର୍ବତନ ପ୍ରେମିକଙ୍କ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଛି। ମହିଳାଙ୍କ ଶରୀରରେ ଛୁରି ମାଡ଼ର ଚିହ୍ନ ରହିଛି। ଏହି ମାମଲାରେ ପୁଲିସ ତାଙ୍କ ପୂର୍ବତନ ପ୍ରେମିକଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲା। ହାୱାର୍ଡ କାଉଣ୍ଟି ପୁଲିସ ଅନୁଯାୟୀ ୨୭ ବର୍ଷୀୟା ନିକିତା ଗୋଦିଶାଲାଙ୍କ ମୃତଦେହ କଲମ୍ବିଆ ଅଞ୍ଚଳରେ ତାଙ୍କ ପୂର୍ବତନ ପ୍ରେମିକ ଅର୍ଜୁନ ଶର୍ମାଙ୍କ ଆପାର୍ଟମେଣ୍ଟରୁ ମିଳିଛି। ପୁଲିସ ଅର୍ଜୁନ ଶର୍ମାଙ୍କ ବିରୋଧରେ ପ୍ରଥମ ଓ ଦ୍ୱିତୀୟ ଡିଗ୍ରୀ ହତ୍ୟା ପାଇଁ ଗିରଫ ୱରେଣ୍ଟ ଜାରି କରିଥିଲା। ଏବେ ଇଣ୍ଟରପୋଲ ସହାୟତାରେ ଅର୍ଜୁନକୁ ତାମିଲନାଡୁରୁ ଗିରଫ କରାଯାଇଛି। ଅର୍ଜୁନ ଚଣ୍ଡିଗଡ଼ର ଓ ନିକିତା ତେଲଙ୍ଗାନାର ହାଇଦରାବାଦ୍‌ର ବାସିନ୍ଦା ବୋଲି କୁହାଯାଇଛି। ନିକିତା ଇନଷ୍ଟାଗ୍ରାମ୍‌ରେ ବେଶ୍ ସକ୍ରିୟ ଥିଲେ। ପୁଲିସ କହିଛି ଯେ, ଜାନୁଆରୀ ୨ରେ ଅର୍ଜୁନ ଚତୁରତାର ସହ ନିକିତାଙ୍କ ନିଖୋଜ ହେବା ଖବର ରିପୋର୍ଟ କରିଥିଲେ। କିନ୍ତୁ ସେ ସେହିଦିନ ହିଁ ଆମେରିକାରୁ ଭାରତ ପଳିଆସିଥିଲେ। ଅର୍ଜୁନ ଡିସେମ୍ବର ୩୧ରେ ନିକିତାଙ୍କୁ ହତ୍ୟା କରିଥାଇପାରିନ୍ତି ବୋଲି ପୁଲିସ ସନ୍ଦେହ କରୁଛି।

# ଓଏନ୍‌ଜିସି ତେଲ କୂଅରୁ ଗ୍ୟାସ୍ ଲିକ୍



**ଆନ୍ଧ୍ରପ୍ରଦେଶ ଗାଁରେ ବ୍ୟାପକ ସ୍ଥାନାନ୍ତର**

**ହାଇଦରାବାଦ୍,୫ ।୧(ଏଜେନ୍ସି):** ଆନ୍ଧ୍ରପ୍ରଦେଶର କୋନାସୀମା ଜିଲ୍ଲାର ଏକ ଗାଁରେ ସୋମବାର ଓଏନ୍‌ଜିସିର ଏକ କାର୍ଯ୍ୟକାରୀ ତୈଳ କୂପରୁ ଗ୍ୟାସ୍ ଲିକ୍ ହେବା କାରଣରୁ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। କୋନାସୀମା ରଜୋଲ ଅଞ୍ଚଳର ଇରୁସୁମାଣ୍ଡା ଗାଁରେ ଏହି ତୈଳ କୂପ ଅବସ୍ଥିତ। କୂପରୁ ଅସ୍ଥାୟୀ ଭାବେ ଉତ୍ପାଦନ ବନ୍ଦ ହେବା ପରେ ଏକ ୱାର୍କଓଭର ରିଗ୍ ବ୍ୟବହାର କରି ମରାମତି କାର୍ଯ୍ୟ ଚାଲିଥିବା ସମୟରେ ଏହି ଘଟଣା ଘଟିଥିଲା। ମରାମତି ସମୟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଯୋଗୁଁ ଆଶୋଧିତ ତୈଳ ମିଶ୍ରିତ ବିପୁଳ ପରିମାଣର ଗ୍ୟାସ ନିର୍ଗତ ହୋଇଥିଲା ଓ ଏହା ଉପରକୁ ଉଠିଥିଲା। ସ୍ଥାନୀୟ ଅଧିକାରୀମାନଙ୍କ କହିବା ଅନୁଯାୟୀ ଲିକ୍ ହୋଇଥିବା ଗ୍ୟାସ ତୁରନ୍ତ ନିଆଁ ଧରିଥିଲା। ଫଳରେ ଘଟଣାସ୍ଥଳରେ ନିଆଁ ଲାଗିଯାଇଥିଲା। ଏହା ନିକଟସ୍ଥ ଗ୍ରାମବାସୀ ଓ କର୍ତ୍ତୃପକ୍ଷ ଉଭୟଙ୍କୁ ଚିନ୍ତିତ କରିଥିଲା। ଇରୁସୁମାଣ୍ଡା ଓ ଆଖପାଖ ଅଞ୍ଚଳରେ ଘନ କୁହୁଡି ପରି ଗ୍ୟାସ ଓ ଧୂଆଁର ଘନ ଚାଦର ବ୍ୟାପୀ ଯାଇଥିଲା। ଏହି ଘଟଣାରେ କୌଣସି ଲୋକ ମୃତାହତ ହେବାର କିମ୍ବା ଆହତ ହେବାର ସୂଚନା ମିଳିନାହିଁ।

ଏହାପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ପାଇଁ ସତର୍କତା ଜାରି କରାଯାଇଥିଲା। କର୍ତ୍ତୃପକ୍ଷ ଡାକବାଜୀ ଯନ୍ତ୍ରରେ ଗାଁ ଲୋକଙ୍କୁ ବିଦ୍ୟୁତ ଉପକରଣ ଚାଲୁ ନ କରିବା ପାଇଁ ଓ ଚୁଲି ନ ଜଳାଇବା ପାଇଁ ଘୋଷଣା କରିଥିଲେ। ପଞ୍ଚାୟତ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ଗାଁ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର ହେବାକୁ ଅନୁରୋଧ କରିଥିଲେ। ଫଳରେ ଅନେକ ବାସିନ୍ଦା ସେମାନଙ୍କ ଘରୁ ପଳାଇ ଯାଇଥିଲେ ଓ ସେମାନଙ୍କ ଗୋରୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଓଏନ୍‌ଜିସି କର୍ମଚାରୀମାନେ ଲିକ୍ ନିୟନ୍ତ୍ରଣ କରିବାକୁ ଘଟଣାସ୍ଥଳକୁ ଆସିଥିଲେ। ଏହି ଅଞ୍ଚଳକୁ ଘେରାବନ୍ଦୀ କରାଯାଇଥିବା ବେଳେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

## ଆମେରିକା ଉପ-ରାଷ୍ଟ୍ରପତି ଭାନ୍ସଙ୍କ ଘର ଉପରେ ଆକ୍ରମଣ

**ୱାସିଂଟନ, ୫।୧ (ଏଜେନ୍ସି):** ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଉପରେ ଆକ୍ରମଣ କରାଯାଇଛି। ଓହିଓ ରାଜ୍ୟର ସିନସିନାଟି ସ୍ଥିତ ଘରେ ରବିବାର ରାତି ୧୨ଟା ୧୫ରେ ହୋଇଥିବା ଏହି ଆକ୍ରମଣରେ ଝରକା ଭାଙ୍ଗି ଯାଇଛି। ଏହି ମାମଲାରେ ଜଣକୁ ଗିରଫ କରାଯାଇଛି। ମାତ୍ର ସେ ଉପ-ରାଷ୍ଟ୍ରପତିଙ୍କ ଘରେ ପ୍ରବେଶ କରି ନ ଥିଲେ ବୋଲି ଜଣାପଡ଼ିଛି। ଏବେ ପୁଲିସ ମାମଲାର ତଦନ୍ତ କରୁଛି। ଜଣେ ଆକ୍ରମଣ କରି ଦୌଡ଼ି ପଳାଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ପୁଲିସ ସୂଚନା ଅନୁଯାୟୀ, ଏହି ସମୟରେ ଉପ-ରାଷ୍ଟ୍ରପତି ଏବଂ ତାଙ୍କ ପରିବାର ସଦସ୍ୟ ଘରେ ନ ଥିଲେ।

ସେ ସପ୍ତାହେ ହେଲା ଏଠାରେ ରହୁଥିବାବେଳେ ରବିବାର ଦ୍ୱିପହରେ ରାଜଧାନୀ ଫେରିଥିଲେ। ସେ ଏହି ଘରେ ୧୪ ଲକ୍ଷ ଡଲାର ଖର୍ଚ୍ଚ କରିଛନ୍ତି। ୨.୩ ଏକର ଜାଗାରେ ତାଙ୍କ ଘର ରହିଛି। ଜାଣିଶୁଣି ଏଭଳି ଆକ୍ରମଣ କରାଯାଇଛି କି ଏହା ପଛରେ ଆଉ କୌଣସି କାରଣ ଅଛି ତାହା ଜାଣିବା ପାଇଁ ପ୍ରୟାସ ଜାରି ରହିଛି। ଏହାକୁ ନେଇ ହ୍ୱାଇଟ ହାଉସ ଏବଂ ସିକ୍ରେଟ ସର୍ଭିସ ପକ୍ଷରୁ ସୂଚନା ମଗାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ।

## ବାଂଲାଦେଶରେ ହିନ୍ଦୁ ସାମ୍ବାଦିକଙ୍କୁ ଗୁଳି କରି ହତ୍ୟା, ବିଧବାଙ୍କୁ ଗଣଦୁଷ୍କର୍ମ

ଢାକା, ୫।୧ (ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ବିରୋଧୀ ହିଂସା ଥମିବାର ନା ଧରୁନି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ସରକାର ଚୁପ ହୋଇ ବସିଥିବାବେଳେ ଚରମପନ୍ଥୀ ମାନେ ଆଉ ଜଣେ ହିନ୍ଦୁ ବ୍ୟବସାୟୀ ତଥା ଖବରକାଗଜର କାର୍ଯ୍ୟନିର୍ବାହୀ ସମ୍ପାଦକଙ୍କୁ ହତ୍ୟା କରିଥିବାବେଳେ ଅନ୍ୟ ଜଣେ ବିଧବାଙ୍କୁ ଗଣଦୁଷ୍କର୍ମ କରିଛନ୍ତି। ସୂଚନା ଅନୁଯାୟୀ, ମଣିପାରମପୁରର କୋପାଲିଆ ବଜାରରେ ରାଣା ପ୍ରତାପଙ୍କ ବରଫ କାରଖାନା ରହିଛି। ସନ୍ଧ୍ୟାରେ ତାଙ୍କୁ କିଛି ଲୋକ କାରଖାନା ବାହାରକୁ ଡାକି ଆଣି ଗୁଳି କରି ହତ୍ୟା କରିଛନ୍ତି। ରାଣାଙ୍କ ଶରୀରରୁ ୭ ବୁଲେଟ ଉଦ୍ଧାର ହୋଇଛି। କିଛି ଚରମପନ୍ଥୀଙ୍କ ବିରୋଧରେ ରାଣା ପ୍ରତାପ ଅନେକ ମାମଲା ରୁଜୁ କରିଥିଲେ। ଅନ୍ୟପଟେ ଜଣେ ୪୫ ବର୍ଷୀୟା ହିନ୍ଦୁ ବିଧବା ମହିଳାଙ୍କୁ ଦୁଇଜଣ ଦୁଷ୍କର୍ମ କରିବା ପରେ ଗଛରେ ବାନ୍ଧି ବାଡ଼େଇଥିଲେ। ଏହି ଘଟଣା ଝେନାଇଦାହ ଜିଲ୍ଲାର କାଲିଗଞ୍ଜରେ ଘଟିଛି। ପୁଲିସ ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଓ ବାକି ଅଭିଯୁକ୍ତଙ୍କୁ ଖୋଜିବା ଜାରି ରଖିଛି। ପୀଡିତା ସୋମବାର ଦ୍ୱିପହରରେ କାଲିଗଞ୍ଜ ଥାନାରେ ୪ ଜଣ ଲୋକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ପୀଡିତାଙ୍କ ଚୁଟି ମଧ୍ୟ କାଟିଥିଲେ ଓ ପୂରା ଘଟଣାର ଭିଡିଓ ରେକର୍ଡ଼ିଂ କରିଥିଲେ। ମହିଳାଙ୍କ ସମ୍ପର୍କୀୟଙ୍କୁ ଗୋଟିଏ ଘରେ ବନ୍ଦ କରି ଅଭିଯୁକ୍ତମାନେ ତାଙ୍କୁ ଅନ୍ୟ ଏକ ଘରେ ଦୁଷ୍କର୍ମ କରିଥିଲେ। ମହିଳା ଜଣକ ନିଜର ୧୦ ବର୍ଷର ପୁଅ ସହ ସେହି ଗାଁରେ ରୁହନ୍ତି। ଶନିବାର ରାତିରେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ପାଇ ସ୍ଥାନୀୟ ଲୋକ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଆକ୍ରମଣ କରିନି: ଟ୍ରମ୍ପ

**ୱାସିଂଟନ,୫ ।୧(ଏଜେନ୍ସି):** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଥିବା ଦାବିକୁ ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ୱୀକାର କରିଛନ୍ତି। ଗତ ସପ୍ତାହରେ ୟୁକ୍ରେନ ପୁଟିନଙ୍କ ବାସଭବନକୁ ଟାର୍ଗେଟ କରି ଡ୍ରୋନ୍ ଆକ୍ରମଣ କରି ନ ଥିଲା ବୋଲି ସେ କହିଛନ୍ତି। ଆମେରିକାର ଜାତୀୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି। ତେଣୁ ଏଭଳି ଆକ୍ରମଣ ହୋଇଥିବା ମୁଁ ବିଶ୍ୱାସ କରେନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଗତ ସପ୍ତାହରେ ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭାରୋଭ ଦାବି କରିଥିଲେ ଯେ, ୟୁକ୍ରେନ ଉତ୍ତର-ପଶ୍ଚିମ ନୋଭୋଗୋରାଡ ଅଞ୍ଚଳରେ ଥିବା ପୁଟିନଙ୍କ ସରକାରୀ ବାସଭବନ ଉପରେ ଡ୍ରୋନ ଆକ୍ରମଣ କରିଥିଲା। ଏହାକୁ ରୁଷିଆ ଅବଶ୍ୟ ପଣ୍ଡ କରିଥିଲା। ଚାଲିଥିବା ଶାନ୍ତି ଆଲୋଚନା ମଧ୍ୟରେ ୟୁକ୍ରେନର ଏପରି ପଦକ୍ଷେପ ଭୁଲ ଥିଲା ବୋଲି ଲାଭାରୋଭ କହିଛନ୍ତି। ଅବଶ୍ୟ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କି ଏହାକୁ ତୁରନ୍ତ ଖଣ୍ଡନ କରିଥିଲେ। ଏହା ସତ୍ତ୍ୱେ ଟ୍ରମ୍ପ ରୁଷିଆର ଦାବିକୁ ଗମ୍ଭୀରତା ସହ ଗ୍ରହଣ କରିଥିଲେ।

## ସମ୍ପତ୍ତି ପାଇଁ ବାପା, ଭଉଣୀ, ଭାଣିଜୀକୁ ହତ୍ୟା

**ପ୍ରୟାଗରାଜ, ୫।୧ (ଏଜେନ୍ସି):** ଉତ୍ତର ପ୍ରଦେଶ ପ୍ରୟାଗରାଜର ମଉଆଇମା ଥାନା ଅନ୍ତର୍ଗତ ଲୋକପୁର ବିସାନି ଗାଁରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଏଠାରେ ସମ୍ପତ୍ତି ପାଇଁ ବାପା, ଭଉଣୀ ଏବଂ ଭାଣିଜୀକୁ ଅପହରଣ କରି ବଡ଼ ପୁଅ ହତ୍ୟା କରିଛି। ପରେ ମୃତଦେହକୁ ନେଇ କୂଅରେ ଫୋପାଡ଼ି ଦେଇଛି। ୧.୫ କୋଟିର ସମ୍ପତ୍ତି ପାଇଁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ବଡ଼ ପୁଅ ମୁକେଶ ପଟେଲ ଉପରେ କ୍ଷୁବ୍ଧ ହୋଇ ବାପା ରାମ ସିଂହ (୫୫) ୪.୫ ବିଘା ଜମି ଏବଂ ଘରକୁ ସାନ ପୁଅ ନାମରେ କରି ଦେଇଥିଲେ।

# ମଧ୍ୟପ୍ରଦେଶରେ ଘନ କୁହୁଡ଼ି; ୧୯ ଟି ଜିଲ୍ଲାରେ ସ୍କୁଲ୍ ବନ୍ଦ

- ୟୁପିରେ ୯ଟି ଗାଡ଼ି ଧକ୍କା; ୫ ମୃତ
- ଦିଲ୍ଲୀ ବିମାନ ବନ୍ଦରରେ ୭ ବିମାନ ବାତିଲ, ୩୬ ବିଳମ୍ବ

**ନୂଆଦିଲ୍ଲୀ,୫ ।୧(ଏଜେନ୍ସି):** ସାରା ଉତ୍ତର ଭାରତରେ ଶୀତଲହର ଜାରି ରହିଛି। ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡର ପର୍ବତମାଳାରେ ପ୍ରବଳ ତୁଷାରପାତ ଯୋଗୁ ଦେଶର ସମତଳ ଅଞ୍ଚଳରେ ମଧ୍ୟ ଥଣ୍ଡା ବୃଦ୍ଧି ପାଇଛି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଶୀତ ଲହରୀ ଓ ଘନ କୁହୁଡି ଅନୁଭୂତ ହୋଇଛି। ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଦୃଶ୍ୟମାନ କ୍ଷମତା ୨୦ ମିଟରରୁ କମ୍ ରହିଛି। ରାଜ୍ୟର ୧୯ଟି ଜିଲ୍ଲାରେ ପ୍ରବଳ ଶୀତ କାରଣରୁ ସ୍କୁଲ ବନ୍ଦ କରାଯାଇଛି। ଭୋପାଳ ଓ ଧାରରେ ସ୍କୁଲ ସମୟ ସକାଳ ୯.୩୦କୁ ପରିବର୍ତ୍ତନ କରାଯାଇଛି।

ଘନ କୁହୁଡି ଓ ତୁଷାରପାତ ଯୋଗୁ ଦେଶର ବିଭିନ୍ନ ଅଞ୍ଚଳରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ-ଏନ୍‌ସିଆରରେ ମଧ୍ୟ ଘନ କୁହୁଡି କାରଣରୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୭ଟି ବିମାନ ବାତିଲ ହୋଇଥିବା ବେଳେ ୩୬ଟି ବିମାନ ବିଳମ୍ବିତ ହୋଇଥିଲା। ଏୟାରଲାଇନ ଅପରେସନ ଓ ବିମାନ ବନ୍ଦର କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେପଟେ ଉତ୍ତରପ୍ରଦେଶରେ କୁହୁଡି ଯୋଗୁ ସୋମବାର ମୁଜାଫରନଗର ଓ ଆଗ୍ରା ସଡ଼କରେ ଦୁର୍ଘଟଣା ଘଟିଛି ଓ ଏଥିରେ ୯ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛନ୍ତି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି। ରାଜଧାନୀ ଲକ୍ଷ୍ନୌ ସମେତ ୧୦ଟି ସହରରେ ମେଘୁଆ ଆକାଶ ଏବଂ ୧୦ରୁ ୧୫ କିମି ବେଗରେ ଥଣ୍ଡା ପବନ ବହିଛି। ପ୍ରବଳ ତୁଷାରପାତ ଯୋଗୁଁ ସୋମବାର ଲଦାଖରେ ସମସ୍ତ ବିମାନ ଚଳାଚଳ ଅସ୍ଥାୟୀ ଭାବେ ବନ୍ଦ କରାଯାଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ୦.୬ ସେମିର ତୁଷାରପାତ ହୋଇଛି। ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୯.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଲଦାଖକୁ ପ୍ରତିଦିନ ୧୦ରୁ ୧୫ଟି ବିମାନ ଆସିଥାଏ ଓ ପ୍ରସ୍ଥାନ ମଧ୍ୟ କରିଥାଏ। ଅନ୍ୟପଟେ ରବିବାର ରାଜସ୍ଥାନରେ ଋତୁର ସବୁଠାରୁ ଥଣ୍ଡା ଦିନ ଓ ରାତି ଅନୁଭୂତ ହୋଇଛି। ଜଣାଶୁଣା ଶୈଳନିବାସ ମାଉଣ୍ଟ ଆବୁରେ କ୍ରମାଗତ ତୃତୀୟ ଦିନ ପାଇଁ ତାପମାତ୍ରା ଶୂନ ତଳକୁ ଖସିଛି। ରାଜସ୍ଥାନର ୭ଟି ସହରରେ ରାତିର ତାପମାତ୍ରା ୫ ଡିଗ୍ରୀ ତଳକୁ ଖସିଛି। ଆଗାମୀ ସପ୍ତାହରେ ଥଣ୍ଡା ଓ ଏହି ସ୍ଥିତି ବଜାୟ ରହିବ ବୋଲି ପାଣିପାଗ ବିଭାଗ ସତର୍କତା ଜାରି କରିଛି। କେଦାରନାଥରେ ଚଳିତ ଋତୁରେ ଦ୍ୱିତୀୟଥର ପାଇଁ ତୁଷାରପାତ ହୋଇଛି। ଫଳରେ ତାପମାତ୍ରା ବିଯୁକ୍ତ ୧୭ ଡିଗ୍ରୀରେ ପହଞ୍ଚିଛି। ଆଗାମୀ ଦୁଇ ଦିନରେ ପଞ୍ଜାବ, ହରିୟାଣା, ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଝାଡଖଣ୍ଡ, ଛତିଶଗଡ଼ରେ ଶୀତଲହର ଜାରି ରହିବ। ସେହିପରି ପାହାଡି ରାଜ୍ୟଗୁଡିକରେ ତୁଷାରପାତ ହେବ ବୋଲି ଅନୁମାନ କରାଯାଇଛି।

# ଶ୍ରୀନଅରରେ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ



ପୁରୀ, ୫ା୧ (ସମିସ): ପୁଷ୍ୟା ନକ୍ଷତ୍ର ଯୋଗରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ପୁଷ୍ୟାଭିଷେକ ଶ୍ରୀନଅରଠାରେ ସୋମବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଏଥିରେ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟି ପୂଜା ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଏବଂ ମହାରାଣୀଙ୍କ ବନ୍ଦାପନା ପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହ ଆଶୀର୍ବାଦ ଦେଇଥିଲେ। ବିଜେ କାହାଳୀ, ତେଲିଙ୍ଗୀ ବାଜା ଓ ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଥିଲା। ଏ ସମ୍ପର୍କରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ। ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ। ଏହାପରେ ଅଭିଷେକ ନୀତି ସମ୍ପନ୍ନ ହୁଏ। ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ। ଗଜପତି ଗାଦି ଘରକୁ ବିଜେ କରନ୍ତି। ଷୋଳଶାସନ ବ୍ରାହ୍ମଣମାନେ ଆଣିଥିବା ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥା'ନ୍ତି। ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥା'ନ୍ତି।

**ଶ୍ରୀଫଳ ଓ ପଇତା ସହ ଆଶୀର୍ବାଦ ଦେଲେ ଷୋଳ ଶାସନ ବ୍ରାହ୍ମଣ**

**ଏମିତି ଆମ ପୁଲିସ ବ୍ୟବସ୍ଥା**

# ମାଓ ଅଧ୍ୟୁଷିତ ଜିଲ୍ଲାରେ ନାହାନ୍ତି ସାଇଣ୍ଟିଫିକ୍ ଅଫିସର

ଭୁବନେଶ୍ୱର, ୫ ।୧(ସମିସ): ରାଜ୍ୟରେ ହତ୍ୟା, ହତ୍ୟା ଉଦ୍ୟମ, ଚୋରି ଓ ସିନ୍ଧି ଚୋରି ଘଟଣାରେ ରୋକ୍ ଲାଗୁନାହିଁ। ଏସବୁ ବାଦ୍ ଅନ୍ୟ ଅପରାଧ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏହି ସବୁ ମାମଲାରେ ସାଇଣ୍ଟିଫିକ୍ ତଦନ୍ତ ଗୁରୁତ୍ୱ ବହନ କରୁଥିବା ବେଳେ ମାଓ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଏଥିରେ ପଛରେ ପଡ଼ିଯାଇଛି। ଦିନ କି ମାସ ନୁହେଁ, ଦୀର୍ଘ ବର୍ଷ ହେବ ଜିଲ୍ଲାରେ ସାଇଣ୍ଟିଫିକ୍ ଅଫିସର୍ ନାହାନ୍ତି। ତଦନ୍ତ ବେଳେ ଆବଶ୍ୟକ ହେଲେ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରୁ ସହାୟତା ନିଆଯାଉଛି। ଏପରିସ୍ଥଳେ ତଦନ୍ତ ପ୍ରକ୍ରିୟା ଶିଥିଳ ହେଉଥିବା ବେଳେ ସମୟେ ସମୟେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଗଞ୍ଜେଇପ୍ରବଣ କନ୍ଧମାଳରେ ସାଇଣ୍ଟିଫିକ୍ ଅଫିସର ନିଯୁକ୍ତି ନଦେବାକୁ ନେଇ ରାଜ୍ୟ ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି।

କନ୍ଧମାଳ ଜିଲ୍ଲାରେ ୧୭ଟି ଥାନା ରହିଥିବା ବେଳେ ବ୍ୟାପକ ପରିମାଣର ବେଆଇନ ଗଞ୍ଜେଇ ଚାଷ ହେଉଛି। ଏହାବାଦ୍, କଥାକଥାକେ ମାରପିଟ୍, ହତ୍ୟାଠାରୁ ଆରମ୍ଭ କରି ଦୁର୍ଘଟଣା ଓ ସିନ୍ଧି ଚୋରି ଜିଲ୍ଲା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ୧୭୬(୩) ଅନୁଯାୟୀ, ଯେଉଁ ଅପରାଧର ସଜା ୭ବର୍ଷ କିମ୍ବା ତା' ଠାରୁ ଅଧିକ, ସେହି ମାମଲାଗୁଡ଼ିକରେ ସାଇଣ୍ଟିଫିକ୍ ଅଫିସର୍ମାନେ ଘଟଣାସ୍ଥଳକୁ ଯାଇ ଫଟୋ ଓ ଭିଡିଓ ସଂଗ୍ରହ କରିବା ସହ ତଦନ୍ତ କରିବା ବାଧ୍ୟତାମୂଳକ ବୋଲି ଉଲ୍ଲେଖ ରହିଛି। ହେଲେ ଏପରି କ୍ଷେତ୍ରରେ ମାଓ ଏବଂ ଗଞ୍ଜେଇପ୍ରବଣ ଜିଲ୍ଲା କନ୍ଧମାଳରେ ସାଇଣ୍ଟିଫିକ୍ ଅଫିସର ପଦବୀ ଖାଲି ପଡ଼ିଛି। କୌଣସି ଘଟଣା ଘଟିଲେ ସାଇଣ୍ଟିଫିକ୍ ତଦନ୍ତ ପାଇଁ ପୁଲିସକୁ ନୟାନ୍ତ ହେବାକୁ ପଡୁଥିବା ବେଳେ ଏଥିଲାଗି ପଡ଼ୋଶୀ ଜିଲ୍ଲାକୁ ନିର୍ଭର କରୁଛି। ଘଟଣା ଘଟିଥିବା ଥାନାଟି ଯେଉଁ ଜିଲ୍ଲା ପାଖରେ ରହିଛି, ସେଇ ଜିଲ୍ଲା ପୁଲିସକୁ ଅନୁରୋଧ ପତ୍ର ଦେଇ ସାଇଣ୍ଟିଫିକ୍ ଟିମ୍ ମଗାଯାଉଛି। ମୋଟାମୋଟି କହିବାକୁ ଗଲେ, ସାଇଣ୍ଟିଫିକ୍ ତଦନ୍ତ ଆବଶ୍ୟକ ହେଲେ ଗଞ୍ଜାମ, ବୌଦ୍ଧ, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ଉପରେ ନିର୍ଭର କରୁଛି କନ୍ଧମାଳ ପୁଲିସ। ସଂପୃକ୍ତ ଜିଲ୍ଲାଗୁଡ଼ିକର ସାଇଣ୍ଟିଫିକ୍ ଟିମ୍ କୌଣସି ଘଟଣାରେ ନିୟୋଜିତ ଥିଲେ ଆସିବାରେ ବିଳମ୍ବ ହେଉଛି। ସମସ୍ୟା କେବଳ ଏତିକିରେ ସୀମିତ ନାହିଁ, ହତ୍ୟାକାଣ୍ଡ ଘଟିଥିଲେ ସାଇଣ୍ଟିଫିକ୍ ଟିମ୍ ଆସିବା ପର୍ଯ୍ୟନ୍ତ ମୃତଦେହ ପଡ଼ି ରହୁଥିବା ବେଳେ ପୁଲିସ ରାତି ତମାମ ଜଗି ରହୁଛି। ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଅନେକ ସମୟରେ ପୁଲିସ ଲୋକମାନଙ୍କ ଆକ୍ରୋଶର ଶିକାର ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ସାଇଣ୍ଟିଫିକ୍ ତଦନ୍ତ ବିଳମ୍ବ ହେଉଥିବାରୁ ଅଭିଯୁକ୍ତକୁ ଚିହ୍ନଟ କରିବାଠାରୁ ଆରମ୍ଭ କରି ଗିରଫ କରିବା ପର୍ଯ୍ୟନ୍ତ, ସବୁକିଛି ପ୍ରଭାବିତ ହେଉଛି। ଦୀର୍ଘବର୍ଷ ଧରି ସାଇଣ୍ଟିଫିକ୍ ଅଫିସର ନଥିବାବେଳେ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉନାହିଁ।

- **ଅଧିକାରୀ ପାଇଁ ୪ ଜିଲ୍ଲାକୁ ନିର୍ଭର**
- **ଦିନ ଦିନ ଧରି ପଡ଼ି ରହୁଛି ମୃତଦେହ**
- **ଶିଥିଳ ହେଉଛି ତଦନ୍ତ ପ୍ରକ୍ରିୟା**

# ବାଲି ଧରପଗଡ଼ ବେଳେ ପୁଲିସକୁ ଆକ୍ରମଣ

ଜଗତସିଂହପୁର/ତିର୍ତ୍ତୋଲ, ୫।୧(ସମିସ): ଜଗତସିଂହପୁର ଜିଲ୍ଲାର କ୍ରିଷ୍ଣାନନ୍ଦପୁର ଥାନା ଅଧୀନସ୍ଥ ମହାନଦୀ ପଠାରୁ ବାଲି ଚୋରାଚାଲାଣ ରୋକିବାକୁ ପୁଲିସ ଚଢ଼ଉ ବେଳେ ଅଘଟଣ ଘଟିଛି। ବାଲିମାଫିଆଙ୍କ ଢେଲା ମାଡ଼ରେ ପୁଲିସ ଗାଡ଼ିର କାଚ ଭାଙ୍ଗିଥିବା ଅଭିଯୋଗ ହୋଇଛି। ତିର୍ତ୍ତୋଲ ଏସ୍ଡିପିଓ ଚିନ୍ମୟ ରାଉତଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଗତ ୧ ତାରିଖ ବିଳମ୍ବିତ ରାତିରେ ମହାନଦୀରୁ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ କ୍ରିଷ୍ଣାନନ୍ଦପୁର ପୁଲିସ ସେଠାରେ ଚଢ଼ଉ କରିଥିଲା। ୩ଟି ଟ୍ରାକ୍ଟର୍ ଜବତ କରିବା ସହିତ ଜଣେ ଡ୍ରାଇଭରକୁ କାବୁ କରିଥିଲା। ତେବେ ଅନ୍ଧାର ରାତିର ସୁଯୋଗ ନେଇ ଅନ୍ୟ ମାଫିଆମାନେ ପୁଲିସ ଉପରକୁ ଢେଲା ପଥର ମାଡ଼ କରିଥିଲେ। ଏଥିରେ ଗାଡ଼ିର କାଚ ଭାଙ୍ଗିଥିବା ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯିବା ସହିତ ଅଟକ ଥିବା ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି।




# ସି ଭି ରମଣ ପୁରସ୍କାର ପାଇବେ ୪ ଓଡ଼ିଆ

ଭୁବନେଶ୍ୱର, ୫ ।୧(ସମିସ): ସି ଭି ରମଣ ସମ୍ମାନ ଚୟନ ପରିଷଦ ପକ୍ଷରୁ ୨୦୨୬ ବର୍ଷ ପାଇଁ 'ସିଭି ରମଣ ପୁରସ୍କାର' ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ଚାରିଜଣ ଓଡ଼ିଆ ମନୋନୀତ ହୋଇଛନ୍ତି। ପଦାର୍ଥ ବିଜ୍ଞାନ ଗବେଷଣା କ୍ଷେତ୍ରରେ ମୁମ୍ବାଇସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ରର ପୂର୍ବତନ ବରିଷ୍ଠ ବୈଜ୍ଞାନିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଶୋକ ଦାସ, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଭୁବନେଶ୍ୱର ଏମସ୍ର ପ୍ରଫେସର ତୁଷାର ସୁଭଦର୍ଶନ ମିଶ୍ର, ଇଂଜିନିୟରିଂ ଶିକ୍ଷା କ୍ଷେତ୍ରରେ ୱାରାଙ୍ଗଲ ସ୍ଥିତ ଏନ୍ଆଇଟିର ସହକାରୀ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କୁ ଯୁବ ବିଜ୍ଞାନୀ ପୁରସ୍କାର ଓ ପଶ୍ଚିମବଙ୍ଗ ଏମସ୍ କଲ୍ୟାଣୀରୁ ପ୍ରଥମ ବର୍ଷର ଛାତ୍ର ଅରବିନ୍ଦ ସାହୁ ଏହି ପୁରସ୍କାର ପାଇବେ।

**ପାଇକ ଡାକୁଲୁଗୁଡା ସ୍କୁଲ୍ରେ ଅଘଟଣ**

# ସହପାଠୀଙ୍କ ଦେହରେ ନିଆଁ ଲଗାଇଦେଲା

ବିଷମକଟକ, ୫ା୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ପାଇକ ଡାକୁଲୁଗୁଡାସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏକ ଅଘଟଣ ଘଟିଛି। ନିଆଁରେ ପୋଡ଼ି ୪ ଛାତ୍ର ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୩ଟାରେ ସ୍କୁଲର କିଛି ଛାତ୍ର ପରିସ୍ରା କରିବାକୁ ଯାଇଥିଲେ। ସେହି ସମୟରେ ବିଦ୍ୟାଳୟର ଜଣେ ଛାତ୍ର ୪ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ଦିଆସିଲି ମାରି ନିଆଁ ଲଗାଇ ଦେଇଥିଲେ। ଫଳରେ ସେମାନେ ପୋଡ଼ି ଯାଇଥିଲେ। ଖବର ପାଇ ବିଦ୍ୟାଳୟ ଶିକ୍ଷକମାନେ ୪ ଛାତ୍ରଙ୍କୁ ଉଦ୍ଧାର କରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ସ୍ଥାନୀୟ ଖ୍ରୀଷ୍ଟିଆନ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**୪ ଛାତ୍ର ଗୁରୁତର**



ଆହତମାନଙ୍କ ମଧ୍ୟରେ ସପ୍ତମ ଶ୍ରେଣୀର ବିରାଜ ଟାକ୍ରିଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଅନ୍ୟ ଆହତମାନେ ହେଲେ, ସପ୍ତମ ଶ୍ରେଣୀର ନଳିନ ହୁଇକା, ରୋହିତ ଖରା ଏବଂ ପଞ୍ଚମ ଶ୍ରେଣୀ ଛାତ୍ର ସୁଦାବ ବାଘ। କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା, ସେ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ଚନ୍ଦନ କଲକାଙ୍କୁ ଯୋଗାଯୋଗ କରାଯିବାରେ ସେ ଅନ୍ୟ ଶିକ୍ଷକଙ୍କୁ ପ୍ରଚାରି ଏ ସମ୍ପର୍କରେ ଅବଗତ ହେବେ ବୋଲି କହିଥିଲେ। ଅପରପକ୍ଷେ ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲରେ ଏତେ ବଡ଼ ଘଟଣା ଘଟିଥିବା ବେଳେ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ସେ ନେଇ ପ୍ରଶ୍ନ କରିଛନ୍ତି।

# ଜଳପ୍ରପାତରେ ପଡ଼ି ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି/ମୋହନା, ୫ ।୧(ସମିସ): ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ମାଙ୍କଡ଼ଡିଆଁ ଜଳପ୍ରପାତରେ ପଡ଼ି ପାରଳାଖେମୁଣ୍ଡି ସହରର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ପାରଳାଖେମୁଣ୍ଡି ପୌରପରିଷଦ ୱାର୍ଡ ନମ୍ବର-୬ ଅନ୍ତର୍ଗତ ସେରିମାଦିକା ସାହିର କଲ୍ୟାଣ ସତୀଶ କୁମାର (୨୫)। ସାଙ୍ଗମାନଙ୍କ ସହ ସେ ରବିବାର ଦିନ ଆର୍.ଉଦୟଗିରି ବ୍ଲକର ମାଙ୍କଡଡିଆଁ ଜଳପ୍ରପାତକୁ ବଣଭୋଜି ନିମନ୍ତେ ଯାଇଥିଲେ। ସାଙ୍ଗସାଥୀଙ୍କ ସହ ଗାଧୋଉଥିବା ବେଳେ ତାଙ୍କର ଗୋଡ଼ ଖସିଯିବାରୁ ସେ ଗଭୀର ଜଳରାଶିରେ ପଡ଼ି ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ଆର୍.ଉଦୟଗିରି ପୁଲିସ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ପାଇନଥିଲା। ଆଜି ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ସକାଳ ୮ଟାରେ ତାଙ୍କର ମୃତଦେହ ଅଗ୍ନିଶମବାହିନୀଙ୍କ ଦ୍ୱାରା ଉଦ୍ଧାର ହୋଇଥିଲା। ଆର୍. ଉଦୟଗିରି ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ କଲ୍ୟାଣଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୬ତମ ପାଳି**

# ୧୫ ପାଳି ସୁଦ୍ଧା ୯୫ ପ୍ରତିଶତ ଅଭିଯୋଗର ସମାଧାନ

ଭୁବନେଶ୍ୱର,୫ା୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୬ ତମ ଅଭିଯୋଗ ଶୁଣାଣିରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଛନ୍ତି। ସବୁଥର ପରି ମୁଖ୍ୟମନ୍ତ୍ରୀ ଆଜି ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ।

- **ଆଜି ସୁଦ୍ଧା ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି**
- **୭ଜଣ ମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଲେ**

ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୫୮ଟି ଅଭିଯୋଗ ମଧ୍ୟରୁ ଶତକଡ଼ା ୯୫ ପ୍ରତିଶତ ଅର୍ଥାତ୍ ୧୨,୭୪୮ଟି ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଅଭିଯୋଗଗୁଡିକ ସମାଧାନ ପ୍ରକ୍ରିୟା ମଧ୍ୟରେ ରହିଛି। ଏଥିସହିତ ଜନ ଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଯୋଗେ ଆସିଥିବା ୧,୪୯,୪୧୮ ଅଭିଯୋଗ ମଧ୍ୟରୁ ୧,୩୦,୮୪୫ ଅର୍ଥାତ୍ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଏ ସଂପର୍କରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କର ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି। ସାଧାରଣ ଲୋକମାନେ ନ୍ୟାୟ ପାଇପାରୁଛନ୍ତି।



ଏଥିଯୋଗୁଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ, ଡ. ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଗଣେଶ ରାମ ସିଂହ ଖୁଣ୍ଟିଆ ଏବଂ ରାଜ୍ୟ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

# ଖୁବ୍ଶୀଘ୍ର ଦେବ୍ରିଗଡ଼କୁ ଆସିବେ ୨ ବାଘ: ମନ୍ତ୍ରୀ

ଭୁବନେଶ୍ୱର,୫ ।୧(ସମିସ): ଖୁବ୍ଶୀଘ୍ର ଦେବ୍ରିଗଡ଼କୁ ଆସିବେ ୨ ନୂଆ ବାଘ। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍ଟିସିଏ) ସହ ଏନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଆଧାରରେ ରାଜ୍ୟକୁ ଏହି ୨ ନୂଆ ବାଘ ଅଣାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଦେବ୍ରିଗଡ଼କୁ ୨ଟି ବାଘ ଆଣିବା ପାଇଁ ଯୋଜନା ଅଛି। ଏଥିପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଦରକାର। ଆମେ ସେମାନଙ୍କ ସହ ଆଲୋଚନା ଜାରି ରଖିଛୁ। ଶିମିଳିପାଳକୁ ଯମୁନା ଏବଂ ଜିନତକୁ ଅଣାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ବଂଶବୃଦ୍ଧିରେ ଆମେ ସଫଳତା ପାଇପାରିନୁ। ସେମାନେ ସୁରକ୍ଷିତ ଅଛନ୍ତି। ବଂଶବୃଦ୍ଧି ନେଇ ଭାଗ୍ୟ ଆମକୁ ସାଥ ଦେଇନି। ବଂଶବୃଦ୍ଧି ନେଇ ପ୍ରୟାସ ଜାରି ରହିଛି। ଜିପିଏସ ଟ୍ରାକିଂ କରାଯାଉଛି। କ୍ୟାମେରା ମାଧ୍ୟମରେ ମନିଟରିଂ ମଧ୍ୟ ଜାରି ରହିଛି। ରାଜ୍ୟ ସରକାର ରାଜ୍ୟ ବାଘ ବଂଶ ବୃଦ୍ଧିକୁ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ନେଉଛନ୍ତି। ଯାହାକୁ ଆଧାର କରି ରାଜ୍ୟର ଶିମିଳିପାଳ, ସାତକୋଶିଆ ଓ ଡେବ୍ରିଗଡ଼ ଆଦିରେ ବାଘ ଛାଡ଼ିବାକୁ ପଦକ୍ଷେପ ନିଆଯାଉଛି।

ଅନ୍ୟପଟେ, ସମ୍ବଲପୁରର ମୋତିଝରନ ସ୍ଥିତ ଚିଡ଼ିଆଖାନା ପାଇଁ ମଧ୍ୟ ଖୁସି ଖବର ରହିଛି। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ ଏହି ଚିଡ଼ିଆଖାନାକୁ ୪ଟି ରୟାଲ ବେଙ୍ଗଲ ଟାଇଗର ଆଣିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ପ୍ରଥମ ଥର ପାଇଁ ଏଠାରେ ମହାବଳ ବାଘ ଦେଖିବାକୁ ମିଳିବ, ଯାହା ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଏହା ବ୍ୟତୀତ ମନ୍ତ୍ରୀ ଅଲିଭରିଡ୍ଲେଙ୍କ ସୁରକ୍ଷା ପ୍ରସଙ୍ଗରେ କହିଛନ୍ତି ଯେ, ଗତବର୍ଷ ଅଧିକ ସଂଖ୍ୟକ ଅଲିଭରିଡଲେ ଆସିଥିଲେ। ଚଳିତ ବର୍ଷ ୬ରୁ ୭ ଲକ୍ଷ ଅଲିଭ ରିଡଲେ ଆସିବେ ବୋଲି ଆଶା ରହିଛି।

**ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ତେଲ ମନା**

# ପରିବହନ ବିଭାଗ ବିଜ୍ଞପ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

କଟକ, ୫ ।୧ (ସମିସ): ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ପମ୍ପରେ ତେଲ ମନା ସଂକ୍ରାନ୍ତରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍ଟିଏ) ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏଭଳି ଏକ ବିଜ୍ଞପ୍ତି ସଂପୂର୍ଣ୍ଣ ବେଆଇନ ତଥା ସମ୍ବିଧାନବିରୋଧୀ; ମନମୁଖୀ ଭାବେ ଏହି ନିଷ୍ପତ୍ତିକୁ ସାଧାରଣଲୋକଙ୍କ ଉପରେ ଲଦି ଦିଆଯାଇଛି। ଏହି ବିଜ୍ଞପ୍ତିକୁ ରଦ୍ଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ଭୁବନେଶ୍ୱରର ସ୍ନିଗ୍ଧା ପାତ୍ର ଆଇନଜୀବୀ ରଞ୍ଜନ କୁମାର ରାଉତଙ୍କ ଜରିଆରେ ଏହି ମାମଲା ରୁଜୁ କରିଛନ୍ତି। ସେ ପିଟିସନ୍ରେ ଦର୍ଶାଇଛନ୍ତି ଯେ ଏସ୍ଟିଏ ପକ୍ଷରୁ ନିକଟରେ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ଯେଉଁମାନେ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ କରି ନଥିବେ ବା ସେମାନଙ୍କ ପାଖରେ ବୈଧ ସାର୍ଟିଫିକେଟ୍ ନଥିବ, ସେମାନଙ୍କୁ ପେଟ୍ରୋଲ-ଡିଜେଲ୍ ମିଳିବ ନାହିଁ। ନିୟମ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ପ୍ରଦୂଷଣ କରୁଛନ୍ତି, ତାଙ୍କ ଉପରେ ଜରିମାନା କରାଯାଇପାରିବ। ଜରିମାନା ନଦେଲେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କିନ୍ତୁ, ଜଣେ ବ୍ୟକ୍ତିଙ୍କୁ ତେଲ ଦିଆଯିବ ନାହିଁ ବୋଲି ଏମିତି କୌଣସି ନିୟମ ନାହିଁ। ଆହୁରି ମଧ୍ୟ, ଯେଉଁ ଗାଡ଼ିଗୁଡ଼ିକ ଏହି ପ୍ରଦୂଷଣ ସାର୍ଟିଫିକେଟ୍ କରିବାକୁ ଚାହୁଁଛନ୍ତି, ସେମାନଙ୍କ ଉପରେ ଥିବା ଜରିମାନା ଦେବା ପରେ ଯାଇ ଏହି ସାର୍ଟିଫିକେଟ୍ ମିଳିବ ବୋଲି ବାଧ୍ୟତାମୂଳକ କରାଯାଇଛି। ଏଭଳି ନିଷ୍ପତ୍ତି ମଧ୍ୟ ସଂପୂର୍ଣ୍ଣ ଅସାମ୍ବିଧାନିକ ବୋଲି ଆବେଦନକାରୀଙ୍କ ପକ୍ଷରୁ ଉଲ୍ଲେଖ କରାଯାଇଛି। ଉଭୟ କେନ୍ଦ୍ରୀୟ ମୋଟର ଭେଇକିଲ୍ ଆଇନ ଏବଂ ମୋଟର ଭେଇକିଲ୍ ଆଇନରେ ଏଭଳି କୌଣସି ପ୍ରକାର ବ୍ୟବସ୍ଥା ନାହିଁ। ଏସ୍ଟିଏର ଏଭଳି ନିଷ୍ପତ୍ତିକୁ ରଦ୍ଦ କରାଯିବା ସହ ସାଧାରଣ ଲୋକଙ୍କୁ ନିର୍ଯାତନାରୁ ମୁକ୍ତ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ପରିବହନ ବିଭାଗ ସଚିବ, ଏସ୍ଟିଏ କମିସନର, ଉତ୍କଳ ପେଟ୍ରୋଲିୟମ୍ ଡିଲର୍ ଆସୋସିଏସନ୍ର ସାଧାରଣ ସମ୍ପାଦକ, ଆଇଓସିଏଲ, ବିପିସିଏଲ୍, ଏଚ୍ପିସିଏଲ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସେଲ୍ ଇଣ୍ଡିଆ ମାର୍କେଟ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି।

# ଗାଁ ବୈଠକରେ ଯୁବକଙ୍କୁ ଗୁଳିମାଡ଼

ମୋହନା, ୫ା୧(ସମିସ): ପ୍ରେମଜନିତ ବିବାଦର ସମାଧାନ ପାଇଁ ବସିଥିବା ଗାଁ ବୈଠକରେ ଆଖିବୁଜା ଗୁଳିମାଡ଼। ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ଅନ୍ତର୍ଗତ ଢେପାସାହି ଗାଁରେ ଏଭଳି ଏକ ଘଟଣା ଘଟିଛି। ଏଥିରେ ଗାଁର ଅନୀଲ କୁମାର କରାଡ଼ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼ରେ ଗୋଟିଏ ରାଉଣ୍ଡ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୋଡ଼ରେ ଗୁଳିଟି ରହିଥିବାରୁ ତାଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅପରପେକ୍ଷ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ମୋହନା ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଲାଜର ପ୍ରଧାନଙ୍କୁ ଅଟକ ରଖିବା ସହ ତା'ଠାରୁ କୋରିଆ ନିର୍ମିତ ଏକ ମାଉଜର୍ ଜବତ କରିଛି। କିନ୍ତୁ ଲୋକଙ୍କ ଅଭିଯୋଗ ଅନୁସାରେ, ଗୁଳିକାଣ୍ଡ ଘଟାଇଥିବା ଲାଜରର ବଡ଼ଭାଇ ସନ୍ତୋଷ ପ୍ରଧାନଙ୍କୁ ପୁଲିସ ବର୍ତ୍ତମାନ ପର୍ଯ୍ୟନ୍ତ ଗିରଫ କରିନାହିଁ।

**କୋରିଆ ନିର୍ମିତ ବନ୍ଧୁକ ଜବତ, ଯୁବକ ଅଟକ**



ସୂଚନାନୁଯାୟୀ, ଲାଜର ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। ଏପରିକି, ତାଙ୍କୁ ଜୋର୍ଜବରଦସ୍ତ ଉଠାଇ ନେଇଥିଲା। ପରିବାରଲୋକେ ଖୋଜାଖୋଜି କରି ଆଣି ଝିଅର ଅନ୍ୟତ୍ର ବିବାହ କରାଇଥିଲେ। କିଛି ଦିନ ପରେ ଯେତେବେଳେ ଯୁବତୀଜଣଙ୍କ ଗାଁକୁ ବୁଲି ଆସିଥିଲେ, ତାହାର ଫାଇଦା ନେବାକୁ ପୁଣି ଚେଷ୍ଟା କରିଥିଲା ଲାଜର। ପୁଣି ସେ ତାଙ୍କୁ ଜୋର୍ଜବରଦସ୍ତି ଟେକି ନେଇ ଗ୍ରାମଠାରୁ ଦୂରରେ ଥିବା ଏକ ଘରେ ଲୁଚାଇ ରଖିଥିଲା। ପୁଣି ପରିବାରଲୋକେ ଝିଅକୁ ଉଦ୍ଧାର କରି ସମାଧାନ ପାଇଁ ଗାଁରେ ଏକ ବୈଠକ କରିଥିଲେ। ବୈଠକ ଚାଲିଥିବା ବେଳେ ଲାଜରଙ୍କ ବଡ଼ଭାଇ ସନ୍ତୋଷ ପ୍ରଧାନ ଏକ କୋରିଆ ନିର୍ମିତ ମାଉଜର୍ରେ ଗୁଳିମାଡ଼ କରିଥିଲା। ଅଭିଯୁକ୍ତ ୩ ରାଉଣ୍ଡ ଗୁଳି ଫୁଟାଇଥିବା ବେଳେ ଗୋଟିଏ ଗୁଳି ବୈଠକରେ ଉପସ୍ଥିତ ଥିବା ଅନୀଲଙ୍କ ଡାହାଣ ଗୋଡ଼ରେ ବାଜିଥିଲା।

ଲାଜର୍ ଉକ୍ତ ମାଉଜର୍ କେରଳରୁ ଆଣିଥିବା ପୁଲିସ ସମ୍ମୁଖରେ ସ୍ୱୀକାର କରିଛି। କୋରିଆ ନିର୍ମିତ ଏହି ବନ୍ଧୁକ ଭାୟା କେରଳ ଦେଇ ଗଜପତିରେ ପହଞ୍ଚିବା ଜାଣିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ବନ୍ଧୁକ ଯୋଗାଣ ପଛରେ କୌଣସି ରାକେଟ୍ କାମ କରିଛି କି ନାହିଁ, ତାହା ପୁଲିସର ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

ଅପରପକ୍ଷେ, ଏହି ଘଟଣାରେ ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଆଗକୁ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।



## ବିପଦସଙ୍କୁଳ ଅବସ୍ଥାରେ ସ୍ୱେରେଜ ବୋର୍ଡ ପାଚେରି

ତାଳଚେର,୫ ।୧(ସମିସ): ତାଳଚେର ପୌରପରିଷଦ ଅନ୍ତର୍ଗତ ପାଇକସାହି ୩ନଂ ୱାର୍ଡ ପଛପାଖର୍ ରାସ୍ତାକଡ଼ରେ ସ୍ୱେରେଜ ବୋର୍ଡ ପକ୍ଷରୁ ନିର୍ମାଣ କରାଯାଇଥିବା ପାଚେରି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏହି ପାଚେରି ଆଜକୁ ୧ବର୍ଷ ହେବ ନିର୍ମାଣ ହୋଇଥିଲା । ନିମ୍ନମାନର କାମ ଯୋଗୁଁ ମାତ୍ର ବର୍ଷକ ମଧ୍ୟରେ ପାଚେରିରେ ଫାଟ ଦେଖାଯିବା ସହ କେଉଁ ମୁହୂର୍ତ୍ତରେ ଗଳିପଡ଼ିବ ଓ କେତେ ଧନଜୀବନ ନଷ୍ଟ ହେବ ତାହା ଆକଳନ କରିହେବନି । ଏହାର ପାଶ୍ୱର୍ରେ ରହିଥିବା ବ୍ରିଜ ମଧ୍ୟ ଦବିଯାଇଥିବାରୁ ଏହା ଉପରେ ଯାତାୟାତ କରିବାକୁ ଭୟ ସୃଷ୍ଟି ହୋଇଥାଏ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହି ପାଚେରି ନିର୍ମାଣ କରାଯାଇଥିଲେ ମଧ୍ୟ ଏହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନ ଉଠିବା ସହ ଏହାର ତଦନ୍ତ କରାଯାଇ ପୁନଃନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି । ଏହି ବ୍ରିଜ ଉପରେ ଦୈନନ୍ଦିନ ୩ନମ୍ବର ୱାର୍ଡର ଅଧିବାସୀ ସମେତ ଅନ୍ୟ ବ୍ୟକ୍ତିମାନେ ଯାତାୟାତ କରୁଛନ୍ତି । ଏହି ରାସ୍ତା ତାଳଚେର ମଣ୍ଡାପାଳ ଡାକ୍ତରଖାନା ଯିବାକୁ ଦୂରତା କମିଯାଏ ବୋଲି ୱାର୍ଡବାସୀ ପ୍ରକାଶ କରିଛନ୍ତି । ତେବେ ପୌରପରିଷଦ ପକ୍ଷରୁ ଏହି ବ୍ରିଜକୁ ଭାଙ୍ଗିକୁ ନୂତନ ବ୍ରିଜ ନିର୍ମାଣ କରିବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି ।

## ଅନୁଗୋଳ ମେଡିକାଲରେ ଅଭିମତ ଓ ଅଭିଯୋଗ ବାକ୍ସର ଶୁଭାରମ୍ଭ

ଅନୁଗୋଳ,୫ ।୧(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ତିନିଟି ସ୍ଥାନରେ ଅଭିଯୋଗ ଓ ଅଭିମତ ବାକ୍ସର ଶୁଭାରମ୍ଭ କରାଯାଇଛି । ଏହି ଅଭିଯୋଗ ବାକ୍ସ ଟ୍ରମା କେୟାର, ଆଇପିଡି କୋଠା ଏବଂ ଏମସିଏଚ୍ କୋଠା ସମ୍ମୁଖରେ ଲାଗିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜ୍ ପକ୍ଷରୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ନେଇ କୌଣସି ଅଭିଯୋଗ କିମ୍ବା ଗଠନମୂଳକ ଅଭିମତ ଥିଲେ ରୋଗୀଙ୍କ ସମ୍ପର୍କୀୟ ଅବା ଜନସାଧାରଣ ଏହି ବାକ୍ସର ଉପଯୋଗ କରିପାରିବେ । ପ୍ରତ୍ୟେକ ମଙ୍ଗଳବାର ଏହା ଖୋଲାଯାଇ ଗୁରୁତ୍ୱ ବହନ କରୁଥିବା ସମସ୍ୟା ବା ତ୍ରୁଟିର ସମାଧାନ କରାଯିବ । ହସ୍ପିଟାଲ ସୁପରିନଟେଣ୍ଡେଣ୍ଟ ଦିଲୀପ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ କମିଟି ଏହି ଅଭିମତଗୁଡ଼ିକର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି । ତେବେ ଅତୀତରେ ମଧ୍ୟ ଅଭିଯୋଗ ବାକ୍ସର ସୁବିଧା ଥିଲେ ବି ତତ୍କାଳୀନ ଅଧିକାରୀମାନଙ୍କ ମନମାନି ଯୋଗୁଁ ଏହା କିଛିଦିନ କାର୍ଯ୍ୟ କରିବା ପରେ ବନ୍ଦ ହୋଇଯାଇଥିଲା ।

## ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଗଣଦୌଡ଼

ତାଳଚେର,୫ ।୧(ସମିସ): 'ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ'ର ବାର୍ତ୍ତା ନେଇ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି ।




ଏହି ଅବସରରେ ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଏକ ଗଣଦୌଡ଼ ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ତାଳଚେର ରାଜପ୍ରସାଦଠାରୁ ଗଣଦୌଡ଼ ବାହାରି ବଡ଼ଦାଣ୍ଡ ସାହି, ବଡ଼ବାଜର ଛକ, ଥାନାଛକ, ଫାଷ୍ଟ ଗେଟ ଦେଇ ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

● ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

## ପ୍ରଥମ ମ୍ୟାଚରେ ବେଙ୍ଗାଲୁରୁ ବିଜୟୀ



କଣିହାଁ,୫ ।୧(ସମିସ): କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ପବିତ୍ରନଗର କ୍ଲବ ଦ୍ୱାରା ଆୟୋଜିତ ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଛି । ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ପ୍ରଥମ ଦିବସରେ ଆୟୋଜକ ପବିତ୍ରନଗର ଓ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ବେଙ୍ଗାଲୁରୁ ୩୧ ରନରେ ବିଜୟୀ ହୋଇଛି । ଟସ୍ ଜିତି ବେଙ୍ଗାଲୁରୁ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୫ରନ କରିଥିଲା । ଜବାବରେ ପବିତ୍ରନଗର ଦଳ ନିର୍ଦ୍ଧାରିତ ଓଭରରେ ୧୫୪ ରନ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର ରାଗା କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ବଅଁରପାଳର ସମାଜସେବୀ ଦେବବ୍ରତ ସାମଲ ଯୋଗଦେଇଥିଲେ । ଅମ୍ପାୟର ଭାବେ ପ୍ରସନ୍ନ କୁମାର ସାହୁ ଓ ଶିଶୁପାଳ ପ୍ରଧାନ ଖେଳ ପରିଚାଳନା କରିଥିଲେ । ସୁବାସ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ । କ୍ଲବ ସଭାପତି ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଜ୍ଞାନରଞ୍ଜନ ଜ୍ୟୋତିଷ ଓ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି । ସୋମବାର ବେଙ୍ଗାଲୁରୁ ଓ ତାଳଚେର ୟୁଥ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଖେଳଯିବ ବୋଲି କ୍ଲବ ତରଫରୁ ସୂଚନା ମିଳିଛି ।

## ଦୟାନନ୍ଦ ବୈଦିକ ସାଧନା ଆଶ୍ରମର ନୂତନ କୁଟୀର ଲୋକାର୍ପିତ

କଣିହାଁ,୫ ।୧(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ପାହାଡ଼ତଳ କଲୋନୀ ନିକଟ ଦୟାନନ୍ଦ ବୈଦିକ ସାଧନା ଆଶ୍ରମର ନୂତନ କୁଟୀର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି । ସ୍ଥାନୀୟ କୁଲୁମା ଗ୍ରାମର ସମାଜସେବୀ ଜଗମୋହନ ପ୍ରଧାନଙ୍କ ସହଧର୍ମିଣୀ ସ୍ୱର୍ଗତ ଇନ୍ଦିରା ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ଏହି କୋଠାକୁ ଆଶ୍ରମର ସ୍ୱାମୀଜୀ ଶ୍ରୀ ସତ୍ୟ ସରସ୍ୱତୀ ଲୋକାର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟୁଷରୁ ଆଶ୍ରମରେ ବୈଦିକ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ପ୍ରଦାନ କରାଯାଇଥିଲା । ସ୍ୱାମୀ ବେଦପ୍ରଭା ସରସ୍ୱତୀ ବେଦପାଠ କରିଥିଲେ । ଆଶ୍ରମ ସଭାପତି ଜଗମୋହନ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



କିଶୋରନଗର,୫ ।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ ୨୦୦୦ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଭୁ ଜଗନ୍ନାଥଙ୍କୁ ଧୂପଦୀପ, ପୁଷ୍ପଦେଇ ସଭା ଆରମ୍ଭ ହୋଇଥିଲା । ଏଥିରେ ପୂର୍ବତନ ଶିକ୍ଷକ ଓ ବର୍ତ୍ତମାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ଦିବଂଗତ ସାଥୀମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ୬୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ମହେନ୍ଦ୍ର ସାହୁ, ଅଜିତ ଦେହୁରୀ, ଜିତେନ୍ଦ୍ର ବେହେରା, ମନୋଜ ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ବାଳକୃଷ୍ଣ ମୁଦୁଲି, ପ୍ରବୀର ବିଶ୍ୱାଳ, ଅନଙ୍ଗ ସେଠୀ, ଗିରୀଶ ପ୍ରଧାନ, ସୁଶାନ୍ତ ସାହୁ, ବିଭୂତି ସାହୁ ଏବଂ ରୀନାରାଣୀ ପୃଷ୍ଟି ସହଯୋଗ କରିଥିଲେ ।

# 'ଡିଜିଟାଲ ଗିରଫ' ମାମଲା; ରାଜସ୍ଥାନରୁ ଅଭିଯୁକ୍ତ ଗିରଫ

ଅନୁଗୋଳ,୫ ।୧(ସମିସ):



ଏକ "ଡିଜିଟାଲ ଗିରଫ' ମାମଲାରେ ଅନୁଗୋଳ ଜିଲ୍ଲା ପୁଲିସ ରାଜସ୍ଥାନରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ରାଜସ୍ଥାନ ଝୁନଝୁନ ଜିଲ୍ଲା ବାସିନ୍ଦା ଅକ୍ଷିତ କୁମାର । ଅଭିଯୋଗ ଅନୁଯାୟୀ, ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଜରାରପୁର ଗାଁର ଗୌରହରି ପ୍ରଧାନଙ୍କ ବ୍ୟକ୍ତିଗତ ଆଧାର ବିବରଣୀ ଅପବ୍ୟବହାର କରି ଅକ୍ଷିତ କୁମାର ନିଜକୁ ଜିପିଓ ମୁମ୍ବଇ ଅଧିକାରୀ ବୋଲି ପରିଚୟ ଦେଇ ତାଙ୍କଠାରୁ ଅର୍ଥ ଶୋଷଣ କରିଥିଲେ । ପରେ ପୁଲିସ ପୋଷାକରେ ଭିଡିଓ କଲିଂ କରି ପୁଲିସ ପରିଚୟ ଦେଇ ଗୌରହରିଙ୍କୁ ପ୍ରାୟ ୨୦ ଦିନ ପର୍ଯ୍ୟନ୍ତ ଡିଜିଟାଲ ଆରେଷ୍ଟ କରିଥିଲେ । ନରେଶ ଗୋୟଲଙ୍କ ସହ ଜଡ଼ିତ ମନି ଲଣ୍ଡରିଂ ଅଭିଯୋଗରେ ତାଙ୍କୁ ମିଥ୍ୟା ଭାବରେ ଅଭିଯୁକ୍ତ କରାଯାଇଥିଲା । ଜଣେ ଆଇପିଏସ୍ ଅଧିକାରୀ ଏବଂ ଆର୍‌ବିଆଇ ଡେପୁଟି ଗଭର୍ଣ୍ଣର ଭାବରେ ନିଜ ପରିଚୟ ଦେଇ ତାଙ୍କୁ ଯାଞ୍ଚ ପାଇଁ ଗୌରହରି ଓ ତାଙ୍କ ମାଆଙ୍କ ଏସ୍‌ବିଆଇ ଆକାଉଣ୍ଟରୁ ଏକ ନକଲି ଆର୍‌ବିଆଇ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର କରିବାକୁ ବାଧ୍ୟ କରିଥିଲେ । ତାଙ୍କ ପରିବାରକୁ ଧମକ ଦେଇ ସେ ୨୦୨୪ ଡିସେମ୍ବର ୨୬ରୁ ୨୦୨୫ ଜାନୁଆରୀ ୯ ମଧ୍ୟରେ ୪୬,୧୨,୧୯୦ ଟଙ୍କା ସ୍ଥାନାନ୍ତର କରିଥିଲେ । ହ୍ୱାଟ୍ସଆପ୍ ମାଧ୍ୟମରେ ତାଙ୍କୁ ନକଲି ଆଇନଗତ କାଗଜପତ୍ର ପଠାଯିବା ସହ ତାଙ୍କ ଉପରେ ନିରନ୍ତର ନଜର ରଖାଯାଇଥିଲା । ଏ ନେଇ ଅଭିଯୋଗ ପରେ ଅନୁଗୋଳ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ପୁଲିସ ଦଳ ଗଠନ କରାଯାଇଥିଲା । ପୁଲିସ ଦଳ ଡିଜିଟାଲ ସୁରାକ, ଆର୍ଥିକ ରେକର୍ଡ ଯାଞ୍ଚ କରିଥିଲା ଏବଂ ସୁରାକ ଅନୁଯାୟୀ ରାଜସ୍ଥାନରୁ ଅକ୍ଷିତ କୁମାରଙ୍କୁ ଗିରଫ କରିଛି । ଟ୍ରାନ୍‌ଜିଟ୍ ରିମାଣ୍ଡରେ ତାଙ୍କୁ ଓଡ଼ିଶା ଅଣାଯାଇଛି ।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

ବଅଁରପାଳ,୫ ।୧(ସମିସ): ବଅଁରପାଳ ବ୍ଲକ ଫୁଲପଡ଼ା ପଞ୍ଚାୟତ ଗିରିଧି ବାସିଆ ଗ୍ରାମ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଗଛରେ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖି ପୁଲିସକୁ ଖବର ଦେଇଥିଲେ । ମହୀଧରପୁର ଫାଣ୍ଡି ଅଧିକାରୀ ଓ ବଅଁରପାଳ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ମୃତଦେହ ଅନୁଗୋଳ ଡାକ୍ତରଖାନା ଶବଗୃହରେ ରଖାଯାଇଛି । ଏ ନେଇ ବଅଁରପାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

କଣିହାଁ,୫ ।୧(ସମିସ): କଣିହାଁ ବ୍ଲକ ଗଦାଶିଳା ପଞ୍ଚାୟତ ଲଙ୍ଗୁଆବେଡ଼ା ଗ୍ରାମର ସ୍ୱାଧୀନ ପରିଡ଼ାଙ୍କୁ ରବିବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ କରାଯାଇଛି । ସ୍ୱାଧୀନ ଘରୁ ବାହାରି ଏନଟିପିସି ବଜାର ଅଭିମୁଖେ ଆସୁଥିବା ବେଳେ ଲାଗୁଆବେଡ଼ା ଗ୍ରାମର ରତ୍ନାକର ବେହେରା, ବିଭୂତି ବେହେରା ଓ ରିଜୁ ବେହେରା ତାଙ୍କ ସାର୍ଟ କଲର ଧରି ବେକ, ପିଠି, ଛାତି, ଗୋଡ଼କୁ ଆକ୍ରମଣ କରିଥିଲେ । ସ୍ୱାଧୀନ ଜୀବନବିକଳରେ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ମୁଣ୍ଡ ପଛ ପାଖକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ପରିବାର ଲୋକେ ସ୍ୱାଧୀନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏ ନେଇ ସ୍ୱାଧୀନଙ୍କ ସ୍ତ୍ରୀ ସାବିତ୍ରୀ ବେହେରା କଣିହାଁ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

## ବାଗଡ଼ିଆରେ ହିନ୍ଦୁ ସମ୍ମିଳନୀ ନିମନ୍ତେ ବୈଠକ

ଛେଣ୍ଡିପଦା,୫ ।୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ବାଗଡ଼ିଆ ନିକଟ ବାମନାଳୀ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ରବିବାର ପୂର୍ବାହ୍ନ ୧୧ଟାରେ ଅଜୟ ବାବାଙ୍କ ଅଧ୍ୟକ୍ଷତାରେ ହିନ୍ଦୁ ସମ୍ମିଳନୀ ନିମନ୍ତେ ବାଗଡ଼ିଆ ମଣ୍ଡଳର ବୈଠକ ଅନୁଷ୍ଠିତ ହୋଇଛି । ସଂଯୋଜକ ଭାବେ ଚନ୍ଦ୍ରମଣି ସାହୁ, କୋଷାଧ୍ୟକ୍ଷ ଭାବେ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନ ତଥା ସମସ୍ତ ଗ୍ରାମର ସଭାପତିମାନେ ସହସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି । ଆସନ୍ତା ମାଘ ମାସ ଶୁକ୍ଳପକ୍ଷ ଦଶମୀ ତିଥି ଜାନୁୟାରୀ ୨୮ ତାରିଖ ବାଗଡ଼ିଆ କଦମ୍ବଛକଠାରେ ଗୋ-ପୂଜନ, ହିନ୍ଦୁ ସମ୍ମିଳନୀ ଓ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ଏଥିରେ ବାଗଡ଼ିଆ, ବସନ୍ତପୁର, ଶିମିଳିପାଳ, ବରସାହି, ଟାଙ୍ଗିରି, ପାଟକୁମୁଣ୍ଡା ପଞ୍ଚାୟତର ଶତାଧିକ ଭକ୍ତ ଉପସ୍ଥିତ ଥିଲେ । ଯଶୋବନ୍ତ ବେହେରା, ଡ. ବିରଞ୍ଚି ନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ହିନ୍ଦୁମାନଙ୍କ କର୍ତ୍ତବ୍ୟ ଓ ହିନ୍ଦୁଧର୍ମର ବିକାଶ ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ସଭ୍ୟ ଶିକ୍ଷାବିତ୍ ବିପିନି ବିହାରୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିପଶିରେ ବିଧାୟକଙ୍କ କମ୍ବଳ ବଣ୍ଟନ

କଣିହାଁ,୫ ।୧(ସମିସ): କଣିହାଁ ବ୍ଲକ ବାଲିପଶି ପଞ୍ଚାୟତରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ଦ୍ୱାରା ରବିବାର କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପଞ୍ଚାୟତ ର ନାକିଟିଦେଓଳ ଗ୍ରାମରେ ଅସହାୟ, ଗରିବ, ବିଧବା ମହିଳାଙ୍କୁ କମଳ ବଣ୍ଟନ କରାଯାଇଛି । ଏଥିସହ ବିଧାୟକ ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ । ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ପାଲଲହଡ଼ା ଏସଡିପିଓ କୈଳାସ ସେଠୀ, ଅନୁଗୋଳ ଜିଲ୍ଲା ଉପସଭାପତି ନୃସିଂହ ବରାଳଙ୍କ ସମେତ ବିଜେପି ନେତା ବିଷ୍ଣୁସେନ ଶତପଥୀ, ଧ୍ରୁବଚରଣ ଧୀର, ଟିକନ ପ୍ରଧାନ, ତ୍ରିପୁରାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

● ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ

## ଜିଲ୍ଲା ବାହାର ଠିକାଦାରଙ୍କୁ ଅନୁଗୋଳରେ ଟେଣ୍ଡର୍ ପକାଇବାକୁ ବାରଣ



ଅନୁଗୋଳ,୫ ।୧(ସମିସ): ଅନୁଗୋଳ ଜିଲ୍ଲା ଠିକାଦାର ସଂଘର ଜରୁରୀ ବୈଠକ ସ୍ଥାନୀୟ ସଭାଘରସ୍ଥିତ କାର୍ଯ୍ୟାଳୟରେ ସଂଘ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଠିକା କାମଗୁଡ଼ିକୁ ଅଳ୍ପ ମୂଲ୍ୟରେ ନେଇ ନିମ୍ନମାନର କାମ ହେଉଥିବାରୁ ଏଣିକି ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବାହାରୁଥିବା ସମସ୍ତ ଟେଣ୍ଡରଗୁଡ଼ିକୁ ଠିକାଦାରମାନେ ସିଡ୍ୟୁଲ୍ଡ ରେଟ ଅନୁଯାୟୀ ପକାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି ବାହାର ଠିକାଦାରମାନଙ୍କୁ ଅନୁଗୋଳ ଜିଲ୍ଲାରେ ଟେଣ୍ଡର୍ ପକାଇବାକୁ ବାରଣ କରାଯାଇଛି । ଏହି ନିଷ୍ପତ୍ତି ଆଜିଠାରୁ କାର୍ଯ୍ୟକାରୀ ହେବ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି । ଏ ବିଷୟରେ ଅଧିକ ଆଲୋଚନା ଓ ଆଗାମୀ ରଣନୀତି ପ୍ରସ୍ତୁତି ପାଇଁ ଆସନ୍ତା ୯ ତାରିଖ ଜିଲ୍ଲାର ସମସ୍ତ ଠିକାଦାରଙ୍କୁ ନେଇ ଅନୁଗୋଳରେ ପୁନଃ ବୈଠକ ଅନୁଷ୍ଠିତ ହେବ । ସମସ୍ତ ଠିକାଦାର ଆସନ୍ତା ବୈଠକରେ ନିଶ୍ଚିତ ଭାବେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଥିବା ସଙ୍ଘ ସଭାପତି ପ୍ରଧାନ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ହଣ୍ଡପା ଥାନା ଏଏସଆଇଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା,୫ ।୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଏଏସଆଇ ପ୍ରକାଶ ବାରିକ (୫୩)ଙ୍କୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)ର ହାବିଲଦାର ତଥା ହଣ୍ଡପା ଥାନା ବିଡ଼ିସିଙ୍ଗ ଗ୍ରାମର ଅଜିତ କୁମାର ସାହୁ ହତ୍ୟା ଧମକ ଦେବା ସହ ଥାନା ଭିତରେ ଗାଳିଗୁଲଜ କରିଥିବା ଶନିବାର ପ୍ରକାଶ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଅଜିତ ପ୍ରକାଶଙ୍କ ପତ୍ନୀଙ୍କ ସହ ଝଗଡ଼ା କରୁଥିଲେ । ଏ ନେଇ ଥାନାକୁ ସୂଚନା ଆସିବା ପରେ ପୁଲିସର ଏକ ଟିମ୍ ଗ୍ରାମକୁ ଯାଇ ଅଜିତଙ୍କୁ ଥାନାକୁ ଆଣି ବୁଝାସୁଝା କରିଥିଲେ । ହେଲେ ଅଜିତ ସେଠାରେ ପ୍ରକାଶଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ । ଏ ନେଇ ପ୍ରକାଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇଥିବା ପୁଲିସ କହିଛି ।

## ହଣ୍ଡପା ଥାନାରେ ନୂତନ ଅଧିକାରୀ



ବଇଣ୍ଡା,୫ ।୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନାରେ ନୂତନ ଆଇଆଇସି ଭାବେ ରାଜେଶ କୁମାର ଶତପଥୀଙ୍କୁ ନିଯୁକ୍ତି ମିଳିଛି । ହଣ୍ଡପା ଥାନାରେ କାର୍ଯ୍ୟ କରୁଥିବା ଇନ୍ସପେକ୍ଟର ନମିତା ନାୟକଙ୍କର ନାଲୋକୋ ଥାନାକୁ ବଦଳି ହୋଇଥିବା ବେଳେ ଛେଣ୍ଡିପଦା ଥାନା ଆଇଆଇସି ଭାବେ କାର୍ଯ୍ୟ କରୁଥିବା ରାଜେଶଙ୍କୁ ଅନୁଗୋଳ ଏସ୍‌ପି ହଣ୍ଡପା ଥାନାକୁ ବଦଳି କରିଛନ୍ତି । ସୋମବାର ରାଜେଶ ଏଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଥାନା ଅଞ୍ଚଳରେ ଲୋକଙ୍କୁ ସୁରକ୍ଷା ଯୋଗାଇଦେବା ସହ ପୁଲିସ ଯେପରି ଲୋକଙ୍କ ପ୍ରିୟଭାଜନ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବେ ବୋଲି ଦାୟିତ୍ୱ ଗ୍ରହଣ ଅବସରରେ ରାଜେଶ କହିଛନ୍ତି । ପରେ ରାଜେଶ ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡିଆଙ୍କୁ ଭେଟି ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।


## ସ୍କୁଲରୁ ଚୋରି; ଥାନାରେ ଏତଲା

ତାଳଚେର ସହର,୫ ।୧(ସମିସ): ତାଳଚେର ବ୍ଲକ କଣ୍ଢାଳ ପଞ୍ଚାୟତ ଲାଙ୍ଗିଯୋଡ଼ା ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲରୁ ୬ଟି ସିଲିଂ ଫ୍ୟାନ୍ ସହ ଝରକା ଚୋରି ହୋଇଥିବା ପ୍ରଧାନଶିକ୍ଷକ ଥାନାରେ ଅଭିଯୋଗ କରିଛନ୍ତି । ବଡ଼ଦିନ ଛୁଟି ଭିତରେ ବିଦ୍ୟାଳୟରେ କେହି ଜଗୁଆଳି ରହୁ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ବାଲି ବୋଝେଇ ହାଇୱା ଜବତ

କଣିହାଁ,୫ ।୧(ସମିସ): ରବିବାର ରାତିରେ କଣିହାଁ ଥାନା ପୁଲିସ ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି । ସାନତ୍ରିବିଡ଼ା ଗାଁ ପାଖରୁ ବାଲି ବୋଝେଇ କରି ହାଇୱା କଣିହାଁ ଅଭିମୁଖେ ଆସୁଥିଲା । ପୁଲିସର ପଟ୍ରୋଲିଂ ଟିମ୍ ବଡ଼ତ୍ରିବିଡ଼ା ଛକରୁ ଏହାକୁ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ପୁଲିସ କହିଛି ।

## ଜାମୁନାଳୀ ପଞ୍ଚାୟତରେ ଜନଶୁଣାଣି




କିଶୋରନଗର,୫ ।୧(ସମିସ): କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ବିଏସଏସଓ ଝସକେତନ ସାହୁ, ବିପିସି (ଓଏଲଏମ୍) ଜିତେନ୍ଦ୍ର ଦେହୁରୀ, ଡିଇଓ (ଆରସିଏମ) ସରୋଜ ପ୍ରଧାନ, ଆରଏଚର କର୍ମଚାରୀ ହେମନ୍ତ ପ୍ରଧାନ ଓ ସମସ୍ତ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ, ପିଇଓ, ଏଡିଇଓ ଉପସ୍ଥିତ ଥିଲେ ।

■ ଡା. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## କଟକ ଓ ତାଳଚେର ଫ୍ରେଣ୍ଡ୍ସ କ୍ଲବ ବିଜୟୀ


ତାଳଚେର,୫ ।୧(ସମିସ):

ତାଳଚେର ଫ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ କ୍ଲବ ଫ୍ରେଣ୍ଡ୍ସ କ୍ଲବ ପଡ଼ିଆରେ ଡା. ଦେବେନ୍ଦ୍ର ପ୍ରଧାନ



ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଛି । ଅନୁଗୋଳ ବିଧାୟକ ତଥା ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ତାଳଚେର ପୌର ପରିଷଦ ଅଧ୍ୟକ୍ଷ ତଥା ଫ୍ରେଣ୍ଡ୍ସ କ୍ଲବ ସଭାପତି ପବିତ୍ର ଭୁତିଆ, ତାଳଚେର ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ଏମ୍‌ସିଏଲର ନୋଡାଲ ଜିଏମ ଅଶୋକ ଧଳ ପ୍ରମୁଖ ଯୋଗଦେଇଥିଲେ । ଉଦଘାଟନୀ ମ୍ୟାଚ ୟୁଥ ୟୁନିୟନ କଟକ ଓ ଉତ୍ତରପ୍ରଦେଶ ପ୍ରୟାଗରାଜ ଦଳ ମଧ୍ୟରେ ଖେଳାଯାଇଥିଲା । କଟକ ବିଜୟୀ ହୋଇଛି । କଟକ ଦଳ ପ୍ରଥମେ ବ୍ୟାଟିଂ କରି ୨୧୬ ରନ କରିଥିଲା । ଜବାବରେ ପ୍ରୟାଗରାଜ ଦଳ ମାତ୍ର ୯୦ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । କଟକର ନଦିମ୍ ଖାଁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସେହିପରି ସୋମବାର ଦ୍ୱିତୀୟ ଦିନରେ ଆୟୋଜକ ତାଳଚେର ଫ୍ରେଣ୍ଡସ କ୍ଲବ ଦଳ ଓ କୋଲକାତାର ଲକ୍ଷ୍ମୀରତନ ଶୁକ୍ଳା ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଫ୍ରେଣ୍ଡସ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଫ୍ରେଣ୍ଡ୍ସ କ୍ଲବ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୨୧୭ରନ୍ ସଂଗ୍ରହ କରିଥିଲା । ଜବାବରେ କୋଲକାତା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୯୭ ରନ କରିପାରିଥିଲା । ବିଜୟୀ ଦଳର ୱାଲ୍ଟର ଟପ୍ପ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ତାଳଚେର ପୌର ପରିଷଦର କାଉନସିଲର ତଥା ତାଳଚେର ଟ୍ରକ ମାଲିକ ସଂଘ ସଭ୍ୟ ଜିତେନ୍ଦ୍ର ଭୁତିଆ ତାଙ୍କୁ ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୮ଟି ଦଳ ଭାଗନେଇଛନ୍ତି । ମ୍ୟାଚ୍ ଦେଖିବା ପାଇଁ ତାଳଚେର ସହର ତଥା ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମୁଛି ।



## ଜିଓ ସିନ୍ଥେଟିକ ପ୍ରାଚୀରରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ରାଜନଗର,୫।୧(ସମିସ): ପେଣ୍ଠ ନିକଟରେ ବଙ୍ଗୋପସାଗର ଜୁଆରକୁ ଅଟକାଇବା ପାଇଁ ନିର୍ମାଣ ହୋଇଥିବା ଓଡ଼ିଶାର ପ୍ରଥମ ଜିଓ ସିନ୍ଥେଟିକ ପ୍ରାଚୀର ପ୍ରତି ବିପଦ ସୃଷ୍ଟି ହୋଇଛି। ଜିଓ ସିନ୍ଥେଟିକ ପ୍ରାଚୀର ନଷ୍ଟ ନ ହେବା ପାଇଁ ସମୁଦ୍ର ପାର୍ଶ୍ୱରେ ଦିଆଯାଇଥିବା ଗାର୍ଡ଼ିକ ବକ୍ସ ଯାହାକି ପଲିମର ଜାତୀୟ ଦଉଡ଼ିରେ ପ୍ରସ୍ତୁତ ଜାଲିରେ ପଥର ପୁରାଯାଇ ଥୁଆଯାଇଥିଲା। ସେଥିରେ ନିଆଁ ଲାଗି ପୋଡ଼ିଯାଇଛି। ଆଜି ସକାଳୁ ଜିଓ ସିନ୍ଥେଟିକ ପ୍ରାଚୀରରେ ନିଆଁ ଲାଗି ଜଳୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରାଯାଇପାରିନାହିଁ। ନିଆଁ ଆୟତ୍ତକୁ ଆସିଥିଲେ ମଧ୍ୟ ସିନ୍ଥେଟିକ ପ୍ରାଚୀର ମଧ୍ୟରୁ ଧୂଆଁ ବାହାରୁଥିବା ତାହାକୁ ଆୟତ୍ତ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ତଟବନ୍ଧ ବିଭାଗ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ତଦନ୍ତ କରୁଛନ୍ତି। ରାତିରେ କିଏ ଲଗାଇଲା, କାହିଁକି ଲଗାଇଲା; ତାହା ଏଯାଏଁ ସ୍ପଷ୍ଟ ହୋଇ ନ ଥିବା ଜଣାପଡ଼ିଛି।

## ପୋଲ ତଳ ରାସ୍ତାରେ ବସ୍ ରହଣି ଦାବିରେ ରାସ୍ତାରୋକ

ଡେରାବିଶ, ୫।୧(ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥର ଡେରାବିଶ ଥାନା ଅଞ୍ଚଳ ଦେଇ କଟକରୁ କେନ୍ଦ୍ରାପଡ଼ା ଓ କେନ୍ଦ୍ରାପଡ଼ାରୁ କଟକ ଯାଉଥିବା ବସ୍ ରାଜପଥର ଓଭରବ୍ରିଜ



ଦେଇ ଯିବା ଫଳରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ଅସନ୍ତୋଷ ଦେଖାଦେଇଛି। ଓଭରବ୍ରିଜ ଉପରେ ବସ୍ ରହିବା ଯୋଗୁଁ ଛତିଶା ଗ୍ରାମବାସୀ ଗାଁ ଛକଠାରୁ ବହୁ ଦୂର ଚାଲି ବସ୍ ଧରିବାକୁ ପଡୁଥିବାରୁ ଏହାର ସମାଧାନ ପାଇଁ ପରିବହନ କର୍ତ୍ତୃପକ୍ଷ ଓ କେନ୍ଦ୍ରାପଡ଼ା ବସ୍ ମାଲିକ ସଂଘ ନିକଟରେ ବାରମ୍ବାର ଦାବି ହୋଇଆସୁଛି। ବଳଭଦ୍ରପୁର ଛକରେ ଶତାଧିକ ଯାତ୍ରୀ ଦୈନିକ ଦୂରଦୂରାନ୍ତକୁ ଯିବା ପାଇଁ ବସ୍ ଉପରେ ନିର୍ଭର କରନ୍ତି। ମାତ୍ର ଓଭରବ୍ରିଜ ତଳ ରାସ୍ତାରେ ବସ୍ ଯାଉ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ସୋମବାର ବଳଭଦ୍ରପୁର, ଛତିଶା, ନୂଆହାଟ ସମେତ ଅନ୍ୟ ଗ୍ରାମର ଶତାଧିକ ଗ୍ରାମବାସୀ ସକାଳ ୭ଟାରୁ ଓଭରବ୍ରିଜ୍ ଉପରେ ବସ୍‌କୁ ଅଟକାଇଥିଲେ। ସମସ୍ତ ବସ୍ ତଳ ରାସ୍ତାରେ ଯିବାକୁ ଗ୍ରାମବାସୀ ଜିଦ୍ ଧରିଥିଲେ। ଡେରାବିଶ ପୁଲିସ ପହଞ୍ଚି ରାସ୍ତାରୋକ କରିଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ଜିଲ୍ଲା ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିଥିଲେ। ମଙ୍ଗଳବାରଠାରୁ ସମସ୍ତ ବସ୍ ଓଭରବ୍ରିଜ୍ ତଳ ରାସ୍ତାରେ ଯିବା ପାଇଁ ସଂଘ କର୍ମକର୍ତ୍ତା ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକରୁ ଓହରିଥିଲେ।

● ଉମେଶ ଚନ୍ଦ୍ର ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

## 'ଶୃଙ୍ଖଳା ଓ ନିରବଚ୍ଛିନ୍ନ ସାଧନା ବିଦ୍ୟାର୍ଥୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ'

ପଟ୍ଟାମୁଣ୍ଡାଇ,୫।୧(ସମିସ): ସାମାଜିକ ଶୃଙ୍ଖଳା ଓ ନିରବଚ୍ଛିନ୍ନ ସାଧନା ବିଦ୍ୟାର୍ଥୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ। ନିଜକୁ ଜଣେ ଶିକ୍ଷାର୍ଥୀ ଭାବେ ଭାବିଲେ ହିଁ ଜ୍ଞାନ ଆହରଣର ମାର୍ଗ ସୁଗମ ହୋଇଥାଏ। ଶିକ୍ଷକଙ୍କ ଭୂମିକା ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଉମେଶ ଚନ୍ଦ୍ର ଚାରିଟେବୁଲ ଟ୍ରଷ୍ଟର ପଞ୍ଚମ ବାର୍ଷିକ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରଘୁରାମ ଆର ଆୟାର ମତ ରଖିଛନ୍ତି। ଏ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ସୁଶାନ୍ତ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପତି କାଶୀନାଥ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ସଚ୍ଚିଦାନନ୍ଦ ଦାସ, ଅବସରପ୍ରାପ୍ତ ଶିକ୍ଷକ ନଳିନୀରଞ୍ଜନ ରାଉତରାୟ ଯୋଗ ଦେଇଥିଲେ। ସୁକାନ୍ତ ତ୍ରିପାଠୀ, ସରୋଜ ଆଚାର୍ଯ୍ୟ ଓ ଆଦିକନ୍ଦ କୁଣ୍ଡଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୦ଟି ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୫ ହଜାର ଅର୍ଥରାଶି, ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଅଢ଼େଇ ହଜାର ଅର୍ଥରାଶି, ପ୍ରଶଂସାପତ୍ର ସହ ପୁରସ୍କୃତ କରାଯାଇଥିଲା। ସ୍ୱପ୍ନିଲ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମୀର ଜେନା, ଚିତ୍ତରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟି ଜ୍ୟୋତିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବୀଣାପାଣି ୟୁଥ କ୍ଲବ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ପଟ୍ଟାମୁଣ୍ଡାଇ,୫।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ପଞ୍ଚାୟତ



ବଡ଼ଜରିଆ ବୀଣାପାଣି ୟୁଥ କ୍ଲବ ପକ୍ଷରୁ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ମିର୍ଜା ଉମର ବେଗଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସରପଞ୍ଚ ନିରାକାର ନାୟକ, ଆୟୁବ ବେଗ, କିରଣ ପରିଡ଼ା, ପରମାନନ୍ଦ ସେଠୀ, ତ୍ରିଲୋଚନ ସ୍ୱାଇଁ, ନବଘନ ପରିଡ଼ା, ବିଜୟ ସାମଲ, ସୁନାକାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶୀତବସ୍ତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ବୀଣାପାଣି ୟୁଥ କ୍ଲବ ସଭାପତି ସୁଭାଶିଷ ନାୟକ, ସମ୍ପାଦକ ମୁକ୍ତାର ବେଗ, ଉପଦେଷ୍ଟା ଭୀମସେନ ପ୍ରମୁଖ ସହଯୋଗ କରିଥିଲେ।

## କାଣୀ ନଦୀ ପ୍ରିମିୟମ ଲିଗ୍ ଉଦ୍‌ଘାଟିତ

ଆଳି, ୫।୧(ସମିସ): ଆଳି ବ୍ଲକ ଧୋୟାଅଞ୍ଚଳ କାଣୀ ନଦୀ ପ୍ରିମିୟମ ଲିଗ୍ ଉଦ୍‌ଘାଟିତ ହୋଇଛି। ଡଃ ପ୍ରତ୍ୟୁଷ ରାୟ ଓ ଏରଡଙ୍ଗର ପୂର୍ବତନ ସରପଞ୍ଚ ପ୍ରତାପ ନାୟକ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଏରଡ଼ଙ୍ଗ କ୍ରିକେଟ ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ୧୦୬ ରନ ସଂଗ୍ରହ କରିଥିବାବେଳେ ଗଣେଶ୍ୱରପୁର ୮ ଓଭରରେ ୪ ୱିକେଟ ହରାଇ ୧୦୭ ରନ କରି ବିଜୟୀ ହୋଇଥିଲା। ସଭାପତି ସତ୍ୟବ୍ରତ ଦାସ, ଉପସଭାପତି କଲ୍ୟାଣ ବେହେରା, ସମ୍ପାଦକ ପରେଶ ମଲ୍ଲିକ, କୋଷାଧ୍ୟକ୍ଷ ରାଜେନ୍ଦ୍ର ପଲାଇ ପ୍ରମୁଖ ଉପସ୍ଥିତ ଥିବାବେଳେ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ମହିଳା ବିଡିଓଙ୍କୁ ବିଜେପି ନେତାଙ୍କ ସଙ୍ଘବଦ୍ଧ ଆକ୍ରମଣ ଘଟଣା

# ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ସରପଞ୍ଚ, ସମିତିସଭ୍ୟଙ୍କ ଧାରଣା

ରାଜନଗର, ୪।୧(ସମିସ)



ରାଜନଗର ବ୍ଲକ୍‌ର ମହିଳା ବିଡିଓଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା ସବୁ ମହଲରେ ଉଦବେଗ ସୃଷ୍ଟି କରିଛି। ଘଟଣାକୁ ୭୨ ଘଣ୍ଟା ପରେବି ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ଆଜି ଅଫିସ ଖୋଲିବା ପୂର୍ବରୁ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଓ ସମର୍ଥକ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଗୁଡିଆ, ସରପଞ୍ଚ ସଂଘ ସଭାପତି ଅଶୋକ ମହାନ୍ତି, ଡେରା ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ସରପଞ୍ଚ, ସମିତିସଭ୍ୟ ଓ ତାଙ୍କ ସମର୍ଥକ ଧାରଣାରେ ବସିଥିଲେ। ଫଳରେ କର୍ମଚାରୀ ଓ ଅଧିକାରୀ ଅଫିସ ଭିତରକୁ ଯାଇ ନ ପାରି ଫେରିଯାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରିନାହିଁ। ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ଯାଏଁ ବ୍ଲକ୍‌ରେ ପ୍ରତିଦିନ ତାଲା ପକାଇ ଗଣଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି।

ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରାଙ୍କ ନେତୃତ୍ୱରେ ୩୦ରୁ ଅଧିକ ବିଜେପି କର୍ମୀ ୨ ତାରିଖ ଦିନ ପ୍ରାୟ ୧୨ଟା ୩୦ ମିନିଟ ସମୟରେ ରାଜନଗର ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ କାର୍ଯ୍ୟାଳୟରେ ପଶି ଧମକ ଦେବା ସହ ମାରିବାକୁ ଉଦ୍ୟମ କରିଥିଲେ। ବିଡିଓଙ୍କୁ ସରକାରୀ ଅନିୟମିତତା କାର୍ଯ୍ୟ କରିବାକୁ ବାଧ କରିଥିଲେ। ବିଡିଓ ମନା କରିବାରୁ ପ୍ରଥମେ ଲଳିତଙ୍କ ସହିତ ଯାଇଥିବା କର୍ମୀ ଦୁର୍ବ୍ୟବହାର କରିଥିଲେ। ବିଡିଓ ଏହାର ପ୍ରତିବାଦ କରିବାରୁ ବିଜେପି ନେତା ଲଳିତ ବିଡିଓ ସରକାରୀ କାମ କରୁଥିବା ଲାପଟପକୁ ଟାଣି ଆଣି ତାଙ୍କ ଉପରକୁ ଫୋପାଡ଼ିବାକୁ ଯାଉଥିଲେ। ଅନ୍ୟ କର୍ମୀ ତାଙ୍କଠାରୁ ଲାପଟପ ଛଡ଼ାଇ ଆଣିବାରୁ ବିଡିଓ ରକ୍ଷା ପାଇଯାଇଥିଲେ। ଏ ଘଟଣା ସମ୍ପର୍କରେ ବିଜେଡିର ବରିଷ୍ଠ ନେତା ପ୍ରତାପ ଜେନାଙ୍କ ନେତୃତ୍ୱରେ ଏକ ଟିମ ଆଜି ୪ ଘଟିକା ସମୟରେ ଡିଜିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜଣାପଡ଼ିଛି।

## ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



ଡେରାବିଶ, ୫।୧(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ହଦପଡ଼ିଆଠାରେ ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପାଟକୁରା ନିର୍ବାଚନମଣ୍ଡଳୀ ୧୪ନଂ ଜୋନ୍ ଅନ୍ତର୍ଗତ ୯ଟି ପଞ୍ଚାୟତକୁ ନେଇ ଗଠିତ ଏହି ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବରେ କଟକର ଦେବଦାସୀ ଭଜନ ମଞ୍ଚ କଳାକାରଙ୍କ ସଙ୍ଗୀତ ଓ କେନ୍ଦୁଝରର ଆନନ୍ଦପୁରର ବୀଣାପାଣୀ ସାଂସ୍କୃତିକ ସଂଗଠନର କଳାକାରଙ୍କ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ସମାଜସେବୀ ଉମେଶ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସାରସ୍ୱତ ସଭାରେ ଶିଶୁ ଶଲ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡାକ୍ତର ନିରଞ୍ଜନ ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଡିଏସ୍‌ପି ସରୋଜ ସାହୁ ଯୋଗଦେଇ କେନ୍ଦ୍ରାପଡ଼ା ଅଞ୍ଚଳ କଳା ଓ ସଂସ୍କୃତିର ମାଟି। ଡେରାବିଶର ଦାନପୁର ଅଞ୍ଚଳର ଭିକାରୀ ଚରଣ ପଟ୍ଟନାୟକ, ପାଲା ଗାୟକ ପ୍ରଫେସର ନିରଞ୍ଜନ ପଣ୍ଡା, ସାହିତ୍ୟ ଗବେଷକ ଶ୍ରୀବତ୍ସ ନାଥ, ସଙ୍ଗୀତ ସମ୍ରାଟ ଅକ୍ଷୟ ମହାନ୍ତି, ଗାଳ୍ପିକା ଡ. ବୀଣାପାଣୀ ମହାନ୍ତି, ଗୀତିକାର ରଘୁନାଥ ରାଉତ, ପ୍ରଫେସର ନିରଞ୍ଜନ ବାରିକ, ଓଡ଼ିଶାର ପ୍ରଥମ ଚାର୍ଟାର୍ଡ ଏକାଉଣ୍ଟାଣ୍ଟ ହୃଦୟାନନ୍ଦ ନାୟକ, ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ସମେତ ବହୁ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ଜନ୍ମ ଦେଇ ଏହି ମାଟି ଓଡ଼ିଶାକୁ ଗୌରବାନ୍ୱିତ କରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଚିକିତ୍ସକ ଡାକ୍ତର ରାଜକିଶୋର ସ୍ୱାଇଁ , ସମ୍ମାନିତ ଅତିଥି ଭାବେ କଳିଙ୍ଗ ଆବାସିକ ବିଦ୍ୟାଳୟ ଚେୟାରମ୍ୟାନ ମନୋଜ ପ୍ରଧାନ, ସାମ୍ବାଦିକ ପ୍ରମୋଦ ପ୍ରତାପ, ସମବାୟବିତ ଅମ୍ବିକା ରଥ, ଯୁଗଳ ପ୍ରାଧାନ, କଣ୍ଠୁନାଥ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ମନୀନ୍ଦ୍ର ପ୍ରସାଦ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷାବିତ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

● ଗୋଟିଏ ନମ୍ବରରେ ଦୁଇଟି ଗାଡ଼ି!

## କଟକରେ କଟୁଛି ଜରିମାନା, ଭୋଗୁଛନ୍ତି କେନ୍ଦ୍ରାପଡ଼ାର ବାଇକ୍ ମାଲିକ

କେନ୍ଦ୍ରାପଡ଼ା,୫।୧(ସମିସ): ରାଜ୍ୟର ଇ-ଚାଲାଣ ବ୍ୟବସ୍ଥା ଓ ଟ୍ରାଫିକ ନିରୀକ୍ଷଣ ପ୍ରଣାଳୀକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଗୋଟିଏ ଗାଡ଼ି, ନମ୍ବର ଦୁଇଟି। ଭିନ୍ନ ଭିନ୍ନ ଗାଡ଼ିରେ ବ୍ୟବହୃତ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ଯାହାର ଶିକାର ହେଉଛନ୍ତି ଜଣେ ନିର୍ଦ୍ଦୋଷ ବାଇକ ମାଲିକ। ସେ ହେଉଛନ୍ତି ପାଟକୁରା ଥାନା ଅଧୀନ ରାମଚନ୍ଦ୍ରପୁର ଅଞ୍ଚଳର ୫୫ ବର୍ଷୀୟ ଅଖିଳ ସାହୁ। କେନ୍ଦ୍ରାପଡ଼ା ଜିଲ୍ଲାର ଏହି ବାଇକ ମାଲିକଙ୍କ ନାମରେ କଟକ ଜିଲ୍ଲା ଗୋପାଳପୁର ଅଞ୍ଚଳରେ ଟ୍ରାଫିକ ନିୟମ ଭାଙ୍ଗିବା ଅଭିଯୋଗରେ ଇ-ଚାଲାଣ ମାଧ୍ୟମରେ ଜରିମାନା କଟାଯାଇଛି। ଅଖିଳ କେବେ ବି ଗୋପାଳପୁରକୁ ଯାଇନାହାନ୍ତି ବୋଲି ଦାବି କରିଛନ୍ତି। ତାଙ୍କ କହିବା ଅନୁସାରେ, ସେ ୨୦୧୭ ଜୁଲାଇ ୧୪ ତାରିଖରେ ସନି ମୋଟର୍ସ ସୋରୁମରୁ ହିରୋ ଗ୍ଲାମର ବାଇକ କ୍ରୟ କରିଥିଲେ। ଗାଡ଼ିର



ରେଜିଷ୍ଟ୍ରେସନ୍ ନମ୍ବର ଓଡି-୦୫- ଏବି-୮୬୧୪। ସେ ନିୟମିତ ଗାଡ଼ି ଚଲାଉଥିବା ସତ୍ତ୍ୱେ କେବେ ବି କଟକ ଗୋପାଳପୁର ଅଞ୍ଚଳକୁ ଯାଇ ନ ଥିବା ସହ ଟ୍ରାଫିକ ନିୟମ ଭାଙ୍ଗିନଥିବା କଥା କହିଛନ୍ତି। ତଥାପି ଏହି ଗାଡ଼ି ନମ୍ବରକୁ ଆଧାର କରି କଟକ ଟ୍ରାଫିକ ପୁଲିସ ପକ୍ଷରୁ ଜରିମାନା ସୂଚନା ମୋବାଇଲକୁ ଆସିଥିବାରୁ ସେ ହତବାକ୍ ହୋଇଯାଇଛନ୍ତି। ଏହାଦ୍ୱାରା ସନ୍ଦେହ ଘନୀଭୂତ ହେଉଛି ଯେ, ସେହି ଏକା ଗାଡ଼ି ନମ୍ବର ବ୍ୟବହାର କରି ଅନ୍ୟ କୌଣସି ଗାଡ଼ି କଟକ ଅଞ୍ଚଳରେ ଚାଲୁଛି କିମ୍ବା ନକଲି ନମ୍ବର ପ୍ଲେଟ୍ ଲଗାଇ ଟ୍ରାଫିକ ନିୟମ ଉଲ୍ଲଂଘନ କରାଯାଉଛି। ଏହି ଗୁରୁତର ଅଭିଯୋଗକୁ ନେଇ ଅଖିଳ ପାଟକୁରା ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଆଶା କରିଛନ୍ତି। ଏହା କେବଳ ତାଙ୍କ ବ୍ୟକ୍ତିଗତ ସମସ୍ୟା ନୁହେଁ; ଆଗାମୀ ଦିନରେ ଯେକୌଣସି ଗାଡ଼ି ମାଲିକ ଏଭଳି ଭୁଲ ଇ-ଚାଲାଣ ଓ ଅଯଥା ଜରିମାନାର ଶିକାର ହୋଇପାରନ୍ତି ବୋଲି ସେ କହିଛନ୍ତି। ନିର୍ଦ୍ଦୋଷ ଗାଡ଼ି ମାଲିକଙ୍କୁ ଅଯଥା ଜରିମାନାରୁ ମୁକ୍ତ କରାଯାଉ ଓ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି।

## ତାରିଣୀ ମନ୍ଦିର ହୁଣ୍ଡିରୁ ମିଳିଲା ୬୭,୩୮୧ ଟଙ୍କା

ମହାକାଳପଡ଼ା, ୫।୧(ସମିସ): ମହାକାଳପଡା ବ୍ଲକ୍ ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ମା' ତାରିଣୀ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇ ଗଣତି କରାଯାଇଛି। ଦେବୋତ୍ତର ନିରୀକ୍ଷକ ଶକ୍ତି ପ୍ରସାଦ ନାୟକ, ମାଜିଷ୍ଟ୍ରେଟ ଭାବେ ମହାକାଳପଡା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର,ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ ଓ ମାର୍ଶାଘାଇ ଥାନା ଅଧିକାରୀ ଇନ୍ସପେକ୍ଟର ତପନ ନାୟକଙ୍କ ଉପସ୍ଥିତିରେ ହୋଇଥିବା ଏହି ଗଣତିରେ ମା' ତାରିଣୀ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ରାଜସ୍ୱ ବିଭାଗ କର୍ମଚାରୀ ଓ ମନ୍ଦିରର କର୍ମଚାରୀ ସାମିଲ ଥିଲେ। ହୁଣ୍ଡିରୁ ୬୭,୩୮୧ ଟଙ୍କା ସଂଗ୍ରହ କରାଯାଇ ମନ୍ଦିର ଟ୍ରଷ୍ଟ ବୋର୍ଡ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବା ନିମନ୍ତେ ଟ୍ରଷ୍ଟକୁ ହସ୍ତାନ୍ତର



କରାଯାଇଛି। ପୂର୍ବ ପରିଚାଳନା କମିଟି ସହସମ୍ପାଦକ ଗୌରାଙ୍ଗ ସାମନ୍ତରାୟ ନ ଆସିବାରୁ ଦୁଇଟି ହୁଣ୍ଡି ଓ ରସିଦ୍ ଅର୍ଥ ହିସାବ ହୋଇପାରିନାହିଁ। ଆସନ୍ତା ୭ ଦିନ ମଧ୍ୟରେ ସେ ହିସାବ କରି ଅର୍ଥ ପୈଠ ନ କଲେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ନିଷ୍ପତ୍ତି ହୋଇଥିବା ପରିଚାଳନା ଟ୍ରଷ୍ଟି ଦୀନବନ୍ଧୁ ଲେଙ୍କା ସୂଚନା ଦେଇଛନ୍ତି। ଟ୍ରଷ୍ଟ ବୋର୍ଡ ସଦସ୍ୟ କିଶୋର ସାମଲ, ଅମୀୟ ସାମଲ, ଭିକାରୀ ବେହେରା, ସଚ୍ଚିଦାନନ୍ଦ ସ୍ୱାଇଁ, ନରୋତ୍ତମ ଦାସ, ନିର୍ମଳ ସ୍ୱାଇଁ, କୋଷାଧ୍ୟକ୍ଷ ଅଭୟ ସାହୁ, ଦୀନବନ୍ଧୁ ଲେଙ୍କା, ଯଦୁପୁର ରାଜସ୍ୱ ନିରୀକ୍ଷକ ରଘୁନାଥ ହାଂସଦା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କ୍ ଓ ପାର୍କ ସମ୍ମୁଖରେ ଧାନ ଖଳା

ପଞ୍ଚୁପାଣ୍ଡବ,୫।୧(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ଆମ ବ୍ୟାଙ୍କ୍ ଓ ଗ୍ରାମ୍ୟ ପାର୍କ ସମ୍ମୁଖରେ ଧାନ ଅମଳ ହେଉଥିବା ଅଭିଯୋଗ ହେଉଛି। ଏହି ଗ୍ରାମରେ ଥିବା ବ୍ୟାଙ୍କ ଦୀର୍ଘଦିନ ଧରି ବନ୍ଦ ଥିବାବେଳେ ଲୋକେ ବ୍ୟାଙ୍କ୍ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏ ବିଷୟରେ ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ଏଣେ ବ୍ୟାଙ୍କ୍ କର୍ମଚାରୀ ଦୀର୍ଘଦିନ ହେଲା ଦରମା ପାଇ ନ ଥିବା ଅଭିଯୋଗ ହେଉଛି। ସେହିଭଳି ବ୍ୟାଙ୍କ୍ ପାଖରେ ଥିବା ଖେଳ ପଡିଆ ଦୀର୍ଘ ବର୍ଷ ଧରି ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ ପ୍ରଶାସନିକ ଅଧିକାରୀ ଏହା ଉପରେ ଦୃଷ୍ଟି ଦେଉ ନ ଥିବାରୁ ପାର୍କ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟ ଅଧା ହୋଇ ପଡ଼ି ରହିଥିବା ଦେଖିବାକୁ ମିଳୁଛି। ସରକାରଙ୍କ ଅର୍ଥକୁ ଠିକ୍ ଭାବେ କାମରେ ନ ଲଗାଇ ଠିକାଦାର ଓ ପ୍ରଶାସନିକ ଅଧିକାରୀ ଅଧୁରା କାମ କରି ସରକାରଙ୍କ ଟଙ୍କାକୁ ହରିଲୁଟ କରୁଥିବା ଅଭିଯୋଗ ହେଉଛି। ଏମିତିକି ପଞ୍ଚାୟତ ଅଫିସ୍, ମାର୍କେଟ କମ୍ପ୍ଲେକ୍ସ, ଖେଳ ପଡିଆ, ଓଭରହେଡ ପାଣି ଟାଙ୍କି କାମ ଅଧୁରା ହୋଇ ପଡ଼ିରହିଛି। ଶେଷରେ ଚାଷୀ ଧାନ ଅମଳ କରିବା ସହ ବିଭିନ୍ନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ସରପଞ୍ଚ ଭକ୍ତିଲତା ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ପଞ୍ଚାୟତର ସମସ୍ୟା ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅନୁଶାସନ ସଚିବଙ୍କ ଗୋଲରାହାଟ ସମବାୟ ସମିତି ପରିଦର୍ଶନ

ଡେରାବିଶ, ୫।୧(ସମିସ): ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅନୁଶାସନ ସଚିବ ମନୋଜ ପଟ୍ଟନାୟକ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି ପରିଦର୍ଶନ କରିଛନ୍ତି। ଆଗାମୀ ସପ୍ତାହରେ ବିଭିନ୍ନ ସମବାୟ ସମିତିରେ ଧାନମଣ୍ଡି ଖୋଲାଯିବାକୁ ଥିବାବେଳେ ସମିତିମାନେ ଏଥିପାଇଁ ସରକାରୀ ନିୟମ ଅନୁଯାୟୀ ସମସ୍ତ ବ୍ୟବସ୍ଥା ସୂଚାରୁ ଭାବେ କରିଛନ୍ତି କି ନାହିଁ ଶ୍ରୀ ପଟ୍ଟନାୟକ ତଦାରଖ କରିଥିଲେ। ଧାନ ବିକ୍ରୟ କରିବାକୁ ଆସୁଥିବା ଚାଷୀଙ୍କ ପାଇଁ ବସିବା, ପାନୀୟଜଳ, ପରିମଳ ବ୍ୟବସ୍ଥା, ସେମାନଙ୍କ ଧାନକୁ ସୁରକ୍ଷିତ ରଖିବା ବ୍ୟବସ୍ଥା, ଟୋକନ ଅନୁଯାୟୀ ଧାନ ବିକ୍ରି କରିବା ସୁବିଧା ବ୍ୟବସ୍ଥା ସମେତ ସଠିକ ସିସିଟିଭି ପରିଚାଳନା, ଭିତ୍ତିଭୂମି ବ୍ୟବସ୍ଥାର ସଠିକ କାର୍ଯ୍ୟକାରିତା ନେଇ ତଦାରଖ କରିଥିଲେ। ଅନୁଶାସନ ସଚିବ ଶ୍ରୀ ପଟ୍ଟନାୟକଙ୍କ ଏହି ଗସ୍ତ କାଳରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରିଣୀ ଦେବଶ୍ରୀ ମାର୍ଥାଙ୍କ ସମେତ ବ୍ଲକ ଯୋଗାଣ ଅଧିକାରୀ ସ୍ୱରୂପ ଦାସ, ସମବାୟ ସମିତି ପରିଚାଳନା ପରିଷଦ ସଭାପତି, ନିର୍ଦ୍ଦେଶକ ଓ ଚାଷୀ ଉପସ୍ଥିତ ଥିଲେ। ସମବାୟ ସମିତି ସହସମ୍ପାଦକ ଶିବାନୀ ସାହୁ, କର୍ମଚାରୀ ନରହରୀ ସ୍ୱାଇଁ, କୁନିଲତା ସ୍ୱାଇଁ ଓ ଧିରେନ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଧାନ ଚୋରିକୁ ବିରୋଧ କରିବାରୁ ଆକ୍ରମଣ ଘଟଣା

ଦୁଇ ଅଭିଯୁକ୍ତ ଗିରଫ

ମହାକାଳପଡ଼ା,୫।୧(ସମିସ): ଧାନ ଚୋରିକୁ ବିରୋଧ କରିବାରୁ ଜଣେ ଧାନ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କ ହାତ ଭାଙ୍ଗିଯିବା ସହିତ ମୁହଁରେ ଗଭୀର ଆଘାତ ଲାଗିବାରୁ ସେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଆକ୍ରମଣ କରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ଧାନ ବ୍ୟବସାୟୀ ମନ୍ମଥ ବସନ୍ତିଆ (୬୩) ଓ ବାଙ୍କିଛଦା ଗ୍ରାମର ନାରାୟଣ ବେହେରା (୫୮) ଓ ତାଙ୍କ ପୁଅ ସୁଦର୍ଶନ ବେହେରା (୩୦) ଧାନ ସଂଗ୍ରହ କରି ବିଭିନ୍ନ ଚାଉଳ ମିଲ୍‌କୁ ବିକ୍ରୟ କରନ୍ତି। ନାରାୟଣ ଓ ତାଙ୍କ ପୁଅ ପ୍ରାୟ ୧୦-୧୨ ବର୍ଷ ଧରି ଧାନ ବ୍ୟବସାୟ କରୁଥିବା ବେଳେ ମନ୍ମଥ ୩-୪ ବର୍ଷ ଧରି ଧାନ ବ୍ୟବସାୟ କରୁଛନ୍ତି। ମନ୍ମଥଙ୍କ ୬ ବସ୍ତା ଧାନ ନାରଣ ଓ ତାଙ୍କ ପୁଅ ଚୋରି କରି ତାଙ୍କ ଧାନଗଦାରେ ରଖିଥିବା ମନ୍ମଥ ପଚାରିବାରୁ ରବିବାର ଅପରାହ୍ନରେ ତାଙ୍କୁ ଉଭୟ ଆକ୍ରମଣ କରିଥିଲେ। ମନ୍ମଥ ଏ ନେଇ ମହାକାଳପଡ଼ା ଥାନାରେ ରବିବାର ସନ୍ଧ୍ୟାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟକୁ ପଠାଇଛି।

## ଜୟ ହିନ୍ଦ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୫।୧(ସମିସ): ଜୟ ହିନ୍ଦ ହାଇସ୍କୁଲ ୧୯୮୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏ ଅବସରରେ ସମସ୍ତ ଛାତ୍ରଛାତ୍ରୀ ଏହି ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ପରେ ସେମାନେ ଗୁରୁଙ୍କ ପୂଜା କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ମୃତ୍ୟୁବରଣ କରିଥିବା ଶିକ୍ଷକ ଓ ୧୯୮୩ ବ୍ୟାଚ୍ ଛାତ୍ରଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ପ୍ରଭାତ ଦାଶ, ବିଜୟ ଜେନା, ଅଭିରାମ ବିଶ୍ୱାଳ, କେଦାର ପ୍ରଧାନ, ସୁରେଶ ନାୟକ, ଭଗବାନ ରାଉତ, ବରିଷ୍ଠ ଖେଳ ଶିକ୍ଷକ ଚତୃର୍ଭୁଜ ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ବେହେରା ଓ ଅନ୍ୟ ଶିକ୍ଷକମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ବିଶ୍ୱାଳ, ମନୋଜ ରାଉତ, ସଂଜୀବ ମଲ୍ଲିକ, ଭାରତ ଭୂଷଣ ପରିଡା ଓ ଉମେଶ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ଚନ୍ଦ୍ରଶେଖର ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ମାର୍ଶାଘାଇ, ୫।୧(ସମିସ): ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ବାଲିକଷୋଟୀ ନଦୀ ବେଳାଭୂମି ପରିସରରେ ନନ୍ତକ୍ଷର-ପାରେଶ୍ୱରସ୍ଥ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଉଚ୍ଚବିଦ୍ୟାଳୟ ୨୦୧୧ ବ୍ୟାଚ୍



ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦ ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିମାଂଶୁ ସାମଲ, ସେକ ସୁଲତାନ, ସରସ୍ୱତୀ, ତ୍ରିଦେବଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲେ।

**ମିଳିତ ଜନଅଭିଯୋଗ ଶୁଣାଣି ଶିବିର**

# ୧୦୮ ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ପଟ୍ଟାମୁଣ୍ଡାଇ,୫।୧(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ୍ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଶୀତଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ୧୦୮ ଅଭିଯୋଗର ଶୁଣାଣି କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପଞ୍ଚାୟତରେ ଏଏନଏମ ସେଣ୍ଟର ପ୍ରତିଷ୍ଠା




ପାଇଁ ଆଜି ଜନଶୁଣାଣି ଶିବିରରେ ପୁନଃରାୟ ଦାବି ଉପସ୍ଥାପନ କରିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସହକାରୀ ମୁଖ୍ୟ ଚିକିତ୍ସାଧିକାରୀ ଓ ପଟ୍ଟାମୁଣ୍ଡାଇ ତହସିଲଦାର ବଳଭଦ୍ରପୁର ଯାଇ ଏଏନଏମ ସେଣ୍ଟର ପାଇଁ ସ୍ଥାନ ନିରୂପଣ କରିଥିବାରୁ ସରପଞ୍ଚ ଶ୍ରୀ ଓଝା ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ ଓ ବାରେଣୀ ସେଠୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ପଟ୍ଟାମୁଣ୍ଡାଇରେ ଶବ ବ୍ୟବଚ୍ଛେଦ ଗୃହ, ୧୯ନଂ ୱାର୍ଡରେ ଭଡ଼ାରେ

**ପଟ୍ଟାମୁଣ୍ଡାଇର ପ୍ରମୁଖ ସମସ୍ୟା ଉତ୍‌ଥାପିତ**

ଚାଲୁଥିବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜାଗା ଯୋଗାଇବା, ଶିଳ୍ପାଞ୍ଚଳ ପ୍ରତିଷ୍ଠା କରି କରତକଳ ଖୋଲିବା, ଉଠାଦୋକାନୀଙ୍କୁ ଥଇଥାନ କରିବା, ଗୋଶାଳା ଖୋଲିବା ଓ ଚିଟଫଣ୍ଡ ଅର୍ଥ କ୍ଷୁଦ୍ର ଜମାକାରୀଙ୍କୁ ଫେରାଇବା ଆଦି ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଅମୃତମଣୋହି ବାଲିଘାଟରୁ ବେଆଇନ ବାଲି ଉଠାଣ ବନ୍ଦ ପାଇଁ ପୂର୍ବତନ ସରପଞ୍ଚ କୁଳମଣି ମଲିକ, ପୂର୍ବତନ ସମିତି ସଭ୍ୟ ପ୍ରଭାତ ସେଠୀ, ୧୫ନଂ ଜୋନ ବିଜେପି ସଭାପତି ଅରୋଶିଷ ରାଉତ ଓ ଯୁବନେତା ସୁଶାନ୍ତ ବାରିକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶିବିରରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା ମନୋରଞ୍ଜନ ରାଉତ, ଜିଲ୍ଲା କୃଷି ଅଧିକାରୀ ଦେବଦାସ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେହେରା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକୋରୀ ସୁଷମା ମହାନ୍ତି, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଜୀବନରେ ଖୁସି ରହିବାକୁ ହେଲେ ବସ୍ତୁ କିମ୍ବା ମଣିଷ ସହିତ ନୁହଁ, ଏକ ଲକ୍ଷ୍ୟ ସ୍ଥିର କର ଏବଂ ତା' ସହିତ ଜଡ଼ିତ ହୁଅ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ THE SAKALA

## ଅପରେସନ ମାଦୁରୋ

ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକା ଅପହରଣ କରିନେଇଛି। ପରେ ଅବଶ୍ୟ ତାଙ୍କୁ ଗିରଫ କରି ନ୍ୟୁୟର୍କ ଜେଲରେ ରଖାଯାଇଛି। ମାଦୁରୋଙ୍କ ନେତୃତ୍ୱରେ ଡ୍ରଗ୍ସ ସାମ୍ରାଜ୍ୟ ଗଠନ ପ୍ରୟାସକୁ ଆମେରିକା ବିରୋଧ କରିଆସିଛି। ଆମେରିକାକୁ ନିଷିଦ୍ଧ ନିଶାଦ୍ରବ୍ୟ ପ୍ରେରଣରେ ତାଙ୍କର ଭୂମିକା ଦୃଷ୍ଟିରୁ ସେ ବିଚାରର ସମ୍ମୁଖୀନ ହେବେ ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅଭିଯୋଗ କେତେଦୂର ସତ ଓ ମିଛ ତାହା ଭିନ୍ନ କଥା। ଅସଲରେ ବିଶ୍ୱରେ ସବୁଠାରୁ ଅଧିକ ଖଣିଜ ତୈଳ ଭେନେଜୁଏଲାରେ ଗଚ୍ଛିତ ଥିବାରୁ ତାହାକୁ ଆମେରିକା ଆକ୍ତିଆର କରିବାକୁ ଚାହେଁ। କିନ୍ତୁ ବିଧିବଦ୍ଧ ଭାବେ ନିର୍ବାଚିତ ରାଷ୍ଟ୍ରପତିଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଗିରଫ କରି ଆମେରିକା ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତାରେ ହସ୍ତକ୍ଷେପ କରିଛି, ଯାହାକି ଅନ୍ତଃରାଷ୍ଟ୍ରୀୟ ଆଇନ ଓ ଜାତିସଂଘ ସନନ୍ଦର ଖୋଲା ଉଲ୍ଲଂଘନ। ଟ୍ରମ୍ପ ପ୍ରଶାସନର ଏହି କାର୍ଯ୍ୟକୁ ବିଶ୍ୱର ଅନେକ ରାଷ୍ଟ୍ର ସମେତ ୱାଶିଂଟନରେ ମଧ୍ୟ ବିରୋଧ କରାଯାଇଛି।

ଭେନେଜୁଏଲାର ଘଟଣାକ୍ରମ ଓ ଆମେରିକାର ଅଭିଯୋଗକୁ ତର୍ଜମା କଲେ ଇରାକର ରାଷ୍ଟ୍ରପତି ସଦାମ ହୁସେନଙ୍କ ବିରୋଧରେ ଅନୁରୂପ ମିଥ୍ୟା ଆରୋପ ମାଧ୍ୟମରେ ଗ୍ରହଣ କରାଯାଇଥିବା ସାମରିକ କାର୍ଯ୍ୟନୁଷ୍ଠାନ ସାମ୍ନାକୁ ଆସିଯିବା ସ୍ୱାଭାବିକ। ସମସ୍ତ ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଥିଲେ ମଧ୍ୟ ବିଶ୍ୱ ଜନସମୁଦାୟ କିମ୍ବା ଜାତିସଂଘ ଆମେରିକାକୁ ଦୋଷାରୋପ କରି ନ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟ କି ଅଲ୍ କାଏଦା ସଂଗଠନର ମୁଖ୍ୟ ଓସାମା ବିନ ଲାଡେନକୁ ପାକିସ୍ତାନର ଆବୋଟାବାଦ୍‌ରୁ ଗିରଫ ସକାଶେ ଆମେରିକାର ସ୍ୱତନ୍ତ୍ର ବାହିନୀ ଯେଉଁଳି ଯୋଜନା ପ୍ରସ୍ତୁତ କରିଥିଲେ ମାଦୁରୋଙ୍କ କ୍ଷେତ୍ରରେ ତାହା ଅନୁଭୂତ ହୋଇଥିଲା। ସେ ସୁରକ୍ଷିତ ବଳୟରେ ଥିଲେ ମଧ୍ୟ ମାତ୍ର ୫ ଘଣ୍ଟାର ଅପରେସନରେ ରାଷ୍ଟ୍ରପତି ଦମ୍ପତିଙ୍କୁ ହେଲିକପ୍ଟର ମାଧ୍ୟମରେ ଉଠାଇ ନିଆଯାଇଥିଲା। ଏହି ଘଟଣାର ୮ ଘଣ୍ଟା ପୂର୍ବରୁ ଚୀନ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସ୍ୱତନ୍ତ୍ର ଦୂତଙ୍କ ସହ ମାଦୁରୋଙ୍କ ଆଲୋଚନା ହୋଇଥିଲା। ଭେନେଜୁଏଲାର ୯୦ ପ୍ରତିଶତ ତୈଳ ଚୀନ କିଣୁଥିବାରୁ ଏହି ସାକ୍ଷାତକୁ ଏକ ସ୍ୱାଭାବିକ ପ୍ରକ୍ରିୟା କୁହାଯାଇପାରେ। କିନ୍ତୁ ଏଥିସହିତ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ହଠାତ୍ ଯୋଡ଼ିବା ଠିକ୍ ହେବ ନାହିଁ।

ଭେନେଜୁଏଲାର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଉପରାଷ୍ଟ୍ରପତି ହେଲସି ରୋଡ୍ରିଗ୍ସ ଶାସନ ଭାର ହାତକୁ ନେଇଛନ୍ତି। ମାଦୁରୋଙ୍କ ନିର୍ବାଚନକୁ ନେଇ ଆମେରିକା ପକ୍ଷରୁ ହୋଇଥିବା ଅଭିଯୋଗ ଯେ ଅସତ୍ୟ ତାହା ଟ୍ରମ୍ପଙ୍କ ପରବର୍ତ୍ତୀ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। ଯଦିବା ସେ ନିର୍ବାଚନ ଜାଲିଆତି କରି ବିଜୟୀ ହୋଇଛନ୍ତି ପରିବର୍ତ୍ତିତ ପରିସ୍ଥିତିରେ ବିରୋଧୀଦଳକୁ କ୍ଷମତାସୀନ କରାଇବା ପାଇଁ ଆମେରିକା ପକ୍ଷରୁ ଦାବି କରାଯାଇଥା'ନ୍ତା। କିନ୍ତୁ ବିରୋଧୀ ଦଳ ଭାବେ ମାରିଆ କୋରିନାଙ୍କ ପ୍ରତି ସେଭଳି ଜନସମର୍ଥନ ନାହିଁ। ତେଣୁ ସେ ରାଷ୍ଟ୍ରପତି ହୋଇପାରିବେନି ବୋଲି ଟ୍ରମ୍ପ ସିଧାସଳଖ ମନା କରିଦେଇଛନ୍ତି। କାରଣ ଟ୍ରମ୍ପଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ମାରିଆ ନୋବେଲ ଶାନ୍ତି ପୁରସ୍କାର ହାସଲ କରିଥିଲେ। ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଆମେରିକା ପକ୍ଷରୁ ଯେଉଁ ଅଭିଯୋଗ କରାଯାଉଛି ତାହା ସଂପୂର୍ଣ୍ଣ ଅସତ୍ୟ ଓ ନିରାଧାର।

ରୁଷ, ଚୀନ ଓ ଫ୍ରାନ୍ସ ଭଳି ବହୁ ରାଷ୍ଟ୍ର ଟ୍ରମ୍ପଙ୍କ ସାମରିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିବା ସହ ଜାତିସଂଘ ନିରାପତ୍ତା ପରିଷଦ ବୈଠକ ଡକାଇଛନ୍ତି। ଯେହେତୁ ଆମେରିକା ଭିଟୋ କ୍ଷମତାର ଅଧିକାରୀ ଏ ପ୍ରକାର ବୈଠକରେ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ଊଣା। କିଛି ଭିଟୋ ଅଧିକାରୀ ରାଷ୍ଟ୍ରଙ୍କ ପାଇଁ ଜାତିସଂଘର ଭୂମିକା ଦିନକୁ ଦିନ ଦୁର୍ବଳ ହେବାର ଲାଗିଛି। ଭେନେଜୁଏଲା ପରେ ମେକ୍ସିକୋ, କ୍ୟୁବା ଓ କଲମ୍ବିଆକୁ ଆମେରିକା ଚେତାବନୀ ଶୁଣାଇଛି। ଯେତେଦୂର ମନେହୁଏ ଏବେ ମଧ୍ୟ ଆମେରିକାର ପ୍ରାଧାନ୍ୟ ଓ ପତିଆରା ଅକ୍ଷୁଣ୍ଣ ରହିଛି।

## ବେପରବାୟ 'ଆମ ବସ'

'ଆମ ବସ' ଚଳାଚଳର ଦ୍ରୁତଗତି ଭିତିପ୍ରଦ। ବିଶେଷକରି କଟକ ଓ ଭୁବନେଶ୍ୱର ପରି ଜନଗହଳିପୂର୍ଣ୍ଣ ସହରରେ ଏହି ବସର ଗତିଶୀଳତା ଦେଖିଲେ ରାସ୍ତାରେ ଥିବା ପଥଚାରୀ ହୁଅନ୍ତୁ ବା ଅନ୍ୟ ଯାନବାହନ, ଜୀବନବିକଳରେ ବାଟଛାଡ଼ି ଦେବାକୁ ବାଧ ହେଉଛନ୍ତି। ଏପରିକି ବୟସ୍କ ପଥଚାରୀଟିଏ ରାସ୍ତାରେ ନିଜକୁ ସୁରକ୍ଷିତ ମଣୁନାହିଁ। ଅପେକ୍ଷାକୃତ କମ ବସ ଭଡ଼ା ଦେବାକୁ ପଡୁଥିବାରୁ ଏହି ସେବା ପ୍ରତି ଲୋକଙ୍କର ଆକର୍ଷଣ ଥିଲେ ମଧ୍ୟ ତାହା ଆଉ 'ଆମ ବସ' ହୋଇ ନାହିଁ, 'ସରକାରଙ୍କ ବସ'ରେ ପରିଣତ ହୋଇଛି।

ଗତ ଦେଢ଼ବର୍ଷ ମଧ୍ୟରେ 'ଆମ ବସ'ର ଖାମଖିଆଲ ଓ ଅନିୟନ୍ତ୍ରିତ ଯାତାୟାତ ଯୋଗୁଁ ଅନ୍ୟୂନ ୨୪ ଟି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି, ଯାହାର କୌଣସି ପରିସଂଖ୍ୟାନ ନାହିଁ। ଆହତଙ୍କୁ ୫୦ ହଜାର ଟଙ୍କା ସରକାର ଦେଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେ ଅକର୍ମଣ୍ୟ ହୋଇଛନ୍ତି ତାହାର ହିସାବ ରଖୁଛି ବା କିଏ? 'ଆମ ବସ'ର କ୍ରମାଗତ ଦୁର୍ଘଟଣା ସଂପର୍କରେ ଗଣମାଧ୍ୟମ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାହାର କୌଣସି ପ୍ରତିକାର ହେଉନାହିଁ। ସରକାରୀ ବ୍ୟବସ୍ଥା ଉପରେ ସରକାରଙ୍କ କଟକଣା ନ ରହିବା କ୍ଷୋଭର ବିଷୟ।

ଶନିବାର ରାଜଧାନୀରେ ହୋଇଥିବା 'ଆମ ବସ' ଦୁର୍ଘଟଣା ନିଶ୍ଚୟ ସମସ୍ତଙ୍କ ଆଖି ଖୋଲି ଦେଇଥିବ। ଦିନ ୧୧ ଟାରେ ରୁପାଲି ଛକ ରାଜଧାନୀର ଅପେକ୍ଷାକୃତ ଅଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ପ୍ରଚଳିତ ଟ୍ରାଫିକ ବ୍ୟବସ୍ଥା ସବୁକାଳେ ଅଧିକ ସତର୍କ ଓ ସଜାଗ। ଛକରେ ସିଗନାଲ ବନ୍ଦ ଥିବାରୁ ଯାନବାହନ ଅଟକି ରହିଥିଲେ। ହଠାତ୍ ସିଗନାଲ ପଡ଼ିଯିବା କଥା ନିଆରା। 'ଆମ ବସ' ନିଜର ବେଗକୁ ନିୟନ୍ତ୍ରଣ କରି ନପାରି ସାମ୍ନାରେ ଥିବା ଅଟୋରିକ୍ସାକୁ ଧକ୍କା ଦେଲା, ତାହା ଏକପ୍ରକାର ଅପେକ୍ଷାରତ ସ୍କୁଲବସରେ ପିଟି ହୋଇଗଲା। ଅଟୋର ସାମ୍ନା ଚକ ବସର ନିମ୍ନ ଅଂଶରେ ପଶିବାରୁ ଚାଳକର ଘଟଣାସ୍ଥଳରେ ମୃତ୍ୟୁ ଘଟିଲା। ଯାତ୍ରୀ ମଧ୍ୟ ଗୁରୁତର ଆହତ ହେଲେ। ଏପ୍ରକାର ଅସାବଧାନତା ଆଦୌ କ୍ଷମଣୀୟ ନୁହେଁ। କ୍ଷମାପ୍ରାର୍ଥନା ଅର୍ଥହୀନ। କ୍ରମାଗତ ଭାବେ 'ଆମ ବସ'ର ତ୍ରୁଟିପୂର୍ଣ୍ଣ ଗାଡ଼ିଚାଳନା ସଂପର୍କରେ ଦୃଷ୍ଟିଆକର୍ଷଣ କରାଯାଇଛି। ସରକାର ସହାୟତା ରାଶି ଘୋଷଣା କରୁଛନ୍ତି। ଅଥଚ ପରିସ୍ଥିତି ଅପରିବର୍ତ୍ତିତ ରହିଛି।

# ଗାନ୍ଧୀଙ୍କ 'ତୃତୀୟ ପଥ'

**ଡକ୍ଟର ଅବଶ ପରିଡ଼ା**

ଆଧୁନିକ ରାଜନୀତି କେବଳ କ୍ଷମତା, ଶ୍ରେଣୀ ସଂଘର୍ଷ କିମ୍ବା ନିର୍ବାଚନ ପ୍ରତିଯୋଗିତାରେ ସୀମିତ ନାହିଁ। ଜାଣତ ବା ଅଜାଣତରେ ଆମ ଦୈନନ୍ଦିନ ଜୀବନର ପସନ୍ଦ ଓ ନାପସନ୍ଦ ମାଧ୍ୟମରେ ରାଜନୀତି ଏବେ କାର୍ଯ୍ୟ କରୁଛି। ସରଳରେ କହିବାକୁ ଗଲେ ଆମ ପରିଚୟ, ଶରୀରର ବେଶଭୂଷା, ଦୈନନ୍ଦିନ ଅଭ୍ୟାସ ଏପରିକି ନୈତିକ ପ୍ରତିଶ୍ରୁତିବଦ୍ଧତାକୁ ମଧ୍ୟ ରାଜନୀତି ଆକାର ଦେଉଛି। ଲୋକପ୍ରିୟ ସମାଜଶାସ୍ତ୍ରୀ ଆନ୍ଥୋନି ଗିଡେନ୍ସଙ୍କ 'ଆଧୁନିକତା ଓ ଆତ୍ମ-ପରିଚୟ' ତତ୍ତ୍ୱରେ ଏହି ପରିବର୍ତ୍ତନର ନାଁ ଥିଲା 'ଜୀବନ ରାଜନୀତି' ବା 'ଲାଇଫ୍ ପଲିଟିକ୍ସ'।

ମୂଳତଃ ପାରମ୍ପରିକ ରାଜନୀତି ହେଉଛି 'ମୁକ୍ତିବାଦ' ଚିନ୍ତାଧାରା ଉପରେ ଆଧାରିତ। ଜନସାଧାରଣଙ୍କ ଦାରିଦ୍ର୍ୟ, ସମସ୍ୟା ଓ ଅତ୍ୟାଚାର ଭଳି ବାହ୍ୟ ପ୍ରତିବନ୍ଧକରୁ ମୁକ୍ତ କରିବା ସହିତ ସୁଯୋଗ ଓ ସମାନତା ଭଳି ଉପାଦାନ ଉପରେ ଏହା ଗୁରୁତ୍ୱ ଦିଏ। ଅପରପକ୍ଷେ ବ୍ୟକ୍ତିବିଶେଷ ନିଜର ପରିଚୟ, ଶରୀର ଏବଂ ଜୀବନଶୈଳୀ ବିଷୟରେ ନେଉଥିବା ନିଷ୍ପତ୍ତି ସହିତ 'ଜୀବନ ରାଜନୀତି' ଜଡ଼ିତ। ଗିଡେନ୍ସଙ୍କ ମତରେ ଆଧୁନିକତାର ଶେଷ ଭାଗରେ ଆମେ ଅଛୁ। ତେଣୁ ନିରନ୍ତର ଭାବରେ ନିଜ ପରିଚୟ ଓ ଅସ୍ତିତ୍ୱ ଉପରେ ଚିନ୍ତନ କରିବାକୁ ଆମେ ବାଧ ହେଉଛେ। ଆମ ପାଇଁ ପରିଚୟ ସତେଯେପରି ଏକ ଅସମାପ୍ତ ପ୍ରକଳ୍ପ। ଅନେକ ଯୁକ୍ତି କରନ୍ତି ଯେ ଲୋକପ୍ରିୟ ଜୀବନ ରାଜନୀତି ଧାରଣା ହେଉଛି 'ତୃତୀୟ ପଥ' ବା 'ଥାର୍ଡ଼ ୱେ' ରାଜନୈତିକ ଦର୍ଶନର ଏକ ଅଂଶ। 'ତୃତୀୟ ପଥ' ହେଉଛି ଏକ କେନ୍ଦ୍ରବାଦୀ ରାଜନୈତିକ ଦର୍ଶନ। ଚୁମ୍ବକରେ କହିଲେ ସାମାଜିକ ନ୍ୟାୟ ସହ ମୁକ୍ତବଜାର ପୁଞ୍ଜିବାଦର ମିଶ୍ରଣ ଏବଂ 'ଦାୟିତ୍ୱ ସହିତ ଅଧିକାର'ର ଗୁରୁତ୍ୱ ଭଳି ଧାରଣା ହେଉଛି ଏହି ଦର୍ଶନର ମେରୁଦଣ୍ଡ। ପୃଥିବୀରେ ଏହାକୁ ପାରମ୍ପରିକ ବାମପନ୍ଥୀ ସମାଜବାଦ ଓ ଦକ୍ଷିଣପନ୍ଥୀ ନବ-ଉଦାରବାଦର ବିକଳ୍ପ ଭାବରେ ମଧ୍ୟ ବ୍ୟାଖ୍ୟା କରାଯାଇଛି। ଏହାର ପ୍ରୟୋଗ ଓ ପ୍ରଚାରକୁ ଟୋନି ବ୍ଲେୟାର, ଗେରହାର୍ଡ ସ୍ରୋଡର୍ ଓ ବିଲ୍ କ୍ଲିଣ୍ଟନଙ୍କ ଭଳି ନେତାମାନଙ୍କ ସମର୍ଥନ ମିଳିଥିଲା।

ଉଭୟ 'ଜୀବନ ରାଜନୀତି' ଓ 'ତୃତୀୟ ପଥ'ର ଧାରଣା ରାଜନୀତି ଓ ସମାଜଶାସ୍ତ୍ରୀୟ ତତ୍ତ୍ୱରେ ପ୍ରବେଶ କରିବାର ବହୁପୂର୍ବରୁ ମହାତ୍ମା ଗାନ୍ଧୀ ଏହାକୁ ଅଭ୍ୟାସ କରିସାରିଥିଲେ। ଏକ ଶତାବ୍ଦୀ ତଳେ ପ୍ରୟୋଗ ହୋଇଥିବା ଗାନ୍ଧୀଙ୍କ 'ଜୀବନ ରାଜନୀତି' ଓ 'ତୃତୀୟ ପଥ'ର ଧାରଣା କାଳ୍ପନିକ ନୁହେଁ, ବରଂ ପାହାଡ଼ ଭଳି ପୁରୁଣା। ରାଜନୀତିରେ ସାଧାରଣତଃ ଦୁଇ ପ୍ରକାରର ସ୍ୱର ଥାଏ। ପ୍ରଥମ 'ପୁଞ୍ଜିବାଦ', ଯାହା କୁହେ ଯେ 'ବଜାର ସବୁକିଛି ସମାଧାନ କରିବ'। ଅନ୍ୟଟି ହେଉଛି 'ସମାଜବାଦ', ଯାହା ବିଶ୍ୱାସ କରେ ଯେ, 'ରାଷ୍ଟ୍ର ହିଁ ସବୁକିଛି ନିୟନ୍ତ୍ରଣ କରିବ'। ଗାନ୍ଧୀଙ୍କ 'ତୃତୀୟ ପଥ' କିନ୍ତୁ ଏହି ଉଭୟଙ୍କଠାରୁ ଭିନ୍ନ ଏବଂ ଏକ ସକ୍ଷମ ବିକଳ୍ପ। ତେଣୁ ଏହି ପରିପ୍ରେକ୍ଷୀରେ ଗାନ୍ଧୀଙ୍କ 'ତୃତୀୟ ପଥ' କୁହେ ଯେ 'ବଜାର ଓ ରାଷ୍ଟ୍ର ନୁହେଁ, ପ୍ରଥମେ ବ୍ୟକ୍ତି ନିଜ ଉପରେ ନିୟନ୍ତ୍ରଣ କାହିଁକି ରଖୁ ନାହିଁ। ସମ୍ପତ୍ତିର ସଂଚୟ ନୁହେଁ କିମ୍ବା ସମ୍ପତ୍ତିର ପୁନଃବଣ୍ଟନ ନୁହେଁ, ବରଂ ବ୍ୟକ୍ତିର ଇଚ୍ଛା ପ୍ରଥମେ ହ୍ରାସ କର'। କିନ୍ତୁ ସତ କଥା ହେଉଛି ଆଧୁନିକ ରାଜନୀତି ହେଉଛି ଅତ୍ୟଧିକ ଇଚ୍ଛା, ଯେମିତିକି ଅଧିକ ଭୋଟ ପାଇବା, ଅଧିକ ସମ୍ବଳର ମାଲିକାନା ଓ ବ୍ୟବହାର କରିବା। ଏହାସହିତ ଅଧିକ ରାଜନୈତିକ ସ୍ଲୋଗାନରେ ଲୋକଙ୍କୁ ବୋକା ବନେଇବା ଉପରେ ପର୍ଯ୍ୟବସିତ।

ଏହି ପରିପ୍ରେକ୍ଷୀରେ ମ୍ୟାକ୍ସ ୱେବରଙ୍କ 'ରାଜନୀତି ହେଉଛି ଆଧୁନିକତାର ଏକ ଲୁହା ପିଞ୍ଜରା' - ଉକ୍ତି ଆମକୁ ପ୍ରାସଙ୍ଗିକ ଲାଗିପାରେ। ଏହି ଧାରଣା କୁହେ ଯେ ଆଧୁନିକ ସମାଜ ପାଇଁ 'ଦକ୍ଷତା' ଏବେ 'ନୈତିକତା'ଠାରୁ ଶକ୍ତିଶାଳୀ ଏବଂ 'ଉନ୍ନତି' 'ସଦ୍‌ଗୁଣ'ଠାରୁ ଢେର ଆଗରେ ଅଛି। କିନ୍ତୁ ଗାନ୍ଧୀବାଦୀ ବିକାଶ ମଡେଲରେ ଏହାର ସମାଧାନ କଥା ଉଲ୍ଲେଖ ଅଛି। କୌଣସି ବିପ୍ଳବ ମାଧ୍ୟମରେ ସାମାଜିକ ଓ ବ୍ୟକ୍ତିଗତ ମୂଲ୍ୟବୋଧକୁ ସଜଡ଼ା ଯାଇପାରିବ ନାହିଁ। ଏହି ପିଞ୍ଜରାକୁ ଭାଙ୍ଗିବାକୁ ହେଲେ ପ୍ରଥମେ ନିଜ ଜୀବନଶୈଳୀକୁ ପରିବର୍ତ୍ତନ ଓ ପରୀକ୍ଷଣ କରିବା ଆବଶ୍ୟକ। ବରିଷ୍ଠ ଗାନ୍ଧୀ ସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ସଦ୍ୟ ପ୍ରକାଶିତ ଅନେକ ରିପୋର୍ଟ ଓ ଶୈକ୍ଷିକ ସର୍ଭେରେ ମହାତ୍ମା ଗାନ୍ଧୀଙ୍କୁ ଜଣେ ସ୍ୱତନ୍ତ୍ର ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ଉଲ୍ଲେଖ କରାଯାଇଛି। ଗାନ୍ଧୀଙ୍କ ନେତୃତ୍ୱ ମୂଳତଃ ବ୍ୟକ୍ତିଗତ ଜୀବନଶୈଳୀ ପରୀକ୍ଷଣରେ ନିହିତ ଥିଲା। ତାଙ୍କର ଆଭିମୁଖ୍ୟକୁ 'ବ୍ୟବହାରିକ ଆଦର୍ଶବାଦ' କୁହାଯାଏ। ଏକ ଗଣ-ଆଧାରିତ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ରାଜନୈତିକ ସକ୍ରିୟତା ସହିତ ନୈତିକ ଶୃଙ୍ଖଳାକୁ ଏହି ଆଦର୍ଶବାଦ ଏକୀକୃତ କରିଥିଲା।

ଗାନ୍ଧୀଙ୍କ 'ତୃତୀୟ ପଥ' ଆମ ପାଇଁ ପ୍ରାସଙ୍ଗିକ ନା ଅଦରକାରୀ? ଏହାକୁ ନେଇ ଅନେକ ବିତର୍କ ହୁଏ। ଏହି ପ୍ରଶ୍ନର ଉତ୍ତରରେ ଶ୍ରୀପରିଡ଼ା କୁହନ୍ତି ଯେ ଆମ ପାଇଁ ଏହା ଅସୁବିଧାଜନକ। ଆଧୁନିକ ରାଜନୀତିରେ ଗୋଟିଏ ପ୍ରଶ୍ନକୁ ନେଇ ସବୁବେଳେ ଦ୍ୱନ୍ଦ୍ୱ। ତାହା ହେଉଛି 'ଯଦି ସମସ୍ୟା ବ୍ୟବସ୍ଥାରେ ନାହିଁ, ବରଂ ଆମର ଇଚ୍ଛାରେ ଅଛି, ତେବେ କ'ଣ ହେବ? ଦ୍ରୁତ ରାଜନୀତି, ବାଧ୍ୟତାମୂଳକ ଆଦର୍ଶବାଦ, ଜବରଦସ୍ତ ଜାତୀୟତାବାଦ ସହିତ ଅନୈତିକତାକୁ ପରୋକ୍ଷରେ ଗ୍ରହଣ କରିଥିବା ବ୍ୟବସ୍ଥାରେ ନୈତିକ ଭାବରେ ବଞ୍ଚିବା ହେଉଛି ସବୁଠାରୁ ମୌଳିକ କାର୍ଯ୍ୟ। କେବଳ ରାଷ୍ଟ୍ର ଓ ବଜାର ମଧ୍ୟରେ ଏକ ଅର୍ଥନୈତିକ ଆପୋସ ପ୍ରସ୍ତାବ ନୁହେଁ, ଗାନ୍ଧୀ ଏକ ସଭ୍ୟତାମୂଳକ ଉପାୟ ପ୍ରଦାନ କରିଥିଲେ। ଯେଉଁଠାରେ ଆତ୍ମସଂଯମ ଓ ସମ୍ପ୍ରଦାୟ ମଧ୍ୟରେ ରଶି ହେଉଛି ନୀତିଶାସ୍ତ୍ର। ଏହା ହିଁ 'ତୃତୀୟ ପଥ'।

ରାଜନୀତିକୁ କେବଳ ନୀତିନିୟମ କିମ୍ବା ଆନ୍ଦୋଳନରେ ଘଟୁଥିବା ଏକ ଘଟଣା ବା ଉପାଦାନ ଭାବରେ ଗାନ୍ଧୀ କେବେ ବି ବିଚାର କରୁ ନ ଥିଲେ। ତାଙ୍କ ପାଇଁ, 'ଆଇ' ବା 'ସ୍ୱୟଂ' ଥିଲା ପ୍ରଥମ ରାଜନୈତିକ ସ୍ଥାନ। ସ୍ୱ-ରାଜନୀତିର ଜଣେ ପ୍ରବର୍ତ୍ତକ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ। ମହାତ୍ମା ଗାନ୍ଧୀଙ୍କ 'ସ୍ୱ-ରାଜନୀତି' ପ୍ରତି ଆଭିମୁଖ୍ୟ ବ୍ୟକ୍ତିର 'ସ୍ୱ-ଶାସନ' ଭଳି ଏକ ବିପ୍ଳବୀ ଧାରଣା ଉପରେ କେନ୍ଦ୍ରିତ ଥିଲା। ଏହି ଧାରଣା ବିନା ଏକ ଜାତି ପାଇଁ ରାଜନୈତିକ ସ୍ୱାଧୀନତା ଥିଲା ଅସମ୍ଭବ। ଗାନ୍ଧୀଙ୍କ ପାଇଁ ରାଜନୀତି କେବଳ କ୍ଷମତା ହାସଲ କରିବା ନୁହେଁ, ବରଂ ଆତ୍ମପରିବର୍ତ୍ତନ ଏବଂ ସମାଜସେବାର ଏକ ଉପକରଣ। ତାଙ୍କର ଏହି ଚିନ୍ତାଧାରା ପ୍ଲାଟୋ, ଆରିଷ୍ଟୋଟଲ, ଲକ୍ ଠାରୁ ଅଳ୍ପ ଭିନ୍ନ ଥିଲା ବେଳେ ଆଧୁନିକ ସମାଜଶାସ୍ତ୍ରୀ ଫୁକୋଙ୍କ ତତ୍ତ୍ୱ ଗାନ୍ଧୀଙ୍କ ସ୍ୱ-ଅନୁଶାସନ ସହ ସାମଞ୍ଜସ୍ୟ ଅଛି।

ମହାତ୍ମା ଗାନ୍ଧୀ କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ବରଂ ଆତ୍ମନିର୍ଭରତା ଓ ଅହିଂସାର ଏକ ବୃହତ୍ତର ଦର୍ଶନର ଅଂଶ ଭାବରେ ନିରାମିଷ ଭୋଜନକୁ ପ୍ରୋତ୍ସାହିତ କରିଥିଲେ। ଗାନ୍ଧୀଙ୍କ ମତ ଥିଲା ଯେ ବାଧ୍ୟବାଧକତା ନୁହେଁ, ଆନ୍ତରିକ ପ୍ରେରଣା ଭାବରେ ଉପବାସ ହେଉଛି ଏକ ସମାଧାନ। ଉଭୟ ନିରାମିଷ ଭୋଜନ ଓ ଉପବାସ ହେଉଛି ଉପନିବେଶିକ ଉପଭୋକ୍ତାବାଦ ପ୍ରତି ପ୍ରତିରୋଧ ଓ ଆତ୍ମନିୟନ୍ତ୍ରଣର ଏକ ପ୍ରୟୋଗ। ଗାନ୍ଧୀଙ୍କ ଏହି ବ୍ୟକ୍ତିଗତ ବ୍ୟବହାର ହେଉଛି ବର୍ତ୍ତମାନର ଏକ ନୈତିକ ଓ ରାଜନୈତିକ ଆବଶ୍ୟକତା ବୋଲି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିଜ ରିପୋର୍ଟରେ ଉଲ୍ଲେଖ କରିଛି। ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ 'ଭେଗାନୁଆରି' ଭଳି ଆଧୁନିକ ଆନ୍ଦୋଳନଗୁଡ଼ିକ ଲୋକପ୍ରିୟ ହେଉଛି, ଯେଉଁଠି ପ୍ରାଣୀ-ଶିଳ୍ପ କୃଷିକୁ ରାଜନୈତିକ ସ୍ତରରେ ସମାଲୋଚନା କରାଯାଉଛି। ୨୦୨୬ ସୁଦ୍ଧା ବିଶ୍ୱବ୍ୟାପୀ ୨୫ ନିୟୁତରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ଏହି ଆନ୍ଦୋଳନ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ସାମ୍ପ୍ରତିକ ସ୍ଥିତିରେ 'ଭାରତର 'ନିରାମିଷ ଜାତୀୟତାବାଦ' ଦକ୍ଷିଣପନ୍ଥୀ ହିନ୍ଦୁ ଗୋଷ୍ଠୀମାନଙ୍କ ପାଇଁ ପରିଚୟ ସାବ୍ୟସ୍ତ କରିବାର ଏକ ଉପକରଣ ପାଲଟିଛି। ସେହିପରି ଗାନ୍ଧୀଙ୍କ ଖଦି ପ୍ରଚାର କେବଳ ପ୍ରତୀକାତ୍ମକ ନ ଥିଲା, ବରଂ ଏହା ଥିଲା ବିଶ୍ୱ ପୁଞ୍ଜିବାଦର ଏକ ଭୌତିକ ସମାଲୋଚନା। ସମ୍ଭବତଃ ସେଥିପାଇଁ ସ୍ଥାନୀୟ ବସ୍ତ୍ର ଧ୍ୟାନପୂର୍ବକ ପୋଷାକ କିଣିବା ଏବଂ ସରଳତାକୁ ପର୍ଯ୍ୟବସିତ କରି 'ସ୍ଲୋ ଫେସନ' ଆନ୍ଦୋଳନ ଏବେ ଉଭା ହୋଇଛି। ଶହେରୁ ଅଧିକ ଦେଶରେ ଏହି ଆନ୍ଦୋଳନ ଏବେ ବ୍ୟାପକ। ଆମ ଦେଶରେ 'ସ୍ଲୋ ଫ୍ୟାଶନ'ର ଧାରଣା ମହାତ୍ମା ଗାନ୍ଧୀଙ୍କ ଖଦି ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ। ତେଣୁ ଆମେ କ'ଣ ପିନ୍ଧୁଛେ, କ'ଣ ଖାଉଛୁ ଏବଂ କ'ଣ ବ୍ୟବହାର କରୁ, ତାହା ଏକ ଆଦର୍ଶ ରାଜନୈତିକ ଆଲୋଚନା ହୋଇପାରିବ, ଯଦି ଆମେ ଏହାକୁ ନୈତିକ ଉପାୟରେ ପ୍ରୟୋଗ କରିବା।

ସନ୍ଦେହ ହେଉଛି ଯେ ଗାନ୍ଧୀଙ୍କ ଜୀବନ ରାଜନୀତି ଏବଂ 'ତୃତୀୟ ପଥ' ଆଜିର ରାଜନୈତିକ ପରିବେଶରେ ଖାପ ଖାଇବ ନାହିଁ। ମାଗଣା ବଣ୍ଟନ, ଉପହାର, ଅପ୍ରାସଙ୍ଗିକ ଆନ୍ଦୋଳନ ଓ ରାତାରାତି ବିକାଶର ପ୍ରତିଶ୍ରୁତି ଯୋଗୁଁ ଏହା ପଛରେ ପଡ଼ିଯାଇଛି। କିନ୍ତୁ ଗାନ୍ଧୀ ଆଜି ବି ଆମକୁ ପ୍ରଶ୍ନ କରୁଛନ୍ତି ଯେ ସରକାର ପରିବର୍ତ୍ତନ କରିବା ପୂର୍ବରୁ ନାଗରିକମାନେ ସେମାନଙ୍କର ଅଭ୍ୟାସ କାହିଁକି ପରିବର୍ତ୍ତନ କରୁନାହାନ୍ତି? ରାଜନୀତିରେ ସର୍ଟକଟକୁ ଭଲ ପାଉଥିବା ଏହି ଯୁଗରେ ଏକ ନୈତିକତାର ଲମ୍ବା ରାସ୍ତା ଉପରେ ଜିଦ୍ ଧରିଥିବାରୁ ଗାନ୍ଧୀ ଆମ ପାଇଁ ଏକ ପୁରୁଣା ବିଚାର। ରାଷ୍ଟ୍ରର ସଂସ୍କାର ନୁହେଁ, ବ୍ୟକ୍ତିର ଆତ୍ମ ସଂସ୍କାର ହେଉଛି ସବୁଠାରୁ କଠିନ ପଥ। ସମ୍ଭବତଃ ସେଥିପାଇଁ ପ୍ରସ୍ତାବିତ 'ତୃତୀୟ ପଥ' ଆମପାଇଁ ହାସ୍ୟାସ୍ପଦ। କିନ୍ତୁ କହିଲେ ଦେଖି ଏହା ଆଜିର ଆବଶ୍ୟକତା ନୁହେଁ କି?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଷାଠିଏ ପରର ଜୀବନ

**ସରୋଜ କୁମାର ଶତପଥୀ**

ପୂର୍ବରେ ଯେବେ ମଣିଷକୁ ୬୦ ବର୍ଷ ଛୁଉଁ ଥିଲା, ସେ ସମୟରେ ଏକ ସାଧାରଣ ଧାରଣା ଥିଲା, 'ଏବେ ଆମ ଜୀବନ ବୋଝ ହେଲା, ଶରୀର ଦୁର୍ବଳ ହେଲା, ଆରାମ କରିବା ସମୟ ଆସିଗଲା।' ୬୦ ବର୍ଷ ପରେ ଲୋକେ ଆତ୍ମନିବୃତ୍ତି, ଧାର୍ମିକ ଚିନ୍ତା ଓ ପରଲୋକ ଚିନ୍ତନରେ ନିଜକୁ ବ୍ୟସ୍ତ ରଖୁଥିଲେ। ସେମାନଙ୍କ ପାଇଁ ବୃଦ୍ଧାବସ୍ଥାର ଅର୍ଥ ହେଲା ଦେହ ଦୁର୍ବଳ, କାର୍ଯ୍ୟକ୍ଷମତା ଶେଷ ଆଉ ବିଶ୍ରାମ କରିବାର ସମୟ। କିନ୍ତୁ ବର୍ତ୍ତମାନ ସେହି ଚିନ୍ତାଧାରା ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ଆଜିର ଯୁଗରେ ୬୦ ବର୍ଷର ବ୍ୟକ୍ତି ନିଜକୁ ବୃଦ୍ଧ ମନେ କରୁ ନାହାନ୍ତି, ବରଂ ସେମାନେ ନିଜକୁ 'ବରିଷ୍ଠ ଯୁବକ' ଭାବେ ଦେଖୁଛନ୍ତି। ଅର୍ଥାତ୍ ୬୦ ବର୍ଷ ପରେ ମଧ୍ୟ ଲୋକମାନେ ସକ୍ରିୟ, ଚଳଚଞ୍ଚଳ ଓ କାର୍ଯ୍ୟକ୍ଷମ ରହୁଛନ୍ତି।

ଏହି ପରିବର୍ତ୍ତନ ପଛରେ ଅନେକ ସାମାଜିକ, ଶାରୀରିକ ଓ ମାନସିକ କାରଣ ରହିଛି। ଆୟୁ ବୃଦ୍ଧି, ସୁସ୍ଥ ଶାରୀରିକ ଅବସ୍ଥା ଓ ସାମାଜିକ ମନୋଭାବର ପରିବର୍ତ୍ତନ ପାଇଁ ଗତ କିଛିଦଶନ୍ଧି ଧରି ଲୋକମାନେ ଅଧିକ ଦୀର୍ଘ ଓ ସୁସ୍ଥ ଜୀବନ ବିତାଉଛନ୍ତି। ବୟସର ଗଣନାଠାରୁ କାର୍ଯ୍ୟକ୍ଷମତା ଓ ସକ୍ରିୟତା ଉପରେ ଅଧିକ ଜୋର ଦିଆଯାଉଛି। ୬୦ ବର୍ଷ ପରେ ମଧ୍ୟ ଜୀବନ ସକ୍ରିୟ ଓ ଚଳଚଞ୍ଚଳ ରହିବାର ପ୍ରବୃତ୍ତି ପ୍ରାୟ ଗତ ୨୦ ରୁ ୨୫ ବର୍ଷ ମଧ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଇଛି ଏବଂ ଆଜି ଏହାକୁ ସମାଜ 'ଦ୍ୱିତୀୟ ଯୁବାବସ୍ଥା' ଭାବେ ସ୍ୱୀକାର କରୁଛି। ୧୯୯୦ ଦଶକ ପୂର୍ବରୁ ହାରାହାରି ଆୟୁ ସାଧାରଣତଃ ୬୫-୭୦ ବର୍ଷ ମଧ୍ୟରେ ଥିଲା। ତେଣୁ ୬୦ ବର୍ଷକୁ 'ଶେଷ ଅଧ୍ୟାୟ' ଭାବି ନିଆଯାଉଥିଲା। ୨୦୦୦ ମସିହା ପରେ ଚିକିତ୍ସା, ଖାଦ୍ୟ ଅଭ୍ୟାସ, ସ୍ୱାସ୍ଥ୍ୟ ଓ ସଚେତନତା ବଢ଼ିବା ସହିତ ଜୀବନ ଆୟୁ ୭୫-୮୦ ବର୍ଷ ହୋଇ ଯାଇଛି। ଏହା ଫଳରେ ଲୋକେ ୬୦କୁ 'ବୃଦ୍ଧାବସ୍ଥା' ଭାବେ ନଦେଖି 'ମଧ୍ୟବୟସ' ଭାବେ ଦେଖୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ସଂସ୍ଥାମାନେ ୨୦୦୨ ମସିହାରୁ 'ସକ୍ରିୟ ବାର୍ଦ୍ଧକ୍ୟ'(ଆକ୍ଟିଭ୍ ଏଜିଙ୍ଗ) ଧାରଣାକୁ ଆଧୁନିକ ଭାବେ ଗଭୀରତାର ସହିତ ସ୍ୱୀକାର କରିଛନ୍ତି ଏବଂ ଏହା ପରଠାରୁ ଜଗତରେ ଏକ ନୂଆ ଧାରା ଚାଲିଛି। ୨୦୧୦ ପରେ ଆଧୁନିକ ଜୀବନଶୈଳୀ ଯୋଗୁଁ ଏହି ଧାରଣା ଆହୁରି ବଢ଼ି ଯାଇଛି। ସକ୍ରିୟ ବାର୍ଦ୍ଧକ୍ୟ ହେଉଛି ଜୀବନସାରା ଶାରୀରିକ, ମାନସିକ ଓ ସାମାଜିକ ଭାବରେ ନିୟୋଜିତ ରହିବାର ପ୍ରକ୍ରିୟା, ଯାହା ବୟସ ସହିତ ଜଣଙ୍କର ଜୀବନର ଗୁଣବତ୍ତା ବୃଦ୍ଧି କରେ। ଏହା ସୁସ୍ଥ ଅଭ୍ୟାସ, ନିରନ୍ତର ଶିକ୍ଷା, ସାମାଜିକ ସଂଯୋଗ ଓ ସମାଜରେ ଯୋଗଦାନ କରିବାରେ ସକ୍ଷମ ହେବା ମାଧ୍ୟମରେ ସ୍ୱାସ୍ଥ୍ୟ ଓ ନିରାପତ୍ତା ଭଳି ସୁଯୋଗକୁ ସର୍ବୋତ୍କୃଷ୍ଟ କରିବା ସହିତ ଜଡ଼ିତ। ପୂର୍ବେ ବୟସ ବଢ଼ିଲେ ଲୋକେ ପଛକୁ ଦେଖୁଥିଲେ - ଏପର୍ଯ୍ୟନ୍ତ ମୁଁ କେତେ କଲି। ଆଜିର ମଣିଷ ଆଗକୁ ଦେଖୁଛନ୍ତି -ଏବେ ମୋର ସମୟ ଆସିଲା କିଛି ନୂଆ କରିବାର।

ବୃଦ୍ଧାବସ୍ଥା ବିଜ୍ଞାନୀ(ଜେରୋଣ୍ଟୋଲଜିଷ୍ଟ) ମାନେ ବୟସର ସଂଜ୍ଞାକୁ ସଂକଳିତ ଭାବେ ତିନିଟି ମୁଖ୍ୟ ଶ୍ରେଣୀରେ ବାଣ୍ଟିଛନ୍ତି। ପ୍ରଥମଟି ହେଲା, ଯୁବ-ବୟସ୍କ(ୟଙ୍ଗ ଓଲ୍ଡ), ଯେଉଁମାନଙ୍କ ବୟସ ପ୍ରାୟ ୬୦ ରୁ ୭୪ ବର୍ଷ। ଏମାନେ ଅଧିକାଂଶ ସ୍ୱାସ୍ଥ୍ୟସମ୍ପନ୍ନ, ସ୍ୱାଧୀନ ଓ ସକ୍ରିୟ। ଏହି ବୟସର ଲୋକମାନେ ଅବସର ନେଇ ନୂଆ ରୁଚି, ସେବାକାର୍ଯ୍ୟ କିମ୍ବା ଭ୍ରମଣ ଆଦି କରନ୍ତି। ୨ୟଟି ହେଲା ମଧ୍ୟ-ବୃଦ୍ଧ(ମିଡିଲ୍ ଓଲ୍ଡ), ଯେଉଁମାନଙ୍କର ବୟସ ହାର ପ୍ରାୟ ୭୫ ରୁ ୮୪ ବର୍ଷ। ଏହି ଶ୍ରେଣୀରେ ସ୍ୱାସ୍ଥ୍ୟ ଓ ଶକ୍ତି କିଛିମାତ୍ରାରେ କମିବା ଆରମ୍ଭ କରେ। ସେମାନଙ୍କ କିଛି ଦୈନିକ କାମରେ ସେମାନେ ସହାୟତା ଲୋଡ଼ିଥା'ନ୍ତି, କିନ୍ତୁ ମନୋବଳ ଦୃଢ଼ ଥାଏ। ଏହି ଶ୍ରେଣୀର ଲୋକମାନେ ପରିବାର ଓ ନାତି-ନାତୁଣିଙ୍କ ସହିତ ସମୟ ବିତାନ୍ତି। ତୃତୀୟ ତଥା ଶେଷ ପର୍ଯ୍ୟାୟ ହେଲା ପ୍ରବୃଦ୍ଧ ବୃଦ୍ଧ(ଓଲ୍ଡ ଓଲ୍ଡ), ଯେଉଁମାନଙ୍କର ବୟସ ୮୫ ବର୍ଷ ଓ ତଦୂର୍ଦ୍ଧ୍ୱ। ଏମାନଙ୍କଠାରେ ଅଧିକ ସ୍ୱାସ୍ଥ୍ୟ ଜଟିଳତା, ଶାରୀରିକ ଦୁର୍ବଳତା ଏବଂ ସେବା ଆବଶ୍ୟକତା ଥାଏ, କିନ୍ତୁ ଅନେକେ ମନୋବଳ, ଆସ୍ଥା ଓ ଅନୁଭବରେ ସମୃଦ୍ଧ ଥା'ନ୍ତି।

ଏଣୁ ୬୦ ପର ଜୀବନକୁ 'ପତନର ଅବଧି' ଭାବେ ନୁହେଁ ବରଂ ଏକ 'ନୂଆ ଆରମ୍ଭ' ଭାବେ ଉପଲବ୍ଧି କରିବା ହେଉଛି ଆମ ସାମାଜିକ ମନୋଭାବର ପରିଣାମ। ଆଧୁନିକ ଚିକିତ୍ସା ବିଜ୍ଞାନ ଓ ସ୍ୱାସ୍ଥ୍ୟ ସଚେତନତା ଆଜିର ଲୋକଙ୍କୁ ଦୀର୍ଘ ଓ ସୁସ୍ଥ ଜୀବନ ଦେଇଛି। ନିୟମିତ ଅଭ୍ୟାସ, ସଠିକ ଖାଦ୍ୟ, ଯୋଗ ଓ ଧ୍ୟାନ ଆଜି ଜୀବନର ଅଂଶ ହୋଇଛି। ଏହା ଦେହ ଓ ମନକୁ ଯୁବସୁଲଭ ରଖୁଛି। ସେଥିପାଇଁ ଆଗ ତୁଳନାରେ ଆଜି ଲୋକମାନେ ଅଧିକ ଦିନ ବଞ୍ଚୁଛନ୍ତି ଏବଂ ଅଧିକ ସୁସ୍ଥ ଅଟନ୍ତି।

ପୂର୍ବରୁ ବୃଦ୍ଧ ଲୋକମାନଙ୍କୁ ଦୁର୍ବଳ, ନିଷ୍କ୍ରିୟ ଓ ବୋଝ ବୋଲି ମନେ କରା ଯାଉଥିଲା। କିନ୍ତୁ ଆଜି ସେହି ଧାରଣାକୁ ଆଧୁନିକ ବୃଦ୍ଧ ପିଢ଼ି ଭାଙ୍ଗି ଦେଇଛନ୍ତି। ଅନେକେ ୬୦ ପରେ ମଧ୍ୟ ପାହାଡ଼ ଚଢ଼ୁଛନ୍ତି, ଭ୍ରମଣ କରୁଛନ୍ତି, ସାଇକେଲ ଚଳାଉଛନ୍ତି, ଯାହା ଏକ ସକାରାତ୍ମକ ସନ୍ଦେଶ ଦେଉଛି ଯେ ବୟସ କେବଳ ଏକ ସଂଖ୍ୟା ମାତ୍ର। ଯେକୋଣସି ବୟସରେ ମଣିଷ ସ୍ୱପ୍ନ ଦେଖିପାରେ, ସକ୍ରିୟ ରହିପାରେ, ପ୍ରେମ କରିପାରେ, ଶିଖିପାରେ ଓ ନିଜକୁ ଉନ୍ନତ କରିପାରେ।

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# କାଗଜ କପ ସ୍ୱାସ୍ଥ୍ୟ ପ୍ରତି ବିପଦ

**ଶ୍ରୀନନ**

ଚା ପିଇବା ପାଇଁ ଆଗେ ବ୍ୟବହାର କରାଯାଉଥିଲା ଚାଇନାମାଟି ବା ସେରାମିକ୍ ତିଆରି କପ୍ କିମ୍ବା କାଚ ଗ୍ଲାସ। କିନ୍ତୁ ବର୍ତ୍ତମାନର 'ବ୍ୟବହାର କର ଏବଂ ଫିଙ୍ଗିଦିଅ' ଯୁଗରେ ସେଗୁଡ଼ିକର ଚାହିଦା କମିଯାଇଛି, ବିଶେଷ କରି, ଚା' ଦୋକାନ, ହୋଟେଲ ଆଦିରେ। ଏବେ ଏହାର ସ୍ଥାନ ନେଇଛି ମୁଖ୍ୟତଃ କାଗଜ ତିଆରି କପ, ଥରେ ବ୍ୟବହାର କଲା ପରେ ଏହି ଶସ୍ତା ଜିନିଷଗୁଡ଼ିକୁ ଫିଙ୍ଗିଦିଆଯାଉଛି। ଅତଏବ ତାହାକୁ ପୁନଃ ବ୍ୟବହାର ପାଇଁ ପରିଷ୍କାର କରି ସାଇତିବା ଦରକାର ପଡୁନାହିଁ। ତେବେ ଏଗୁଡ଼ିକ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଲାଣି।



ବିଜ୍ଞାନ ବାର୍ତ୍ତା

କାଗଜ ତିଆରି କପ୍‌ରେ ଚା' କିମ୍ବା କଫି ଆଦି ଗରମ ତରଳ ପଦାର୍ଥ ଭରିଲେ ତାହା ଭିଜି ନଯିବା ପାଇଁ ସେଥିରେ ଦିଆଯାଇଥାଏ 'ପଲିଇଥିଲିନ୍' (Polyethylene) ନାମକ ଏକ ପ୍ଲାଷ୍ଟିକ ବୋଳା। ବୈଜ୍ଞାନିକମାନଙ୍କ ମତରେ ଏହି ଉଷ୍ମ ପାନୀୟଗୁଡ଼ିକ ତାହାର କ୍ଷୟ ଘଟାଇ ସୂକ୍ଷ୍ମପ୍ଲାଷ୍ଟିକ୍ କଣିକା (Microplastic) ଏବଂ ବାଇ ଫିନାଇଲ୍ – ଏ (Biphenef A) ପର୍ଫ୍ଲୋରୋଆଲ୍‌କାଇଲ-ପଲିଫ୍ଲୋରୋ ଆଲ୍‌କାଇଲ୍ ପଦାର୍ଥ' (Perflyroalysys – polyfloro alkye substances) ଥାଲେଟ୍ (Phthalo-e) ଆଦି ବିଷାକ୍ତ ରସାୟନମାନ ଉତ୍ପନ୍ନ କରିଥା'ନ୍ତି। ଏହା ଆମ ଶରୀର ମଧ୍ୟକୁ ପ୍ରବେଶ କରି ସେଠାରେ ଜମା ହେବାକୁ ଲାଗନ୍ତି ଏବଂ ହର୍‌ମୋନୀୟ ବିଶୃଙ୍ଖଳା, ବନ୍ଧ୍ୟାତ୍ୱ, ଉଚ୍ଚ ରକ୍ତଚାପ, ଚୟାପଚୟ ବିଶୃଙ୍ଖଳା, ଏପରିକି କର୍କଟ ରୋଗର ମଧ୍ୟ ଆଶଙ୍କା ବୃଦ୍ଧି କରିନ୍ତି। ଏପରିସ୍ଥଳେ, ଏହାର ବ୍ୟବହାର ଯେତେଦୂର ସମ୍ଭବ ନ କରିବା ଭଲ।

ଖଡଗପୁରସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର' ସିଭିଲ୍ ଇଂଜିୟରିଂ ବିଭାଗର ପ୍ରଫେସର ଡକ୍ଟର ସୁଧା ଗୋଏଲ୍ ଓ ଏନ୍‌ଭାର୍ଣ୍ଣମେଣ୍ଟାଲ୍ ଇଂଜିନିୟରିଂ ଏଣ୍ଡ ମ୍ୟାନେଜ୍‌ମେଣ୍ଟ ବିଭାଗର ଗବେଷକ ବେଦ ପ୍ରକାଶ ଓ ଅନୁଜା ଯୋଶେଫ୍ ଆଦିଙ୍କ ଅଧ୍ୟୟନରୁ ଜଣାପଡ଼ିଛି ଯେ କାଗଜ ତିଆରି କପ୍‌ରେ ଚା' ପିଇଲେ ୧୫ ମିନିଟ୍ ମଧ୍ୟରେ ଏହାର ୧୦୦ ମିଲିଲିଟରରେ ୨୫୦୦୦ ପର୍ଯ୍ୟନ୍ତ ସୂକ୍ଷ୍ମପ୍ଲାଷ୍ଟିକ୍ କଣିକା ସୃଷ୍ଟି ହୁଅନ୍ତି। ଏଗୁଡ଼ିକ ରକ୍ତସ୍ରୋତ ଦେଇ ବିଭିନ୍ନ ଅଙ୍ଗ ନିକଟରେ ପହଞ୍ଚିଯାଆନ୍ତି।

ପ୍ରଫେସର ଗୋଏଲ୍‌ଙ୍କ କହିବା ଅନୁସାରେ ଏବର ପ୍ରାୟ ୨୫୦୦୦ ମାଇକ୍ରନ (୧୦ ମାଇକ୍ରୋ ମିଟରରୁ ୧୦୦ ମାଇକ୍ରୋମିଟର) ଆକୃତିର ସୂକ୍ଷ୍ମକଣିକାଗୁଡ଼ିକ ପଲିଇଥିଲିନ୍‌ରୁ ସୃଷ୍ଟି ହୁଅନ୍ତି ୮୫ ରୁ ୯୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ। ଏଣୁ ଆମେ ଦିନକୁ ପ୍ଲାଷ୍ଟିକ ବୋଳାଦିଆ କାଗଜ କପ୍‌ରେ ଚା' ବା କଫି ପିଇଲେ ଉକ୍ତ କଣିକାରୁ ପ୍ରାୟ ୭୫୦୦୦ ସୂକ୍ଷ୍ମକଣିତା ଆମ ଶରୀର ମଧ୍ୟକୁ ପ୍ରବେଶ କରନ୍ତି।

ଏସବୁ ଦୃଷ୍ଟିରୁ ବିଚାର କଲେ ଏପ୍ରକାର କାଗଜ ତିଆରି କପ୍ ସର୍ବଥା ବର୍ଜନୀୟ ବୋଲି ମତ ଦିଅନ୍ତି ସେଠାରେ ନିର୍ଦ୍ଦେଶକ ଥିବା ପ୍ରଫେସର ବୀରେନ୍ଦ୍ର କିଶୋର ତିୱାରୀ। ଅତଏବ ଏହା ବଦଳରେ ପାରମ୍ପରିକ ତଥା ବହୁବାର ବ୍ୟବହାର କ୍ଷମ ସେରାମିକ୍, କାଚ ବା ଷ୍ଟୋନ୍‌ଲେସ୍ ଷ୍ଟିଲ ଆଦି କପ୍‌ରେ ଚା', କଫି, ସୁପ୍ କିମ୍ବା ଅନ୍ୟ କୌଣସି ଉଷ୍ମ ପାନୀୟ ପିଇବା ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ନିରାପଦ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶ୍ରୀମନ୍ଦିରରେ ଗଣ୍ଡଗୋଳ ପାଇଁ ଦର୍ଶନ ବନ୍ଦ ପ୍ରସଙ୍ଗ

# କ୍ଷମା ପ୍ରାର୍ଥନା କଲେ ମୁଖ୍ୟ ପ୍ରଶାସକ

ପୁରୀ,୫।୧(ସମିସ): ଅହଙ୍କାର ଓ ଆତ୍ମବଡ଼ିମା ପାଇଁ ପରସ୍ପର ମଧ୍ୟରେ ଗଣ୍ଡଗୋଳ କଲେ। ହଜାର ହଜାର ଭକ୍ତଙ୍କ ଗହଳି ଭିତରେ ମୁହାଁମୁହିଁ ହେଲେ। ଏପରିକି, ଅଧ ଘଣ୍ଟାଏରୁ ଅଧିକ ସମୟ ଭକ୍ତଙ୍କ ଦର୍ଶନ ବନ୍ଦ କରିଦେଲେ। ରବିବାର ଶ୍ରୀମନ୍ଦିର ଭିତରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ସହ କମାଣ୍ଡର, ଜେଟିପି ଓ କେତେଜଣ ସେବକଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ଏଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏଥିପାଇଁ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କ୍ଷମା ମାଗିଛନ୍ତି।

ଗଣ୍ଡଗୋଳ ପାଇଁ ଦର୍ଶନ ବନ୍ଦ ଘଟଣାକୁ ନେଇ ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସରିବା ପରେ ମୁଖ୍ୟ ପ୍ରଶାସକ ଗଣମାଧ୍ୟମ କହିଥିଲେ ଯେ, ଯାହା ହୋଇଛି ସେଥିପାଇଁ କ୍ଷମା ପ୍ରାର୍ଥନା କରୁଛୁ। ମାତ୍ର କେଉଁ କାରଣରୁ ଏହି ବିବାଦ ଉପୁଜିଥିଲା, କିଏ ଦ୍ୱାର ପକାଇ ଭକ୍ତଙ୍କ ଦର୍ଶନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲା, ସେ ବିଷୟରେ ମୁହଁ ଖୋଲିନଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ। ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ବୈଠକ ସଂକ୍ରାନ୍ତରେ ସେ କହିଥିଲେ, ପ୍ରୋଟୋକଲ ଦର୍ଶନ ପାଇଁ ଏସ୍ଓପି ବା ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ। ଏହି ଏସ୍ଓପି ଅନୁଯାୟୀ ହିଁ ବିଶିଷ୍ଟ ବ୍ୟକ୍ତିମାନେ ଦର୍ଶନ କରିବେ। ଯେଉଁମାନେ ଆସିବେ ତାଙ୍କର ତାଲିକା ପ୍ରସ୍ତୁତ କରାଯିବ। ଫଳରେ ଏହାର କେହି ଦୁରୁପଯୋଗ କରିବେ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ହିଁ କେବଳ ପ୍ରୋଟୋକଲ ଦାୟିତ୍ୱରେ ରହିବ। ପ୍ରୋଟୋକଲ ଦର୍ଶନକୁ ଶୃଙ୍ଖଳିତ ଏବଂ ନିୟମବଦ୍ଧ କରିବା ପାଇଁ ଏସ୍ଓପିର ଡ୍ରାଫ୍ଟ ପ୍ରସ୍ତୁତ ହୋଇଛି। ଏଥିରେ କିଭଳି ଭାବେ ଅତିଥିଙ୍କ ଦର୍ଶନ ବ୍ୟବସ୍ଥା କରିପାରିବା ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇଛି। ସମସ୍ତଙ୍କ ସହିତ କଥା ହେବା ପରେ ଏହାକୁ ଚୂଡ଼ାନ୍ତ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗ୍ରେଟର ନୋଏଡ଼ା...

ଏହି କେନ୍ଦ୍ରରେ ଥିବା ଏଆଇ ଟୁଲ୍ ଏକ୍ସରେ, ଅଲଟ୍ରାସାଉଣ୍ଡ, ସିଟି ସ୍କାନ, ଏମଆରଆଇ ରିପୋର୍ଟ, ଲାବୋରାଟୋରୀ ଇନଭେଷ୍ଟିଗେସନରେ ଡାକ୍ତରଙ୍କୁ ସହାୟତା କରିବ। ସରକାରୀ ହସ୍ପିଟାଲରେ ଡାକ୍ତର ଏବଂ ରୋଗୀଙ୍କୁ ସିଧାସଳଖ ଏଆଇ-ଆଧାରିତ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି କ୍ଲିନିକର ଉଦ୍ଦେଶ୍ୟ। ଏହି ଅବସରରେ ଜିଆଇଏମଏସ ନିର୍ଦ୍ଦେଶକ ତଥା ପ୍ରଫେସର ଏବଂ ଶିଶୁ ରୋଗ ବିଶେଷଜ୍ଞ ଡ. ରାକେଶ କୁମାର ଗୁପ୍ତା କହିଛନ୍ତି ଯେ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଏହା ନୂତନ ସୁଯୋଗ ଏବଂ ପ୍ରବେଶ ପ୍ରଦାନ କରିବ । ସେ ଏହାକୁ ସମୟର ଆବଶ୍ୟକତା ବୋଲି କହିଥିଲେ। ଏହି କ୍ଲିନିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଶରେ ଏକ ପ୍ରମୁଖ ଜାତୀୟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଏହି ଉଦଘାଟନୀ ସମାରୋହରେ ଦେଶ ଓ ବିଦେଶରୁ ପ୍ରାୟ ଶହେରୁ ଅଧିକ ବିଶେଷଜ୍ଞ ସାମିଲ ହୋଇଥିଲେ।

### ଇନ୍‌ଷ୍ଟାଗ୍ରାମରେ ସେକ୍ସ...

ଠିକଣାରେ ଭିଡିଓ ମଧ୍ୟ ଅପଲୋଡ କରାଯାଇଛି। ଏହି ଭିଡିଓରେ ସ୍ଥାନର ଠିକଣା ଦେଖାଯାଉଛି। ତେଣୁ ଗ୍ରାହକ ସହଜରେ ଏଠାରେ ପହଞ୍ଚି ପାରୁଛନ୍ତି। ଭିଡିଓରେ ଶୟନ କକ୍ଷ ମଧ୍ୟ ଦେଖାଯାଉଛି। ୨୦୨୬ ମାର୍ଚ୍ଚରୁ ଏହି ପୃଷ୍ଠା ଚାଲିଥିବାବେଳେ ଲୁଧିୟାନା ପୁଲିସ ଏସଂପର୍କରେ ସୂଚନା ନପାଇବା ସମସ୍ତଙ୍କୁ ବିସ୍ମିତ କରିଛି।

ସୂଚନା ଅନୁଯାୟୀ, ଇନଷ୍ଟାରେ ସିମରନ ଲୁବାନିଙ୍କ ନାମରେ ଏକ ପେଜ ରହିଛି। ଏଠାରେ ପଞ୍ଜାବର ଦୁଗରି ଚୌକ କୋଠାର ଠିକଣା ରହିଛି। ଏଥିରେ ସବୁ ଭିଡିଓ ପୋଷ୍ଟ କରାଯାଉଛି। ଏହି ପେଜ୍‌ରେ ଅନେକ ଯୁବତୀ ନିଜର ଅଶ୍ଳୀଳ ଭିଡିଓ କରି ଅପଲୋଡ କରିଛନ୍ତି। ଗ୍ରାହକଙ୍କୁ ଟାଣିବା ପାଇଁ ଏନଆରଆଇ ଭାବି ନାମରେ ମଧ୍ୟ ରିଲ୍ ରହିଛି। ଆଉ କିଛି ପୋଷ୍ଟରେ ଆପତ୍ତିଜନକ ଭାଷା ବ୍ୟବହାର କରାଯାଇଛି। ରିଲ୍ ମାଧ୍ୟମରେ ଦର ମଧ୍ୟ ଜଣାଇ ଦିଆଯାଉଛି। ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଣି କୋଠାକୁ ଆସିବାକୁ କୁହାଯାଉଛି। ଆଗ୍ରହୀ ବ୍ୟକ୍ତିଙ୍କୁ ମେସେଜ କରି କେଉଁ ଅଞ୍ଚଳରେ ଯୁବତୀ ଦରକାର ବୋଲି ପଚରା ଯାଉଛି। ପରେ ଏକ ଲିଙ୍କ ଦିଆଯାଉଛି। ଏଥିରେ ୩୦ ହଜାର ଭିଡିଓ ଏବଂ ୨୨ ହଜାର ଫଟୋ ଥିବା ଦାବି କରାଯାଇଛି।

### ସାରା ରାଜ୍ୟରେ...

ଚାଳିଶି କିଲୋମିଟରରୁ ଅଧିକ ଦୂରତା ପାଇଁ ପରିବହନ ଖର୍ଚ୍ଚର ସଂଶୋଧନ, ଅରୁଆ ଚାଉଳ କ୍ଷେତ୍ରରେ ୧ ପ୍ରତିଶତ "ଡ୍ରାଇଏଜ୍' ବ୍ୟବସ୍ଥାର ପୁନଃପ୍ରଚଳନ ଆବଶ୍ୟକ। ପଡ଼ୋଶୀ ରାଜ୍ୟଗୁଡ଼ିକରେ ପୂର୍ବବର୍ଷ ତୁଳନାରେ ମିଲର୍ସମାନଙ୍କୁ ଦିଆଯାଉଥିବା ଦେୟରେ ବୃଦ୍ଧି କରାଯାଇଛି। ହେଲେ ଓଡ଼ିଶା ସରକାର ଦେୟ ବୃଦ୍ଧି ବଦଳରେ ପୂର୍ବ ପ୍ରଚଳିତ ରାଶିକୁ କମାଇ ଦେଇଛନ୍ତି। ପୂର୍ବରୁ ଧାନ ପରିବହନ ବାବଦକୁ କୁଇଣ୍ଟାଲ ପିଛା ୪୩ ପଇସା ମିଳୁଥିଲା; ମାତ୍ର ଏବେ ଏହାକୁ ୨୮ ପଇସାକୁ କମାଇ ଦିଆଯାଇଛି। ପୂର୍ବରୁ ଅରୁଆ ଚାଉଳ କରୁଥିବା ମିଲ୍‌ଗୁଡ଼ିକୁ ୧ ପ୍ରତିଶତ ଛୁଟ୍ଟି ମିଳୁଥିଲା। ହେଲେ ରାଜ୍ୟ ସରକାର ଏହାକୁ ୦.୦୭ ପ୍ରତିଶତକୁ ଖସାଇ ଦେଇଛନ୍ତି। ସେହିପରି ପରିବହନ ଖର୍ଚ୍ଚ ମଧ୍ୟ ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ହ୍ରାସ କରି ଦିଆଯାଇଛି।

ମିଲର୍ସ ଆସୋସିଏସନ ସଭାପତି ମହେଶ ବଂଶଲ କହିଛନ୍ତି, ସରକାରୀ ସ୍ତରରେ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ସମସ୍ତ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ରହିବ। ପୂର୍ବରୁ ନଭେମ୍ବର ଓ ଡିସେମ୍ବରରେ ମୌଖିକ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ୫ ସପ୍ତାହ ବିତିଯାଇଥିଲେ ମଧ୍ୟ କୌଣସି ସରକାରୀ ଆଦେଶନାମା ଜାରି କରାଯାଇ ନାହିଁ। ତେଣୁ ସଂଘ ବାଧ୍ୟ ହୋଇ ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଅପରପକ୍ଷରେ ଖାଦ୍ୟ ଯୋଗାଣ ବିଭାଗ କହିଛି ଯେ ସେମାନେ ମିଲରଙ୍କ ଦାବି ସମ୍ପର୍କରେ ଅବଗତ ଅଛନ୍ତି। ଏହାର ସମାଧାନ ପାଇଁ ଅଧିକ ସମୟ ମାଗିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ଯେପରି ପ୍ରଭାବିତ ନ ହେବ, ସେଥିପାଇଁ ବିଭାଗ ଚେଷ୍ଟା କରୁଛି। ଅନ୍ୟପଟେ ମିଲର୍ସଙ୍କ ଏହି ନିଷ୍ପତ୍ତି ଯୋଗୁଁ ବର୍ତ୍ତମାନ ବିଶେଷକରି ପଶ୍ଚିମ ଓଡ଼ିଶାର ଜିଲାଗୁଡ଼ିକରେ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି। ସରକାରୀ ଭାବେ ଧାନ ରଖିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଚାଷୀ ଏବେ ଅନେକ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ଦେଖାଦେଇଛି।

### ଓପିଡି ୨ ଘଣ୍ଟା...

ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଭିନ୍ନ ଡାକ୍ତରଖାନାରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୬ ତାରିଖରୁ ଓମ୍‌ସା ନିଜର ୧୦ ଦଫା ଦାବି ନେଇ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କରି ଆସୁଥିଲା। ତେବେ ସେମାନଙ୍କର ଦାବି ପୂରଣ ହୋଇ ନ ଥିବାରୁ ପୂର୍ବ ଘୋଷଣା ଅନୁଯାୟୀ, ସୋମବାରଠାରୁ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରାଯାଇଛି। ଦିନ ୯ଟାରୁ ୧୧ଟା ଯାଏଁ ରାଜ୍ୟବ୍ୟାପୀ ସରକାରୀ ହସ୍ପିଟାଲରେ ଓପିଡି ସେବାରେ ଡାକ୍ତରମାନେ ଯୋଗ ଦେଇନଥିବାରୁ ହସ୍ପିଟାଲରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ ବି ରୋଗୀମାନେ ଚିକିତ୍ସା ନପାଇ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ସରକାର ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ଅପରପକ୍ଷେ ଓମସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ଆମ ନ୍ୟାଯ୍ୟ ଦାବି ପୂରଣ ନେଇ ସରକକାର କୌଣସି ଆନ୍ତରିକତା ପ୍ରଦର୍ଶନ କରୁ ନାହାନ୍ତି। କେବଳ ଏକ ସଚିବ ସ୍ତରୀୟ କମିଟି ଗଠନ କରିଦେଇ ସରକାର ନିରବ ବସି ଯାଇଛନ୍ତି। ଆମ ଦାବି ନ ଶୁଣାଯିବା ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିବ। ଏହାସହ ଆଗାମୀ ଦିନରେ ଆମେ ସମୂହ ଇସ୍ତଫା ଦେବା ନେଇ ଯୋଜନା କରିଛୁ। ଏନେଇ ଜିଲ୍ଲାସ୍ତରରୁ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କଠାରୁ ନିର୍ଦ୍ଦିଷ୍ଟ ସମ୍ମତିପତ୍ର ଏକତ୍ର କରୁଛୁ। ୩୦ଟି ଯାକ ଜିଲ୍ଲାର ଫର୍ମ ଆମ ନିକଟରେ ପହଞ୍ଚିବା ପରେ ଆମେ ତାକୁ ସରକାରଙ୍କୁ ପ୍ରଦାନ କରିବା ନେଇ ଚରମ ପଦକ୍ଷେପ ନେବୁ ବୋଲି ସେ 'ସକାଳ'କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଆମକୁ ଆଲୋଚନାକୁ ଡାକିଲେ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଅପରପକ୍ଷେ ସରକାର ଯଦି ଦାବି ନ ଶୁଣନ୍ତି ତାହେଲେ, ୧୫ତାରିଖରୁ ସକାଳେ ୨ ଘଣ୍ଟା ଓ ଉପରବେଳା ସମ୍ପୂର୍ଣ୍ଣ ଓପିଡି ବନ୍ଦ କରାଯିବ। କେବଳ ଜରୁରିକାଳୀନ ସେବା ଜାରି ରହିବ। ଏହାପରେ ୨୭ରୁ ସମ୍ପୂର୍ଣ୍ଣ ଭାବେ ଓପିଡି ସେବା ବନ୍ଦ କରିବାକୁ ସଂଘ ବିଚାର କରୁଥିବା ଜଣାପଡ଼ିଛି।

ଏପଟେ ଡାକ୍ତରଙ୍କ ଆନ୍ଦୋଳନ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ଓମ୍‌ସାର ଦାବିକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏଥିପାଇଁ ଏକ ସଚିବସ୍ତରୀୟ କମିଟି ଗଠନ ହୋଇଥିବା ବେଳେ ଏହାର ପ୍ରଥମ ବୈଠକ ସରିଲାଣି। ଡାକ୍ତର ସଂଘର ଦାବିଗୁଡ଼ିକ ମଧ୍ୟରୁ ୨ଟି ଦାବି ପୂରଣ ନେଇ ସରକାର ମାନି ନେଇ ସାରିଛନ୍ତି। ସମସ୍ତ ସମସ୍ୟା ଆଲୋଚନା ମାଧ୍ୟମରେ ସମାଧାନ ହେବ। ରୋଗୀ ସେବାରେ ଡାକ୍ତରମାନଙ୍କର ଗୁରୁ ଦାୟିତ୍ୱ ରହିଛି। ରୋଗୀଙ୍କ ପାଇଁ ଡାକ୍ତର ଭଗବାନ ସଦୃଶ। ତେଣୁ ନିଜ ବୃତ୍ତିକୁ ସମ୍ମାନ ଜଣାଇ ଡାକ୍ତରମାନେ ରୋଗୀସେବାରେ ଯୋଗ ଦିଅନ୍ତୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

### କୋଟାରେ ଆବଦ୍ଧ...

ଏହା ଯୋଗ୍ୟତା ଭିତ୍ତିରେ ପୂରଣ ହେବା ଆବଶ୍ୟକ ଓ ଅଧିକ ନମ୍ବର ରଖିଥିବା ଏସ୍‌ସି, ଏସଟି, ଓବିସି, ଇଡବ୍ଲ୍ୟୁଏସ୍, ଦିବ୍ୟାଙ୍ଗ ବା ଅନ୍ୟ କୌଣସି ସଂରକ୍ଷଣ ବର୍ଗ ଏହି ମୁକ୍ତ ଆସନରେ ନିଯୁକ୍ତି ପାଇପାରିବେ। ରାଜସ୍ଥାନର ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ ୨୦୨୩ ସେପ୍ଟେମ୍ବର ୧୮ ରେ ରାଜସ୍ଥାନ ହାଇକୋର୍ଟ ଡିଭିଜନ ବେଞ୍ଚ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ବଜାୟ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ସାଧାରଣ ବର୍ଗର କଟ୍‌ଅଫଠାରୁ ଅଧିକ ମାର୍କ ରଖିଥିବା ସ।ତ୍ତ୍ୱେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ କେବଳ ସେହି ବର୍ଗରେ ସୀମିତ ରଖାଯାଇ ପାରିବ ନାହିଁ। ଅଧିକ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ମୁକ୍ତ ବର୍ଗରେ ନିଯୁକ୍ତି ଦିଆ ନ ଗଲେ ସମ୍ବିଧାନର ଧାରା ୧୪ ଏବଂ ୧୬ର ଉଲ୍ଲଂଘନ ହେବ।

ଏହି ଅବସରରେ ସର୍ବୋଚ୍ଚ ଅଦାଲତ ପ୍ରଥମେ ଯୋଗ୍ୟତା ଆଧାରରେ ମେଧାବୀ ତାଲିକା (ସର୍ଟଲିଷ୍ଟ) ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ମୁକ୍ତ ମେଧା ତାଲିକା ପ୍ରସ୍ତୁତି ପରେ ସଂରକ୍ଷିତ ବର୍ଗଙ୍କ ତାଲିକା ପ୍ରସ୍ତୁତ କରାଯିବା ଦରକାର। ମୁକ୍ତ ତଥା ସାଧାରଣ ବର୍ଗ ଅର୍ଥାତ୍ ସମସ୍ତଙ୍କ ପାଇଁ ମୁକ୍ତ। ଏହି ନିୟମ ସରକାରୀ ଚାକିରି ସହିତ ଶିକ୍ଷା କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ ହେବ। ଯଦି କୌଣସି ଛାତ୍ର ଆଇଆଇଟି-ଜେଇଇ, ନିଟ୍ ଭଳି ପ୍ରବେଶିକା ପରୀକ୍ଷାରେ ସାଧାରଣ ବର୍ଗର କଟ-ଅଫଠାରୁ ଅଧିକ ମାର୍କ ରଖୁଛନ୍ତି ତେବେ ତାଙ୍କୁ ସଂରକ୍ଷିତ ସିଟ୍‌ରେ ସୀମିତ ରଖାଯାଇପାରିବ ନାହିଁ। କିନ୍ତୁ ଏହି ପ୍ରାର୍ଥୀ ବୟସ, ଦେୟ କିମ୍ବା ଶାରୀରିକ ନିୟମରେ କୌଣସି ଆଶ୍ୱସ୍ତି ନେଇ ନ ଥିବା ଉଚିତ। ଯଦି ପ୍ରାର୍ଥୀ ସଂରକ୍ଷିତ ଶ୍ରେଣୀର ଲାଭ ନେଇ ସାରିଛନ୍ତି ତେବେ ସେ ମୁକ୍ତ ବର୍ଗ ପାଇଁ ଯୋଗ୍ୟ ହୋଇପାରିବେ ନାହିଁ।

### ଉମର ଖାଲିଦ...

ଅଭିଯୁକ୍ତଙ୍କୁ କଠୋର ସର୍ତ୍ତ ସହିତ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଏହି ୫ ଜଣ ହେଲେ ଗୁଲଫିଶା ଫାତିମା, ମୀରନ ହାଇଦର, ସିଫା ଉର ରହେମାନ, ମହମ୍ମଦ ସଲିମ ଖାନ ଏବଂ ସଦବ ଅହମଦ। ଏମାନେ ସମସ୍ତେ ୨୦୨୦ରୁ ଜେଲରେ ଅଛନ୍ତି।

ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ବେଞ୍ଚ ଆଜି ଉପରୋକ୍ତ ଆଦେଶ ଦେଇଛନ୍ତି। ଖାଲିଦ ଓ ଇମାମଙ୍କ ଜାମିନ ଆବେଦନକୁ ଖାରଜ କରି ଖଣ୍ଡପୀଠ କହିଲେ ଯେ ଏହି ଦୁଇ ଜଣଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ। ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବା ଲାଗି ଏମାନେ ଷଡ଼ଯନ୍ତ୍ର କରୁଥିଲେ ବୋଲି ଦିଲ୍ଲୀ ପୁଲିସ ଯେଉଁ ଯୁକ୍ତି ଦର୍ଶାଇଛି, ସେଥିରେ କୋର୍ଟ ସନ୍ତୁଷ୍ଟ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କୁ ଜାମିନ ଦିଆଯାଇ ପାରିବ ନାହିଁ। ଦୀର୍ଘ ଦିନ ।।ହେଲା ବିନା ବିଚାରରେ ଜେଲରେ ଅଛନ୍ତି ବୋଲି ଜାମିନ ପାଇଁ ହକଦାର ନୁହନ୍ତି। ସେମାନଙ୍କ ବିରୋଧରେ ହୋଇଥିବା ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ସମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି କୁହାଯାଇପାରିବ ନାହିଁ।

ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଅନ୍ୟ ୫ ଜଣଙ୍କୁ ଜାମିନ ଦିଆଯାଥିଲେ ମଧ୍ୟ ସେମାନଙ୍କ ବିରୋଧରେ ଥିବା ଅଭିଯୋଗର ଗୁରୁତ୍ୱ ହ୍ରାସ ହୋଇନାହିଁ। ୧୨ଟି ସର୍ତ୍ତ ସହିତ ଏମାନଙ୍କୁ ଜାମିନ ପ୍ରଦାନ କରାଯାଇଛି। ଯଦି ଏହି ସର୍ତ୍ତଗୁଡିକର ଉଲ୍ଲଂଘନ ହୁଏ, ତେବେ ଅଭିଯୁକ୍ତଙ୍କ ଶୁଣାଣି ପରେ ଟ୍ରାଏଲ କୋର୍ଟରେ ଏମାନଙ୍କ ଜାମିନକୁ ପ୍ରତ୍ୟାହାର କରାଯିବ।

କୋର୍ଟଙ୍କ ଏହି ରାୟ ଫଳରେ ଉମର ଓ ଇମାମ ଆଗାମୀ ଏକ ବର୍ଷ ପାଇଁ ଜାମିନ ଆବେଦନ କରିପାରିବେ ନାହିଁ ବୋଲି କୁହାଯାଉଛି। ତେବେ ସେମାନଙ୍କ ମାମଲାରେ ସାକ୍ଷ୍ୟଗ୍ରହଣ ଏକ ବର୍ଷ ପୂର୍ବରୁ ଶେଷ ହେଲେ ସେମାନେ ଜାମିନ ପାଇଁ ଆବେଦନ କରିପାରିବେ ବୋଲି ସୁପ୍ରିମ କୋର୍ଟ କହିଛନ୍ତି।

ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଏମାନଙ୍କୁ ଜାମିନ ଦେବାକୁ ମନା କରିଦେଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ଏହି ଅଭିଯୁକ୍ତମାନେ ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଉମର ଜାମିନ ପାଇଁ ତଳ କୋର୍ଟରୁ ଆରମ୍ଭ କରି ସୁପ୍ରିକୋର୍ଟ ପର୍ଯ୍ୟନ୍ତ ୬ଥର ଆବେଦନ କରିସାରିଛନ୍ତି। ସୂଚନାଯୋଗ୍ୟ ୨୦୨୦ ଫେବୃଆରୀରେ ଦିଲ୍ଲୀ ଦଙ୍ଗା ହୋଇଥିଲା ଓ ଏଥିରେ ୫୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୭୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ୭୫୦ରୁ ଅଧିକ ଏଫ୍ଆଇଆର୍ ଦାଏର କରାଯାଇଥିଲା। ପୁଲିସର କହିବା ଅନୁଯାୟୀ ୨୦୨୦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ଅଭିଯୁକ୍ତମାନେ ଦଙ୍ଗା କରିବାକୁ ଚାହିଁଥିଲେ ଓ ଏଥିରେ ସଫଳ ମଧ୍ୟ ହୋଇଥିଲେ। ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ଆଇନ (ଆତଙ୍କବାଦ ବିରୋଧ ଆଇନ) ଅନୁଯାୟୀ ମାମଲା ଦାୟର କରାଯାଇଥିଲା।

### ଦୁର୍ଘଟଣାରେ ଚାଲିଗଲା...

ଆସୁଥିବା ସୁଦର୍ଶନପୁରର ଚନ୍ଦନ ପ୍ରଧାନଙ୍କ ବାଇକ୍ ସହ ସେମାନଙ୍କର ଶକ୍ତ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଉଭୟ ଗାଡ଼ିର ଆରୋହୀମାନେ ରାସ୍ତାରେ ଛିଟିକି ପଡ଼ି ରକ୍ତାକ୍ତ ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଗୁରୁତର ଆହତମାନଙ୍କୁ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ଚନ୍ଦନଙ୍କୁ ନେବା ପାଇଁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ମିଳିଥିବା ବେଳେ ପ୍ରତାପ ଓ ତାଙ୍କ ପତ୍ନୀଙ୍କ ପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସି ନ ଥିଲା। ଏହି ଅବହେଳା ଯୋଗୁଁ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା ଏବଂ ସମୟୋଚିତ ଚିକିତ୍ସା ନ ମିଳିବା ହିଁ ଦମ୍ପତିଙ୍କ ମୃତ୍ୟୁର ପ୍ରମୁଖ କାରଣ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବାପା-ମା'ଙ୍କୁ ହରାଇ ଏବେ ଦେଢ଼ ବର୍ଷର ଶିଶୁଟି ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି। ମୃତ୍ୟୁ ମୁଖରୁ ବର୍ତ୍ତିଯାଇଥିଲେ ମଧ୍ୟ ସେ ନିଜ ମୁଣ୍ଡ ଉପରୁ ବାପା-ମା'ଙ୍କ ଛାତ୍ରଛାୟା ହରାଇଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶିଶୁର ଲାଳନପାଳନ ଏବଂ ଭବିଷ୍ୟତର ସୁରକ୍ଷା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ମାର୍ଚ୍ଚରେ ଡିଲ୍...

ଏସ୍ଆଇ ପଦବୀର ଡିଲ୍ କରିଥିଲେ। ତେବେ ଏହି ଖବର କୌଣସି ସୂତ୍ରରୁ ଲିକ୍ ହେବା ପରେ ମାର୍ଚ୍ଚ ମାସରେ ପରୀକ୍ଷା ବାତିଲ କରାଯାଇଥିଲା। ମାତ୍ର ପୁଣିଥରେ ଅକ୍ଟୋବରରେ ପରୀକ୍ଷା ତାରିଖ ଘୋଷଣା ସହ ପୂର୍ବରୁ ଛାପା ହୋଇଥିବା ପ୍ରଶ୍ନପତ୍ର ଅନୁସାରେ ପରୀକ୍ଷା କରିବାକୁ ସ୍ଥିର ହେବା ପରେ ଦଲାଲଙ୍କ ଆଶା ଉଜ୍ଜୀବିତ ହୋଇଥିଲା। ପୁଣି ଡିଲ୍ ଆରମ୍ଭ ହେବା ସହ ଜୋର୍‌ସୋର୍‌ରେ ଚାକିରି କିଣାବିକା ଚାଲିଥିଲା।

ସୂଚନା ଅନୁସାରେ, ସେପ୍ଟେମ୍ବରରେ ହେବାକୁ ଥିବା ପୁନଃ ପରୀକ୍ଷା ପାଇଁ ସିଲିକନ୍ ଟେକ୍ ଲ୍ୟାବ୍ ଏମଡି ସୁରେଶ ନାୟକ ୫ଟି ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓପିଆର୍‌ବିକୁ ପ୍ରଦାନ କରିଥିଲେ। ଏହାମଧ୍ୟରୁ ଓପିଆର୍‌ବି ୫ ନମ୍ବର ସେଟ୍ ଛାପିବା ପାଇଁ ଅନୁମୋଦନ କରିଥିଲା। ମାତ୍ର ସୁରେଶ ଏଠାରେ ମଧ୍ୟ ଠକେଇ କରିଥିଲେ। ଯେହେତୁ ଆଶାୟୀ ପରୀକ୍ଷାର୍ଥୀମାନଙ୍କୁ ସେଟ୍ ନମ୍ବର ୩ ପ୍ରଶ୍ନପତ୍ର ବଣ୍ଟା ସରିଥିଲା, ତେଣୁ ସୁରେଶ ଠକେଇ କରି ୫ ନମ୍ବର ସେଟ୍ ପରିବର୍ତ୍ତେ ୩ ନମ୍ବର ସେଟ୍ ଛାପିଥିଲେ। ୫ ନମ୍ବର ସେଟ୍ ଛାପିଥିଲେ ଡିଲ୍ ହୋଇଥିବା ୨୫ ଲକ୍ଷ ଟଙ୍କା ଲେଖାଏଁ ପରୀକ୍ଷାର୍ଥୀଙ୍କୁ ଫେରାଇବାକୁ ପଡ଼ିଥାଆନ୍ତା। ତେଣୁ ସେ ସେଟ୍ ନମ୍ବର ୩କୁ ଛାପିଥିଲେ ଓ ଏହା ହିଁ ପରୀକ୍ଷାରେ ବ୍ୟବହାର କରାଯାଇଥାଆନ୍ତା।

ତେବେ ବିଡ଼ମ୍ବନା ହେଉଛି, ଓପିଆର୍‌ବି ଏହି ଠକେଇ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିଲା। ସତରେ ଓପିଆର୍‌ବି ଏ ସମ୍ପର୍କରେ ଅଜ୍ଞ ଥିଲା ନା ଜାଣିଶୁଣି ନିରବ ରହିଥିଲା, ତାହା ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଓପିଆର୍‌ବିର ଏସ୍ ବଳଭଦ୍ର ଦୀପ ଓ ସେକ୍‌ସନ୍ ଅଫିସର ଗୌତମ ପ୍ରସାଦ ବେହେରାଙ୍କୁ ସିବିଆଇ ପକ୍ଷରୁ ପଚରାଉଚରା କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାରେ 'ସକାଳ'ରେ ପ୍ରକାଶ ପାଇଥିବା ପ୍ରତ୍ୟେକଟି ଖବର ସତ୍ୟ ସାବ୍ୟସ୍ତ ହୋଇଛି। ୨୦୨୫ ମାର୍ଚ୍ଚ ୭ରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ବାତିଲ ହୋଇଥିବା ନେଇ ପ୍ରଥମ ଥର ପାଇଁ 'ସକାଳ'ରେ ଖବର ପ୍ରକାଶ ପାଇଥିଲା, ଯାହା ଚାର୍ଜସିଟ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏହାସହ ସେପ୍ଟେମ୍ବରରେ ମଧ୍ୟ 'ସକାଳ'ର ଅନୁସନ୍ଧାନମୂଳକ ରିପୋର୍ଟରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପୁନର୍ବାର ପରୀକ୍ଷା ବାତିଲ ହୋଇଥିଲା। ଚାକିରି ପିଛା ୨୫ଲକ୍ଷର କାରବାର ହୋଇଥିବା ଏଥିରେ ଉଲ୍ଲେଖ ରହିଥିଲା।


## Jana Kalyan Pratisthan
Land Must, Water Next, Food First for Tribes
Sivananda Nagar, Paralakhemundi, Dist: Gajapati, Odisha
Email: jkpratisthan@gmail.com
Web: www.janakalyanpratisthan.org

**REQUIREMENT**

A male candidate with 10th class (above 60%) is required for NGO as Office Assistant with knowledge and skills of computer operation, MS Office, All files, convertion, internet etc.
All interested candidates may contact: 9437012921

Sd/- Secretary


## OFFICE OF THE PANCHAYAT SAMITI: KALYANSINGHPUR
DIST- RAYAGADA. PIN CODE-765016. ODISHA
E-mail : ID: ori-kalyansinghpur@nic.in
Letter No. 3623 /2025, Date. 31.12.2025

i-455

**CORRIGENDUM**

Consequent upon tender notification No. 3605, dtd. 29.12.2025 relating to tender call notice of BDO. Kalyansinghpur towards construction of "Gram Panchyat Level Federation (GPLF) Building" work (Civil) in Kalyansinghpur Block.
The following modification has been made in the following manner.

| Description | Previously made | Presently modified |
|---|---|---|
| Class of Contractor | D & C | C & B |
| Date & Time of available in website and receipt online | 11:00 Hrs of 02.01.2026 to 17:00 Hrs of 16.01.2026 | 11:00 Hrs of 04.01.2026 to 17:00 Hrs of 16.01.2026 |

Manisha Das, OAS-I (SB)
Block Development Officer
KALYANSINGHPUR

OIPR-19432/11/0006/2526

## କଟକ ଉନ୍ନୟନ କର୍ତ୍ତୃପକ୍ଷ
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

CAD-2922

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୬ ରେ ପ୍ଲଟ୍ ନଂ-1565(P)Duplex House No.8 (Bhawani Construction) ଟିକୁ ଶ୍ରୀ ଭରତ ଚନ୍ଦ୍ର ବାରିକ, ପି- ସ୍ୱ ଅନନ୍ତ ବାରିକ, ସା- ପ୍ଲଟ୍ ନଂ-1565(P)Duplex House No.8 (Bhawani Construction), ପୋ-ଅଭିନବ ବିଡାନାସୀ, ଥା- ମର୍କତ ନଗର, ଜି-କଟକ-୭୫୩୦୧୪ ଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀ ଭରତ ଚନ୍ଦ୍ର ବାରିକ ଉକ୍ତ ପ୍ଲଟ୍ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଲକ୍ଷ୍ମୀପ୍ରିୟା ସାହୁ, ସ୍ୱା- ଲକ୍ଷ୍ମୀଧର ସାହୁ, ସା-ହାଇକୋର୍ଟ ଛକ, ପୋ-ଚାନ୍ଦିନୀ ଚୌକ, ଥା- ଲାଲବାଗ, ଜି-କଟକ, ପିନ୍-୭୫୩୦୦୨ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ଦଶ(୧୦) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0450/2526

ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

## OFFICE OF THE SUPERINTENDING ENGINEER RURALWORKS DIVISION, BALLIGUDA

O-1909

Government of Odisha e-Procurement Notice
Bid Identification No. Online Tender-15/EERWD BLG/2025-26
rw_balliguda@yahoo.com

Letter No. 5403/RWDBLG Date 29.12.2025

| | | | |
|---|---|---|---|
| 1 | Name of the work | :: | Building Work |
| 2 | Estimated cost | :: | Rs.21.18 Lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | From 08.01.2026 at 10.00 AM to 15.01.2026 up to 5.00 PM |
| 5 | Last Date/ Time for receipt of Bids in the Portal | :: | 15.01.2026 up to 5.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website **https://www.tendersodisha.gov.in** . Any addendum / corrigendum / cancellation of tender can also be seen in the said website only.

Executive Engineer
Rural Works Division
Balliguda

OIPR-25164/11/0037/2526

## AFFIDAVIT

By virtue of an affidavit sworn before the Executive Magistrate, Cuttack, I, Santosh Kumar Samantaray, resident at Nuagarh, Telengapenth, Ps - Cuttack Sadar, Cuttack have changed my father 's name from Kunja Samantaray to Trilochan Samantaray. Hence afterwards my father 's name will be considered as **Trilochan Samantaray** instead of Kunja Samantaray for all purposes.

## AFFIDAVIT

I Bijaya Laxmi Pradhan D/o- Ainthi Pradhan,W/o- Gouri Shankar Palai. At-Gopakuda, Post-Maluda, Dist-Puri, Odisha. Ichanged my surname Bijaya Laxmi palai to Bijaya Laxmi Pradhan. Both names same person i.e myself for all Purposes. Affidavit No- 57/03/01/2026

## AFFIDAVIT

By virtue of an affidavit sworn before the Executive Magistrate, Berhampur, Ganjam on 31.12.2025, I, PADMINI SARABA EPPI, W/o- E. Jayaram Saraba & D/o.- Sundarshan Senapati permanent resident of Prem Nagar, Main Road, Near Shakti Cinema Hall Berhampur, P.S.: Bada Bazar, Dist.- Ganjam, have changed my name from E. PADMINI SARABA to PADMINI SARABA EPPI & correct DOB is 28.08.1977. Henceforth, I shall be known as **PADMINI SARABA EPPI** for all purposes.

## AFFIDAVIT

I, Rama Prasad Prusty Simadri, S/o- Late Lakshminarayan Prusty Simadri, resident at Mahatmagandhi Road, Aska, Post / PS – Aska, Dist. – Ganjam, Odisha, PIN – 761110, declare by this Affidavit No. 0036 dated 05.01.2026 that now onwards I shall be known as **Ramprasad Prusty Simadri** for all future purpose.

## AFFIDAVIT

I SANJAY JAIN,S/o Kamal Raj Jain, resident of At- Bell Road, PO-P.R.PETA,/Ps-Jeypore, DT- Koraput - 764003, Odisha declare by this Affidavit No.27 Dated - 05/01/2026,that now onwards I shall be known as **SANJAY KUMAR JAIN** for all future purpose.

## AFFIDAVIT

By virtue of an affidavit sworn before the Executive Magistrate, Surada, Ganjam, Odisha, I, Meera Nayak, permanent resident of Vill- Bhaliagochha, P.O.- Suramani, P.S.- Surada, Dist.- Ganjam, Odisha, Pin-761107 have changed the name of my minor daughter from ROSY NAYAK to SRIMAYI NAYAK. Henceforth, she shall be known as **SRIMAYI NAYAK** for all purposes.

**Meera Nayak**

## NOTICE

By virtue of an affidavit sworn before the Notary Public, Cuttack, dated 30.12.2025 I, Binaya Kumar Sasmal S/o. Dhoi Sasmal permanent resident of At-Dahipal, Nandigram, Naugaon, Dist- Jagatsinghpur, Odisha, Pin-754113 have changed my name from Binaya Sasmal to Binaya Kumar Sasmal.Henceforth, I shall be known as Binaya Kumar Sasmal for all purposes.

**Binaya Kumar Sasmal**

## NOTICE

By virtue of an affidavit sworn before the Notary Public, Cuttack, dated 30.12.2025 I, Mohita Kumar Mahanta S/o. Late Indramanai Mahanta permanent resident of Vill/P.O.- Gojitangiri, PS- Patna, Dist- Keonjhar, Pin-758016, Odisha have changed my name from Mohita Kumar Mohanta to Mohita Kumar Mahanta.Henceforth, I shall be known as Mohita Kumar Mahanta for all purposes.

**Mohita Kumar Mahanta**

## NOTICE

By virtue of an affidavit sworn before the Notary Public, Cuttack, dated 30.12.2025 I, Rukhshana Siddique W/o. Sk Wazid Siddique permanent resident of At/P.O.-Paramahansa, Via- Biribati, PS-Kandarpur, Dist- Cuttack, Odisha, Pin- 754100 have changed my name from Ruksana Bibi to Rukhshana Siddique.Henceforth, I shall be known as Rukhshana Siddique for all purposes.

**Rukhshana Siddique**

## NOTICE

By virtue of an affidavit sworn before the Notary Public, Cuttack, dated 30.12.2025 I, Salim Aziz Kachhi S/o. Late Aziz Dawood Kachhi permanent resident of At-Kesharpur, P.O.-Buxibazar, Dist- Cuttack, Pin-753001, Odisha have changed my name from Salim Aziz to Salim Aziz Kachhi.Henceforth, I shall be known as Salim Aziz Kachhi for all purposes.

**Salim Aziz Kachhi**

## NOTICE

By virtue of an affidavit sworn before the Notary Public, Cuttack, dated 19.12.2025, I, Subhadarshini Pattanaik, D/o. Mahendra Chandra Pattanaik permanent resident At-Vyasangar (M), P.O.-Jaipur Road, Dist- Jajpur, Odisha, Pin- 755019 have changed my name from Suradarshani Pattnayak to Subhadarshini Pattanaik. Henceforth, I shall be known as Subhadarshini Pattanaik for all purposes.

**Subhadarshini Pattanaik**

## ସତ୍ୟପାଠ

ମୁଁ ବର୍ଷା ପ୍ରଧାନ ବୟସ-୨୩ ବର୍ଷ, ପିତା- ପ୍ରଭୁଦତ୍ତ ପ୍ରଧାନ, ନି-ଚୁଡଙ୍ଗସାହି, ମଧୁବନ ଲେନ୍, ପୁରୀ, ହାଲ ନିବାସୀ ଗ୍ରାମ/ପୋ.ଅ, ଥାନା- ରେଢାଖୋଲ, ଜିଲ୍ଲା- ସମ୍ବଲପୁର ସତ୍ୟପାଠ କରୁଅଛି ଯେ ପ୍ରକୃତରେ ମୋର ପିତାଙ୍କ ନାମ ପ୍ରଭୁଦତ୍ତ ପ୍ରଧାନ, ଯାହାକି ଇଂରାଜୀ ସ୍ପେଲିଙ୍ଗରେ ତାଙ୍କର ସମସ୍ତ ନଥିପତ୍ରରେ Prabhudatta Pradhan ଉଲ୍ଲେଖ ଅଛି କିନ୍ତୁ ମୋର ଶିକ୍ଷାଗତ ସାର୍ଟିଫିକେଟ, ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଭୋଟର କାର୍ଡ ଇତ୍ୟାଦିରେ Prabhudutta Pradhan ଉଲ୍ଲେଖ ହୋଇଅଛି । ଯେ Prabhudutta Pradhan ଏବଂ Prabhudatta Pradhan ମୋର ପିତାଙ୍କ ନାମ ଅଟେ ଓ ଅନ୍ୟକେହି ନୁହନ୍ତି ।

## ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗଜପତି

ଆସନ୍ତା ତା. ୦୭.୦୧.୨୦୨୬ ରିଖ ଠାରୁ ତା. ୧୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡିୟମ, ପାରଳାଖେମୁଣ୍ଡି ପରିସରରେ ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ, କୃଷି ଉଦ୍ୟୋଗୀ, ଡିଲରମାନଙ୍କୁ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁରୋଧ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
ଗଜପତି

## ଭୁବନେଶ୍ୱର ଉର୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

CAD-2916

ପତ୍ର ସଂଖ୍ୟା ୨୫୬୭୪ / ଭୁ.ଉ.କ. ଭୁବନେଶ୍ୱର,ତା. ୩୧.୧୨.୨୦୨୫ରିଖ
SRD-339/88

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ଼ ଡେଭେଲପ୍ମେଣ୍ଟ ସ୍କିମ୍, ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ ନଂ. କେ. ୮ -୧୧୯୧ କୁ ଭୁବନେଶ୍ୱର ଉର୍ନୟନ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୪୫୮୪/AL ତା- ୦୪.୦୩.୧୯୯୭ ରିଖ ଅନୁଯାୟୀ ଶ୍ରୀମତୀ ସରୋଜ ବାଳା ରଥ , ସ୍ୱାମୀ ପ୍ରମୋଦ କୁମାର ରଥ ଗ୍ରାମ - ଆଟେଣ୍ଡା , ପୋଷ୍ଟ-ବାଲିଝରୀ , ଥାନା -କାନପୁର , ଜିଲ୍ଲା - କଟକ ଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ସରୋଜ ବାଳା ରଥ ଗତ ତା- ୧୦.୦୩.୨୦୨୧ ରିଖ ରେ ମୃତ୍ୟୁବରଣ କରିଅଛନ୍ତି ( Death certificate No-1374407 Dated. 16.03.2021, Legal heir certificate No- E-LHC/2021/227108) ବର୍ତ୍ତମାନ ଅରବିନ୍ଦ ରଥ (ପୁତ୍ର) ଉକ୍ତ ପ୍ଲଟର ଉତ୍ତରାଧିକାରୀ ଅଛନ୍ତି ।

ଏଣୁ ଉକ୍ତ ପ୍ଲଟ ର ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବଦ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟ ରେ ନିମ୍ନ ସ୍ୱାକ୍ଷରକାରୀ ଙ୍କୁ ଲିଖିତ ଭାବେ ଜଣାଇବେ ତତପରେ ଏ ସମ୍ବଦ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣା ଯିବ ନାହିଁ ଏବଂ ଉକ୍ତ ପ୍ଲଟ ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ -୧
ଭୁବନେଶ୍ୱର ଉର୍ନୟନ କର୍ତ୍ତୃପକ୍ଷ,
ଭୁବନେଶ୍ୱର

OIPR-13033/11/0444/2526

ସକାଳ
THE SAKALA



# ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ ଉଦ୍‌ଯାପିତ

ଜଗତସିଂହପୁର,୫।୧(ସମିସ)



ସାରସ୍ୱତ ଅନୁଷ୍ଠାନ "ପ୍ରଥମା ଫାଉଣ୍ଡେସନ୍" ପକ୍ଷରୁ ଚାଲୁଥିବା ତିନିଦିନିଆ ଦ୍ୱିତୀୟ ରାଜ୍ୟସ୍ତରୀୟ 'ଶାରଳା ନାଟକ ଉତ୍ସବ' ଉଦ୍‌ଯାପିତ ହୋଇଯାଇଛି। ଜଗତସିଂହପୁର ସହରସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ଉତ୍ସବରେ ଭରପୂର ଦର୍ଶକ ଉପସ୍ଥିତ ରହି ନାଟକର ମଜା ନେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମନୋଜ ମିତ୍ରଙ୍କ ରଚିତ ପାରିବାରିକ ନାଟକ "ସଂପର୍କ" ଦର୍ଶକଙ୍କ ଆଖିରେ ଲୁହ ଭରି ଦେଇଥିଲା। ଭୁବନେଶ୍ୱର "ରଙ୍ଗମ୍ ନାଟ୍ୟସଂସ୍ଥାର କଳାକାର ବିଜୟ ରଥ, ପାର୍ଥସାରଥୀ ମହାନ୍ତି, ରାଜେନ୍ଦ୍ର କୁମାର ଦାସ, ବିମଳ କୁମାର ପାଢୀଯୋଶୀ, ଅପୂର୍ବ ରଞ୍ଜନ ସାହୁ, ଦୁର୍ଗା ପ୍ରସାଦ ନନ୍ଦ, ଲକ୍ଷ୍ମୀକାନ୍ତ ସାହୁ, ସିମାଞ୍ଚଳ ପାଢ଼ୀ, ବିଜୟ ସାହୁ ନିକ୍ଷୁଣ ଅଭିନୟ କରିଥିବା ବେଳେ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ଦର୍ପନାରାୟଣ ସେଠୀ। ମଞ୍ଚସଜ୍ଜାରେ ପ୍ରଜ୍ଞାଦତ୍ତ ସାହୁ, ଆଲୋକରେ ବିକାଶ ପ୍ରଧାନ, ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର, ପୋଷାକୋର ସୌଭାଗ୍ୟ ରଞ୍ଜନ ସାହୁ, ରୂପସଜ୍ଜାରେ ନରେନ୍ଦ୍ର ସେନାପତି, ମଞ୍ଚ ସଞ୍ଚାଳନାରେ ସହସ୍ରାକ୍ଷ ରଥ ଏବଂ ସହ ନିର୍ଦ୍ଦେଶନାରେ ସନ୍ତୋଷ ବାରିକ ସହଯୋଗ କରିଥିଲେ। ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ (ଛାତ୍ର ମଙ୍ଗଳ) ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର ଏବଂ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରାଇଥିଲେ। ଏହି ଅବସରରେ ବାର୍ଷିକ ବିଶେଷାଙ୍କ "ଦୃଶ୍ୟରାଗ" ଉନ୍ମୋଚିତ ହୋଇଥିଲା। ଏଥିସହ ଅଭିନେତା ଓ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସଙ୍କୁ "ପ୍ରଥମା ସମ୍ମାନ-୨୦୨୬' ଏବଂ ନାଟକର ନିର୍ଦ୍ଦେଶକ ଦର୍ପନାରାୟଣ ସେଠୀ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ ଏବଂ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ନାଟକ ଉତ୍ସର୍ଗ ସ୍ମୃତି ସମ୍ମାନ ଗ୍ରହଣ କରିଥିଲେ ତପନ ରାଉତରାୟ। ଏଥିସହ ଉଦ୍‌ଘୋଷକ ସୁଭାଷ ଚନ୍ଦ୍ର ରାଉତ, ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, ସଞ୍ଜୟ ସାହା, ନାଗେଶର ରାଓ, ମାନସ ବେହେରା, ଲୋକନାଥ ଦାସ, ଅଜିତ୍ ରାଉତ, ପ୍ରଭାତ କୁମାର ମଲ୍ଲିକ, ଜ୍ଞାନରଞ୍ଜନ ମିଶ୍ର, ସୌମ୍ୟରଞ୍ଜନ ନାୟକ, ରଘୁନାଥ ସାହୁଙ୍କୁ ସମ୍ମାନ ପ୍ରଦାନ ପରାଯାଇଥିଲା। ସେହିପରି ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ, କଳା ସମ୍ପାଦକ, ଅଜୟ କୁମାର ଗୋଚ୍ଛାୟତ, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ସ୍ୱାଇଁ, ଉପସଭାପତି କାଳିକିଙ୍କର ମହାନ୍ତି, ସହ କୋଷାଧ୍ୟକ୍ଷ ସୁଦିପ୍ତ ପରିଡ଼ା, ବରିଷ୍ଠ ସଦସ୍ୟ ନରେଶ ଦାସ, ଦିଲ୍ଲୀପ ଗୋଚ୍ଛାୟତ, ସାରଦା ଦାସ, ବିଜୟ କୁମାର ରାଉତ, ପବିତ୍ର ପରିଡ଼ା, ସଂଜୀବ ବରାଳ, ଅନୀଲ ଦାସ, ସୁରେଶ ପ୍ରଧାନ, ମାତୃପ୍ରସାଦ ଦାସ, ମନୋଜ ମହାପାତ୍ର, ସରୋଜ ଦ୍ୱିବେଦୀ, ନିଖିଳ ଗଞ୍ଜନ ନାୟକ, ସ୍ମୃତି ରଞ୍ଜନ ସ୍ୱାଇଁ, ସୌମ୍ୟରଞ୍ଜନ ପରିଡ଼ା, ରମେଶ ଚନ୍ଦ୍ର ବହିରା, ତୃପ୍ତିରଂଜନ ଦାସ, ସଦସ୍ୟ, ଅମିତ୍ ଅଂଶୁମାନ, ପ୍ରିୟବ୍ରତ ଦାସ ଓ ଅବିନାଶ ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ସଡ଼େଇକଣା ଡକାୟତି ମାମଲାରେ ୨ ଗିରଫ



ଜଗତସିଂହପୁର,୫।୧(ସମିସ): ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅନ୍ତର୍ଗତ ସଡ଼େଇକଣା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନାଙ୍କ ଘରୁ ଗତ ୨୦୨୫ ନଭେମ୍ବର ୭ ତାରିଖ ରାତିରେ ସଶସ୍ତ୍ର ଡକାୟତି ହୋଇଥିଲା। ଘଟଣା ସମ୍ପର୍କରେ ବିରିଡ଼ି ଥାନାରେ ଏତଲା ଦିଆଯିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାୟ ୨ ମାସ ପରେ ଏହି ଡକାୟତିରେ ସମ୍ପୃକ୍ତ ଥିବା ଶଙ୍ଖପୁର ଗ୍ରାମର ବାପନ ଭୋଇ ଓରଫ ଜୁନା ଏବଂ ବାଗଲପୁର ଗ୍ରାମର ସୁଜ୍ଞାନ ଭୋଇ ଓରଫ ମୁନାକୁ ବିରିଡ଼ି ପୁଲିସ ଗିରଫ କରିଛି। ସେମାନଙ୍କ ଠାରୁ ଗୋଟିଏ ବାଇକ୍, ଏକ ଧାରୁଆ ଜଟୁରି ଏବଂ ନଗଦ ୫ ହଜାର ଟଙ୍କା ଜବତ ହୋଇଥିବା ଜଗତସିଂହପୁର ଏସ୍‌ଡିପିଓ ଅଜିଙ୍କ୍ୟ ବାବୁରାଓ ମାନେ ସୂଚନା ଦେଇଛନ୍ତି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବୃଦ୍ଧାଙ୍କ ଆତ୍ମହତ୍ୟା ଅଭିଯୋଗ

ପାରାଦୀପ,୫।୧(ସମିସ): ପାରାଦୀପ ଲକ୍‌ଥାନା ଝିମାଣି ଗ୍ରାମର ସୁଦର୍ଶନ ପଲେଇ (୭୩) ଗତକାଲି ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏପରିକି ତାଙ୍କ ଗୋଡ଼ରେ ଥିବା ଖଣ୍ଡିଆ ଆଦୌ ଶୁଖୁ ନଥିଲା। ଗୋଡ କଟାହେବା ହେବା ନେଇ ଡାକ୍ତର ପରାମର୍ଶ ଦେଇଥିଲେ। ଆଜି କଟକ ଯାଇ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପାଇଁ ଠିକ୍ ହୋଇଥିବା ବେଳେ ସେ ଗତକାଲି ରାତି ପାଖାପାଖି ୩ଟା ହେବ ଘରେ ସମସ୍ତେ ଶୋଇଥିବା ବେଳେ ଶିଡ଼ି ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତେବେ ଘର ଲୋକେ ଦେଖିବା ପରେ ଲକ୍‌ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଚୋରା ମଦ ସହ ଦୁଇ ଗିରଫ

ପାରାଦୀପ,୫।୧(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ଜେଏସଡବ୍ଲ୍ୟୁ ୩ ନମ୍ବର ଗେଟ ନିକଟରୁ ଆଜି ଦୁଇ ଚୋରା ମଦ ବେପାରୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝିମାଣି ଗ୍ରାମର ଧନଞ୍ଜୟ ମହାନ୍ତି (୨୭) ଓ ତପନ ରାଉତ (୩୯)। ସେମାନଙ୍କ ପାଖରୁ ୧୧ ଲିଟର ଓ ୧୦ ଲିଟର ସମୁଦାୟ ୨୧ ଲିଟର ମେଲୋଡିଡିଏଲ୍‌ଏକ୍ସ-୫ ଦେଶୀ ମଦ ଜବତ କରାଯାଇଛି। ଥାନା ଆଇଆଇସି ସମୀର ରାଉତଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ଧର୍ମରାଜ ସେଟ୍‌ଙ୍କ ନେତୃତ୍ୱରେ ଓ ଏଏସ୍‌ଆଇ ଦିନେଶ କୁମାର ଦାଶିଆଙ୍କ ନେତୃତ୍ୱରେ ଦୁଇଟି ଟିମ ଚୋରା ମଦ କାରବାରରେ ସମ୍ପୃକ୍ତିଙ୍କୁ ଧରିବା ପାଇଁ ଚାହାଁରିଥିବା ବେଳେ ଏହି ଦୁଇ ଚୋରା ମଦ ବେପାରୀଙ୍କୁ କାବୁ କରିଥିଲେ। ଏନେଇ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତିର୍ତ୍ତୋଲ/ଏରସମା,୫।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ତିରଣର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମୁଖ୍ୟ ଅତିଥି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେସନରେ ମୁଖ୍ୟବକ୍ତା କୃଷ୍ଣଚନ୍ଦ୍ରପୁର ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଧୀରେନ ପାତ୍ର, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସୁଶାନ୍ତ ନାୟକ, ସମିତି ସଭ୍ୟା ହମିଦା ବେଗମ୍ ଯୋଗଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକ, ମୁଖ୍ୟବକ୍ତା ଅଧ୍ୟାପକ ତପସ୍ୟା ପ୍ରସାଦ ଜେନା ସମ୍ମାନିତ ଅତିଥି ପଞ୍ଚସଖା ସେତୁ ସଭାପତି ଜଗନ୍ନାଥ ଖଣ୍ଡୁଆଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅର୍ଦ୍ଧ ବାର୍ଷିକ ପରୀକ୍ଷାର କୃତୀ ଛାତ୍ରଛାତ୍ରୀ ଓ ପିଏମଶ୍ରୀ ଉତ୍ସବରେ ବିଭିନ୍ନ ବିଭାଗରେ ସବୁଠୁ ଭଲ ପ୍ରଦର୍ଶନ କରିଥିବା ପ୍ରକଳ୍ପର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

## ମା' ବନ୍ଦରେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାଲିକୁଦା,୫।୧(ସମିସ): ମା' ବନ୍ଦରେଇ କ୍ରିକେଟ କ୍ଲବ ବନ୍ଦର ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟସ ଜିତି ନେହୁରୁ ୟୁଥ ଆଣ୍ଡ ସ୍ପୋର୍ଟସ ଆସୋସିଏସନ ବଘେଇପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଖଣ୍ଡଗିରି ଗାଦୀବ୍ରହ୍ମ କ୍ରିକେଟ କ୍ଲବ ଗଣ୍ଡକୁଳ ୧୨ ଓଭରରେ ୮ ୱିକେଟ ହରାଇ ୯୫ ରନ କରି ପରାଜିତ ହୋଇଥିଲା। ବଘେଇପୁର ଟିମିର ଲିପୁନ ସ୍ୱାଇଁ ୩୭ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲା ବେଳେ ଗଣ୍ଡକୁଳ ଟିମିର ସୋମ ସିଦ୍ଧାର୍ଥ ନାୟକ ୧୦୧ ରନ କରିବା ସହ ୩ ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପେୟାର ଭାବେ ବାବୁରାମ ବେହେରା ଓ ସୁବ୍ରତ ମହାନ୍ତି ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍କୋରିଂରେ ଅମୀୟ ଦାସ ଓ କାଳନ୍ଦୀ ଦାସ ସହଯୋଗ କରିଥିଲେ। ମ୍ୟାଚର ଧାରାବିବରଣୀ ସନ୍ତୋଷ ବିଶ୍ୱାଳ ଓ ବବୁଲ ସ୍ୱାଇଁ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ଅଜୟ କୁମାର ଶତପଥୀ, ସମ୍ମାନିତ ଅତିଥିଭାବେ ଶିକ୍ଷକ ଯୁଗଳ କିଶୋର ନାୟକ, ସାମ୍ବାଦିକ ପ୍ରଣବ ପ୍ରଧାନ, ଫରେଷ୍ଟ ଗାର୍ଡ ଚିତ୍ରସେନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ଆଲୋକ ବେହେରା, ଶୁଭମ ବିଶ୍ୱାଳ, ସିମ୍ପୁଲ ବିଶ୍ୱାଳ, ଚିନ୍ମୟ ସ୍ୱାଇଁ, ଭକ୍ତିପ୍ରସାଦ ଦାସ, ଜିତୁ କାଣ୍ଡି, ମୁଣ୍ମୟ ସ୍ୱାଇଁ, ମିଥୁନ ଦାସ, ମଣ୍ଟୁ ବେହେରା, ଆକାଶ କାଣ୍ଡି, ଦେବାଶିଷ ବିଶ୍ୱାଳ, ଓମ ବେହେରା ପ୍ରମୁଖ ସହଯୋଗ କରିଥିଲେ।

● ବିଦ୍ୟୁତ ଖୁଣ୍ଟରେ ପିଟି ହେଲା ବାଇକ୍

## ଅଜା, ନାତି ଗୁରୁତର; ଝିଅ ଆହତ


ନାଉଗାଁ,୫।୧(ସମିସ): ନାଉଗାଁ ଥାନା ଗୋଠଦା ନିକଟରେ ବାଇକ୍ ଭାରସ୍ୟାମ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯିବାରୁ ଅଜାନାତି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅଜା ହେଲେ ମଙ୍ଗୁଳି ସାସମଲ (୮୨) ଏବଂ ନାତି ଆୟୁଷ୍ମାନ ସାହୁ। ଗୁରୁତର ଥିବା ବେଳେ ଝିଅ ତୃପ୍ତିରାଣୀ ସାହୁ ଅଳ୍ପକେ ଆହତ ହୋଇ ଥିବା ଜଣା ପଡ଼ିଛି। ତେବେ ଆଜି ନାତି ନିଜ ମାମୁଁ ଘର ଦହୀପାଳରୁ ଅଜା ଓ ମା'କୁ ନେଇ ନିଜ ବାଇକ୍ ଯୋଗେ ନାଉଗାଁ ବଜାର ଅଭିମୁଖେ ଯାଉଥିବା ସମୟରେ ବାଇକ୍‌ଟି ଗୋଠଦା ନିକଟରେ ଭାରସ୍ୟାମ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହା ଦେଖି ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଗୁରୁତର ଥିବା ଅଜା ଓ ନାତିକୁ କଟକ ସ୍ଥାନାନ୍ତରିତ କରା ଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଉନ୍ନତି କରଣ ନିମନ୍ତେ ଠିକାଦାର ନିଯୁକ୍ତି କରାଯାଇଥିବା ବେଳେ ଦୀର୍ଘ ଦିନ ଧରି ଅବଧି ସାରିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ନ ହେବାରୁ ବିଭିନ୍ନ ସ୍ଥାନରେ ଖାଲଖମା ଓ ଗୋଡି ଉଠିବା ଫଳରେ ଏପରି ଦୁର୍ଘଟଣା ବିଭିନ୍ନ ସମୟରେ ହେଉଥିବା ନେଇ ଏବେ ସାଧାରଣରେ ଅସନ୍ତୋଷ ଦେଖାଯାଇଛି।

## ତିର୍ତ୍ତୋଲରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ତିର୍ତ୍ତୋଲ,୫।୧(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୧ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୩ଟି, ଆବାସ ଯୋଜନା ସମ୍ପର୍କୀୟ ୮ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ଟି, ଭତ୍ତା ପାଇବା ପାଇଁ ୩ଟି, ପୁଲିସ ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ବ୍ଲକ୍ ଉନ୍ନୟନ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ତହସିଲଦାର ମହେଶ୍ୱର ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ସାଇଲୋରେ ଚକ୍ଷୁ ଓ କର୍କଟ ସଚେତନତା ଶିବିର




କୁଜଙ୍ଗ,୫।୧(ସମିସ): କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ପରିସରରେ 'ସରୋଜ ଭାଇ ଜନସେବା ସଂଗଠନ' ପକ୍ଷରୁ ଏକ ବିଶାଳ ଚକ୍ଷୁ ଚିକିତ୍ସା ଓ କର୍କଟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରୋଜ କୁମାର ସେଠୀଙ୍କ ସେବା ଭାବକୁ ପାଥେୟ କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଅସହାୟ ଲୋକ ଉପକୃତ ହୋଇଛନ୍ତି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦିବଂଗତ ସରପଞ୍ଚ ସରୋଜ କୁମାର ସେଠୀ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶିବିରକୁ କୁଜଙ୍ଗ ବ୍ଲକ ୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ପୋତନାଇ ସରପଞ୍ଚ ବ୍ରଜକିଶୋର ମହାରାଜ ଏବଂ ସମିତିସଭ୍ୟ ସତ୍ୟବାନ ମୁଦୁଲି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଭୁବନେଶ୍ୱର ସ୍ଥିତ ବାଗ୍‌ଚି ଶ୍ରୀଶଙ୍କର କର୍କଟ ହସ୍ପିଟାଲ ଏବଂ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତରୀ ଦଳ ଯୋଗଦେଇ ରୋଗୀଙ୍କର ମାଗଣା ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ 'ଆୱାକେନ୍ କ୍ୟାନସର ଟ୍ରଷ୍ଟ'ର ଅଧ୍ୟକ୍ଷା ସ୍ୱାଗତିକା ଆଚାର୍ଯ୍ୟ, ଡ. ବିକ୍ରାନ୍ତ ମହାପାତ୍ର ଏବଂ ନୃସିଂହ ମନ୍ଦିରର ପୂଜାରୀ ରମାକାନ୍ତ ଦାସ ଉପସ୍ଥିତ ଥିଲେ। ସାଇଲୋ ପଞ୍ଚାୟତର ନାଏବ ସରପଞ୍ଚ ଝରଣା ଦାସ, ସମିତିସଭ୍ୟା, ସମସ୍ତ ୱାର୍ଡ ମେମ୍ବର, ଆଶା ଓ ଅଙ୍ଗନବାଡ଼ି କର୍ମୀ ଏବଂ ସଂଗଠନର କର୍ମକର୍ତ୍ତା ପ୍ରକାଶ ସ୍ୱାଇଁ, ଆଡ୍‌ଭୋକେଟ କିଶୋର ସ୍ୱାଇଁ, ସମ୍ପାଦକ ଦେବାଶିଷ ପାତ୍ର, ଉପସଭାପତି ଜ୍ଞାନ ରଞ୍ଜନ ବାରିକ ଓ ବିବେକ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରଟି ଅନୁଷ୍ଠିତ ହୋଇଥିଲା।

## ବଳଦେବଜୀଉ ମହାପ୍ରଭୁଙ୍କ ରାଜ୍ୟାଭିଷେକ



ଜଗତସିଂହପୁର,୫।୧(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସିଦ୍ଧଳ ସ୍ଥିତ ଶ୍ରୀଶ୍ରୀ ବଳଦେବଜୀଉଙ୍କ ପୀଠରେ ରାଜ୍ୟାଭିଷେକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଠାକୁର ରାଜା ଜିଲ୍ଲାପାଳ ଜେ. ସୋନାଲଙ୍କୁ ଶତାଧିକ ଭକ୍ତ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ବଡ଼ଦାଣ୍ଡରୁ ପାଛୋଟି ନେଇଥିଲେ। ଜିଲ୍ଲାପାଳ ମନ୍ଦିର ପରିକ୍ରମା କରିସାରିବା ପରେ ପୁରୋହିତ ସୁରେନ୍ଦ୍ର ନାଥ ଦାଶ ଶର୍ମାଙ୍କ ଦ୍ୱାରା ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ତହସିଲଦାର ଜଗତସିଂହପୁର ଅଜୟ କୁମାର ମହାନ୍ତି, ଥାନା ଅଧିକାରୀ ଏବଂ ଅନ୍ୟାନ ଅଧିକାରୀ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟ ସମ୍ପାଦକ ଜ୍ୟୋତିରଞ୍ଜନ ପରିଡା ଉପଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ପ୍ରଶାନ୍ତ କୁମାର ତରାଇଙ୍କୁ ଉତ୍ତରୀୟ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରିୟନାଥ ରାୟ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ଦିର ବଡ଼ପଣ୍ଡା ଅରୁଣ କୁମାର ପଣ୍ଡା, ଅନନ୍ତ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ୍ୟ ଡ, ଅଶୋକ କୁମାର ପଣ୍ଡା, ସରପଞ୍ଚ ସିଦ୍ଧାର୍ଥ ଶଙ୍କର ରାୟ, ସମିତିସଭ୍ୟା ମୌସୁମୀ ବାରିକ, ମୁଦୁପୁର ମହିଳା ମହାସଂଘ ସଭାପତି ରିତା ଆଚାର୍ଯ୍ୟ, ସିଦ୍ଧଳ ଗ୍ରାମ୍ୟ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଶତାଧିକ ମହିଳା ସଂଗଠନର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ ଠାକୁର ରାଜା ଜିଲ୍ଲାପାଳଙ୍କ ରାଜଦରବାର ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଜନସାଧାରଣ ସେମାନଙ୍କ ସମସ୍ୟା ସମ୍ପର୍କରେ ଅଭିଯୋଗପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ତଥା ଠାକୁର ରାଜା ପ୍ରତିଶ୍ରୁତି ଦେଇଥିଲେ। ଲକ୍ଷ୍ମୀ ନାରାୟଣ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମଙ୍କୁ ସଦସ୍ୟ ରାମଚନ୍ଦ୍ର ଦାଶ, ଚିତ୍ତରଞ୍ଜନ ନାୟକ, ପ୍ରମୁଖ ପରିଚାଳନା କରିଥିଲେ।

## ଏସ୍‌ଭିଏମ୍ କଲେଜରେ ରାଷ୍ଟ୍ରୀୟ ଯୁବା ଦିବସ




ଜଗତସିଂହପୁର,୫।୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ସତ୍ୟପ୍ରକାଶ ମହାନ୍ତିଙ୍କ ଆବାହକତ୍ୱରେ ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଯୁବା ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ କଳା ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କ୍ୟାପଟେନ ସଞ୍ଜୀବ କୁମାର ମୁଦୁଲି, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ଓଝା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ କଳା ମଞ୍ଚ ରାଜ୍ୟ ସଂଯୋଜକ ଦେବପ୍ରସାଦ ବେହେରା, ସାମାଜିକ କର୍ମୀ ଚନ୍ଦ୍ରକାନ୍ତି ପଲେଇ ଓ ଏବିଭିପି ଜଗତସିଂହପୁରର ପୂର୍ବତନ ଜିଲ୍ଲା ସହପ୍ରମୁଖ ତଥା ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହିତ କଲେଜ ପରିସରକୁ ଶାନ୍ତ ଓ ନିଶାମୁକ୍ତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶେଷରେ ସତ୍ୟପ୍ରକାଶ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ତ୍ରିଲୋଚନପୁରବାସୀ

ପାରାଦୀପ, ୫।୧ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଇସ୍ପାତ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି ତ୍ରିଲୋଚନପୁର ଗ୍ରାମବାସୀ। ଏନେଇ ଗ୍ରାମବାସୀ ଆଜି ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେମାନଙ୍କର ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତରେ ଥିବା ଏହି ଇସ୍ପାତ କମ୍ପାନୀ ତାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଢିଙ୍କିଆ ଗ୍ରାମପଞ୍ଚାୟତର ରହିଥିବା ସମସ୍ୟା ଓ ସହାୟତା କରିବା ପାଇଁ ସମସ୍ତ ପ୍ରକାର ପ୍ରତିଶ୍ରୁତି ଦେଇଥିଲେ। ପ୍ରତ୍ୟକ ରାସନ କାର୍ଡ ହିତାଧିକାରୀଙ୍କୁ ଶ୍ରମିକ ଭତ୍ତା ଆକାରରେ ୮୮ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ଢିଙ୍କିଆ ପଞ୍ଚାୟତର ୨୩ଟି ୱାର୍ଡ ମଧ୍ୟରୁ ୧୬ଟି ୱାର୍ଡକୁ ଏହି ଟଙ୍କା କମ୍ପାନୀ କର୍ତ୍ତୃପକ୍ଷ ପ୍ରଦାନ କରିଥିବା ବେଳେ ତ୍ରିଲୋଚନପୁର ଗ୍ରାମର ୧ ନମ୍ବର ୱାର୍ଡରୁ ୭ ନମ୍ବର ୱାର୍ଡ ପର୍ଯ୍ୟନ୍ତ କୌଣସି ଭତ୍ତା ଟଙ୍କା ଦେଇନାହାନ୍ତି। ଏ ସମ୍ପର୍କରେ ଗ୍ରାମରେ ଥିବା ଗ୍ରାମ୍ୟ କମିଟି ତତ୍‌କାଳୀନ କେନ୍ଦ୍ରମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ତତ ସହିତ ରାଷ୍ଟ୍ରପତିଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଜଣାଇଥିଲେ। ତେବେ ସମସ୍ତଙ୍କୁ ଜଣାଇବା ପରେ ସମସ୍ୟାର କୌଣସି ସମାଧାନ ହୋଇପାରିନାହିଁ। ସାଂସଦଙ୍କ ଉପସ୍ଥିତରେ ବର୍ତ୍ତମାନର ଜିଲ୍ଲାପାଳଙ୍କ ସହିତ ଗ୍ରାମ୍ୟ କମିଟିର ଏକ ବୈଠକ ମଧ୍ୟ ହୋଇଥିଲା। ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ କି ଦୁଇ ମାସ ମଧ୍ୟରେ ଉକ୍ତ ସମସ୍ୟାର ସମାଧାନ କରାଯିବ। କିନ୍ତୁ ଦୀର୍ଘ ୧ ବର୍ଷ ପାର ହୋଇ ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରି ଜଣାଇଛନ୍ତି।

## ଜେଟିରୁ ପଡି ହେଲ୍ପର ମୃତ

ପାରାଦୀପ,୫।୧(ସମିସ): ପାରାଦୀପ ମେରାଇନ ଥାନା ଅଧୀନ ଅଞ୍ଚଳରେ ଗତକାଲି ସନ୍ଧ୍ୟାରେ ଜଣେ ଜେଟିରୁ ଗଳି ପଡି ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତକ ଯୁବକ ଜଣକ ହେଲେ ଉତ୍ତରପ୍ରଦେଶର ମହମ୍ମଦ ହାସିନ ଖାଁ (୨୪)। ସେ ଜିନ୍ଦଲ କମ୍ପାନୀ ଅଧୀନରେ ଠିକା କାମ ନେଇଥିବା ନବଯୁଗ କମ୍ପାନୀରେ ହେଲ୍ପର ଭାବେ କାମ କରୁଥିଲା। ଗତକାଲି ଅପରାହ୍ନରେ ସେ କୌଣସି କାମରେ ସାଉଥ ଜେଟି ନିକଟକୁ ଯାଇଥିବା ବେଳେ ଅସାବଧାନତା ହେତୁ ଜେଟି ନିକଟରେ ଗଳି ପଡି ଥାଇ ପାରେ ବୋଲି ପୁଲିସ ଅନୁମାନ କରୁଛି। ତେବେ ଖବର ପାଇ ମେରାଇନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧ୍ୟାରେ ଶବଟିକୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲା। ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ପାରାଦୀପ ବେଳାଭୂମିରେ ଅଲିଭ ରିଡ୍‌ଲେର ମୃତଦେହ



ପାରାଦୀପ,୫।୧(ସମିସ): ପାରାଦୀପ ସମୁଦ୍ର କୂଳରେ ପଡିରହିଛି ବହୁ ଅଲିଭ ରିଡ୍‌ଲେ କଇଁଛର ମୃତଦେହ। ଯାହାକୁ କାଉ କୁକୁର ଝୁଣି ଖାଇବା ଫଳରେ ଦୁର୍ଗନ୍ଧରେ ଫାଟି ପଡୁଛି ସମୁଦ୍ର କୂଳ ଅଞ୍ଚଳ। କେବଳ ଅଲିଭ ରିଡ୍‌ଲେ କଇଁଛ ନୁହନ୍ତି ବିରଳ ପ୍ରଜାତିରର ଜଳଜୀବଙ୍କ ମୃତଦେହ ସମୁଦ୍ର କୂଳରେ ଲାଗିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପରିବେଶବିତମାନେ ଚିନ୍ତା ପ୍ରକାଶ କରିବା ସହିତ ଏଥିପ୍ରତି ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିରଳ ଅଲିଭ ରିଡ୍‌ଲେ କଇଁଛ ଓଡ଼ିଶା ଉପକୂଳକୁ ସୁରକ୍ଷିତ ମନେକରି କାହିଁ ହଜାର ହଜାର ମାଇଲ ଦୂରରୁ ଛୁଟି ଆସୁଥିବା ବେଳେ କେଉଁ କାରଣରୁ ଏମାନେ ମୃତ୍ୟୁ ମୁଖରେ ପଡୁଛନ୍ତି ଏହାର ତଦନ୍ତ କରିବାକୁ ଦାବି କରାଯାଇଛି। ଯେଉଁଠି ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି; ଯଦି ସେହି ଅଲିଭ ରିଡ୍‌ଲେ ମୃତ୍ୟୁମୁଖରେ ପଡୁଛନ୍ତି ଏଥିପ୍ରତି କିଏ ଉତ୍ତର ଦାୟୀ ବୋଲି କିଛି ପରିବେଶବିତ ପ୍ରଶ୍ନ ଉଠାଇଛନ୍ତି। ବିଶେଷକରି ପାରାଦୀପର ହନୁମାନ ମନ୍ଦିରଠାରୁ ଭୋସକାଲିସ ପଏଣ୍ଟ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହି ଅଲିଭ ରିଡ୍‌ଲେ କଇଁଛଙ୍କ ମୃତଦେହ ପଡ଼ି ରହିବା ସହିତ କାଉ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଛି। ଏହି ଅଲିଭ ରିଡ୍‌ଲେଙ୍କ ମୃତଦେହରୁ ବାହାରୁଥିବା ପ୍ରକଟ ଦୁର୍ଗନ୍ଧରେ ପରିବେଶ ପ୍ରଦୂଷିତ ହେଉଥିବା ବେଳେ ଅନ୍ୟ ପ୍ରାଣୀମାନେ ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯଥାଶୀଘ୍ର ବନବିଭାଗ ତରଫରୁ ଏହି ମୃତଦେହ ଗୁଡିକୁ ପୋତିବା ସହିତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକ ହୋଇପଡିଛି।

# ମୋରମ ଚୋରା ଚାଲାଣ କରୁକରୁ ଗିଳିଦେଲେ ରାସ୍ତା



କଙ୍କଡ଼ାହାଡ଼,୫ ।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ କନ୍ଧରାଠାରୁ କାଲବୁଧିଆ ଆର୍‌ଡି ରାସ୍ତା କାମ ଚାଲିଥିବା ବେଳେ ବେଆଇନ ମାଟି ମୋରମ ଉଠାଯାଇ ସେଥିରେ ବ୍ୟବହାର କରାଯାଉଛି।

ତେବେ ଏ ଦିଗରେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଠିକାସଂସ୍ଥା ରାତିରେ ମୋରମ ଉଠାଉଥିବା ବେଳେ ଅନ୍ୟ ସଂରକ୍ଷଣ ଥିବା ରାସ୍ତାରୁ ପ୍ରାୟ ୧୦ଫୁଟ ଗଭୀର ମୋରମ ଉଠାଇ ରାସ୍ତାକୁ ଦୁଇଭାଗ କରିଦେଇଛି। ସର୍ବସାଧାରଣ ରାସ୍ତା ବିଚ୍ଛିନ୍ନ ହେବା ଦ୍ୱାରା ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କଙ୍କଡ଼ାହାଡ଼ ଆର୍‌ଆଇ ଓ ଖଣି ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ହୋଇପାରି ନ ଥିଲା।

# ଖଣି ବିସ୍ଫୋରଣରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟଣାର ଖୋଳତାଡ଼

ଢେଙ୍କାନାଳ/ଖଜୁରିଆକଟା,୫ ।୧(ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ତହସିଲ ନିମିଧା ଗୋପାଳପୁର ଗ୍ରାମ ନିକଟରେ ଥିବା ଏକ ବେଆଇନ ଖଣିରେ ଶନିବାର ଭୟଙ୍କ ବିସ୍ଫୋରଣ ଘଟି ୨ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ରବିବାର ଜିଲ୍ଲା ପ୍ରଶାସନ ଓ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ସହାୟତାରେ ୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଶ୍ରମିକ ଦ୍ୱୟଙ୍କ ପରିଚୟ ମିଳିଛି। ସେମାନେ ହେଲେ କେନ୍ଦୁଝର ଜିଲ୍ଲା ନୟାକୋଟ ରଗଡ଼ି ସାହିର ଅଭି ସିଂ (୨୫) ଓ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ବୁଦ୍ଧୁ ମୁଣ୍ଡା (୨୩)। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଉଭୟ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ସମ୍ପର୍କରେ ଓଡ଼ାପଡ଼ା ତହସିଲଦାରଙ୍କ ଲିଖିତ ଅଭିଯୋଗ କ୍ରମେ ମୋଟଗାଁ ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପଟେ ଖଣି ମାଲିକ ତଥା ମୁଖ୍ୟ ଅଭିଯୁକ୍ତ ମାନସ ରାଉତ ଫେରାର ହୋଇଯାଇଛନ୍ତି।

ଏହି ବେଆଇନ ଖଣିର ଲାଇସେନ୍ସ ଅବଧି ଗତ ସେପ୍ଟେମ୍ବର ମାସରୁ ଶେଷ ହୋଇଥିଲା ବେଳେ ଖଣି ମାନସ ରାଉତ ଓ ତାଙ୍କର କେତେଜଣ ସହଯୋଗୀ ଚୋରାରେ ବିସ୍ଫୋରଣ ସାମଗ୍ରୀ ଆଣି ଏହି ଖଣିରେ ବିସ୍ଫୋରଣ ଘଟାଇ କୋଟି କୋଟି ଟଙ୍କାର କଳା ମୁଗୁନି ପଥର ବିକ୍ରି କରି ମୋଟାଅଙ୍କର ଅର୍ଥ ଉପାର୍ଜନ କରୁଥିଲେ। ଏଥିରେ ସେମାନଙ୍କୁ ବିଭିନ୍ନ ସରକାରୀ କଳ ସାହାଯ୍ୟ କରୁଥିବାର ଜଣାପଡ଼ିଛି। ହିନ୍ଦୋଳ ବିଧାନସଭା କ୍ଷେତ୍ରରେ ଶହଶହ ସଂଖ୍ୟାରେ ବେଆଇନ ଖଣି ଓ କ୍ରସର ଚାଲୁଥିବାବେଳେ ଖଣିମାଫିଆମାନେ ରାଜନେତାଙ୍କ ଛାତ୍ରଛାୟା ତଳେ ରହି ସ୍ଥାନୀୟ ପ୍ରଶାସନ, ଜିଲ୍ଲା ଖଣି ବିଭାଗକୁ ହାତକରି ସେମାନଙ୍କୁ କୋଟିକୋଟି ଟଙ୍କା ଲାଞ୍ଚଦେଇ ଅବାଧରେ ଦୈନିକ ଶହଶହ କୋଟି ଟଙ୍କାର ମୂଲ୍ୟବାନ ଖଣିଜଦ୍ରବ୍ୟ ଲୁଟ୍ କରୁଛନ୍ତି। ଏଥିପାଇଁ ଦୈନିକ ନିରୀହ ଜୀବନ ଚାଲିଯାଉଥିବା ବେଳେ ସମଗ୍ର ନିର୍ବାଚନମଣ୍ଡଳୀ ପ୍ରଦୂଷିତ ହେଲାଣି। କୋଟି କୋଟି ଟଙ୍କାର ରାଜସ୍ୱହାନି ମଧ୍ୟ ହେଉଛି। ଏହି ଘଟଣା ପରେ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ, ହିନ୍ଦୋଳ ଓ ଓଡ଼ାପଡ଼ା ତହସିଲଦାର, ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦଙ୍କ ସହ ପୁଲିସ ଅଧିକାରୀ, ଫୋର୍ସ ଓ ଖଣିବିଭାଗ ଆଜି ମିଳିତଭାବରେ ବେଆଇନ ଖଣି ସବୁ ଚିହ୍ନଟକରି ୨୬ଟି ପଥର ଖଣି ଓ ୧୫ଟି କ୍ରସର ସିଲ୍ କରିଛନ୍ତି। ଏଥିସହ ଲଘୁ ଖଣିଜ ପଦାର୍ଥର ବେଆଇନ ପରିବହନ, ବିସ୍ଫୋରକ ସାମଗ୍ରୀ ଯାଞ୍ଚ କରାଯାଇ ଯାନବାହାନ ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏହି ଚଢ଼ଉ ଜାରି ରହିବ ବୋଲି ସୂଚନା ମିଳିଛି।

- ■ ୨ ଅଟକ, ମୁଖ୍ୟ ଅଭିଯୁକ୍ତ ଫେରାର
- ■ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ
- ■ ୨୬ ବେଆଇନ ଖଣି ଓ ୧୫ କ୍ରସର ସିଲ୍

## ● ପ୍ରୟୋଗଶାଳା ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

# ଗଣିତ ଖେଳର ମଜାନେଲେ ଛାତ୍ରଛାତ୍ରୀ

ଢେଙ୍କାନାଳ,୫ ।୧(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରୟୋଗଶାଳା ଜର୍ଜ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଏହାକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ମତତ୍ତ୍ୱ ସମ୍ପର୍କରେ ଉଦବୋଧନ ଦେଇଥିଲେ। ପ୍ରୟୋଗଶାଳା ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବସ୍ତାଦୌଡ଼, ବେଙ୍ଗଦୌଡ଼, ବାଟିଚାମଚ ଦୌଡ଼, ବଲ-ବାଲ୍ଟି ଖେଳ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ସେହିପରି ଗଣିତ ଖେଳରେ ପିଲାମାନେ ଭାଗନେଇ ଭରପୂର ମଜା ଉଠାଇଥିଲେ। ଡିଆଇଇଟିର ଗୁରୁଛାତ୍ରଛାତ୍ରୀମାନେ ଖେଳ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଜର୍ଜ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମହେଶ୍ୱତା ପଣ୍ଡା, ଶିକ୍ଷୟିତ୍ରୀ ସରିତାଲତା ଦଳେଇ, ରଶ୍ମିତା ସେଠୀ, ସବିତା ଦ୍ୱିବେଦୀ ଓ ନୀଳିମା ନାୟକଙ୍କ ସମେତ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଗୁରୁଛାତ୍ରଛାତ୍ରୀ ସହଯୋଗ କରିଥିଲେ।



# ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ଖଜୁରିଆକଟା,୫ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳସ୍ଥିତ ସର୍ବପ୍ରାଚୀନ ଧୂନୀଘର ମଠରେ ଖଜୁରିଆକଟା ମଣ୍ଡଳ ପକ୍ଷରୁ ହିନ୍ଦୁ ସମ୍ମିଳନୀ କରିବା ଆୟୋଜନ ପାଇଁ ଆର୍‌ଏସ୍‌ଏସ୍‌ର ଜିଲ୍ଲା ସେବା ପ୍ରମୁଖ ତପନ ସାମଲଙ୍କ ଆହ୍ୱାନ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ତ୍ରିପାଠୀ ଏଥିରେ ସଭାପତିତ୍ୱ କରି ସମ୍ମିଳନୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବୈଠକରେ ନିକଟସ୍ଥ ୭ ପଞ୍ଚାୟତ ୨୫ ଜଣଙ୍କ ମଧ୍ୟରେ ଗ୍ରାମ କମିଟି କର୍ମକର୍ତ୍ତା, ପ୍ରମୁଖ ଧର୍ମାନୁଷ୍ଠାନର ପ୍ରତିନିଧି ଓ ଧର୍ମାନୁରାଗୀ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ମଠ ମହନ୍ତ ମାଧବାନନ୍ଦ ଦାସ ମହାରାଜ ବୈଠକର ରୂପରେଖ ଉପରେ ବକ୍ତବ୍ୟ ରଖିଥିଲେ। ସର୍ବସମ୍ମତି କ୍ରମେ ଆସନ୍ତା ୨୪ ତାରିଖ ଦିନ ଖଜୁରିଆକଟା ମଣ୍ଡଳ ପକ୍ଷରୁ ରଞ୍ଜାଗୋଳ ଧୂନୀଘର ମଠ ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ କରାଯିବା ସହ ଏହି କାର୍ଯ୍ୟକ୍ରମ ମଧ୍ୟରେ ଭାଗବତ ପଠନ, ଘୃତଯଜ୍ଞ, ନାମ ସଙ୍କୀର୍ତ୍ତନ, ପ୍ରସାଦ ସେବନ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ମିଳନୀ ସମୟରେ ପାନୀୟ ଜଳ ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଗ୍ରାମରୁ ଯୋଗଦେଇଥିବା ସଦସ୍ୟଙ୍କ ମଧ୍ୟରୁ ୧୮ ଜଣଙ୍କୁ ଆୟୋଜକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ବିରଞ୍ଚି ନାରାୟଣ ତ୍ରିପାଠୀ ସଭାପତି, ବାସୁଦେବ ପ୍ରଧାନ ଉପସଭାପତି, ଲିଙ୍ଗରାଜ ସାହୁ ସଂଯୋଜକ, ତପନ କୁମାର ସାମଲ ସହ ସଂଯୋଜକ, ବିଭୂତି ଭୂଷଣ ସାହୁ କୋଷାଧ୍ୟକ୍ଷ, ଜଗଦୀଶ ପ୍ରଧାନ ସହ କୋଷାଧ୍ୟକ୍ଷ ମଠ ମହନ୍ତ ମାଧବାନନ୍ଦ ଦାସ ଉପଦେଷ୍ଟା ଭାବେ କାର୍ଯ୍ୟ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଶଶିଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଜୁରିଆକଟା,୫ ।୧(ସମିସ): ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପ୍ରଭୁ ଗଣେଶଙ୍କ ବିଗ୍ରହ ପ୍ରତିଷ୍ଠା ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ପ୍ରାର୍ଥନା ମଣ୍ଡପ ଉଦଘାଟନ କରାଯାଇଛି। ପ୍ରଧାନଶିକ୍ଷୟତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାଇଁଶୀଧର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରସାନନ୍ଦ ଭୂତିଆ, କ୍ଷୀରୋଦ



ରାଉତ ଯୋଗଦେଇ ଛାତ୍ରଛାତ୍ରୀମାନେ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଛାତ୍ର ଗଗନ ରାଉତ, ରାଜେନ୍ଦ୍ର ରାଉତ, ପ୍ରଦୀପ ବେହେରା, ବିଦ୍ୟାଧର ରାଉତ, ବିନୋଦ ବେହେରା ଯୋଗଦେଇଥିଲେ। ମଙ୍ଗଳପୁର ସରପଞ୍ଚ କାନନବାଳା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବନିତା ମାଝୀ ଧନ୍ୟବାଦ ଦେଇଥିଲେ।

# ଜଗବନ୍ଧୁ ଜରାଶ୍ରମ ପକ୍ଷରୁ କମ୍ବଳ ବଣ୍ଟନ

ଯୋରନ୍ଦା,୫ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମାଗାଦି ପରିସର ନୀତିମନ୍ଦିରରେ ଅଗ୍ରଣୀ ସେବା ପ୍ରତିଷ୍ଠାନ ଜଗବନ୍ଧୁ ଜରାଶ୍ରମ ତରଫରୁ ସୋମବାର ଗରିବ, ଅସହାୟ, ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ଓ ଅନାଥ ଶିଶୁମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ମହିମାଗାଦିର କର୍ମଚାରୀ, ଦିନମଜୁରିଆ, ଗରିବ ଲୋକଙ୍କୁ ଶତାଧିକ କମ୍ବଳ ବଣ୍ଟନ କରାଯାଇଥିଲା। ଦଧିସିଙ୍ଗା ଗ୍ରାମ ଆଦିବାସୀ ସାହିରେ ୩୦ ଜଣ ବୃଦ୍ଧବୃଦ୍ଧାଙ୍କୁ ବଣ୍ଟନ କରାଯାଇଥିଲା। ସେହିପରି କାମାକ୍ଷାନଗର ବ୍ଲକ ଅନ୍ତିମ ପୁଟସାହିଠାରେ ୧୩୦ ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଜିନ୍ଦଲ ଫାଉଣ୍ଡେସନର ସାମାଜିକ ସେବା କାର୍ଯ୍ୟକ୍ରମ ସହାୟତା ଓ ଜଗବନ୍ଧୁ ଜରାଶ୍ରମ ସେବା ପ୍ରତିଷ୍ଠାନ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜଗବନ୍ଧୁ ଜରାଶ୍ରମର ସମ୍ପାଦକ ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିମାଗାଦି ପରିଚାଳନା କମିଟି ସଭ୍ୟ ବାବା ଶଙ୍କର ଦାସ, ସମ୍ମାନିତ ଅତିଥି ଭାବେ ବାବା ପ୍ରମୋଦ ଦାସ, ସାଧୁ ପୂର୍ଣ୍ଣାନନ୍ଦ ଦାସ, ବିଶ୍ୱାନନ୍ଦ ଦାସ, ସମାଜସେବୀ ଅନଙ୍ଗ ମୋହନ ତ୍ରିପାଠୀ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଦଧିସିଙ୍ଗା ଗ୍ରାମ ପରିଚାଳନା କମିଟି ସହ ସମ୍ପାଦକ ସୁଶୀଳ ପରିଡ଼ା, ସଭ୍ୟ ବିନୋଦ ମହାନ୍ତି, ପ୍ରହଲ୍ଲାଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ



ପରଜଙ୍ଗ,୫ ।୧(ସମିସ): ଗଡ଼ପରଜଙ୍ଗ ଗ୍ରାମସ୍ଥିତ ପିଏମଶ୍ରୀ ଏମଏସ ନୋଡାଲ ବିଦ୍ୟାପୀଠରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ସମୃଦ୍ଧ ଓଡ଼ିଶା-୨୦୩୬ ନିମନ୍ତେ ଭବିଷ୍ୟତ ପିଢ଼ି ଛାତ୍ରଛାତ୍ରୀଙ୍କୁ ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ଓ ଦୋକାନ ଯାତ୍ରାରେ ସହାୟକ ହେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଭାଗିତାରେ ୨୦୩୬ ବେଳକୁ ଜ୍ଞାନକୌଶଳ କିପରି ଭାବେ ଗଢ଼ି ତୋଳାଯିବ ସେ ନେଇ ସାହିତ୍ୟ, କ୍ରୀଡ଼ାଙ୍ଗନ, କୌଶଳ, ଅର୍ଥନୀତି ଅଭିବୃଦ୍ଧି, ବ୍ୟବସାୟ, ବ୍ୟାଙ୍କ ସୁବିଧା, ସାଇବର ସୁରକ୍ଷା ପାଇଁ ଶିକ୍ଷା ଉପରେ ଆଧାରିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ସମ୍ମାନିତ ଅତିଥି ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବିଇଓ ପ୍ରିୟଦର୍ଶିନୀ ନାୟକ, ପଞ୍ଚସଖା ଶିକ୍ଷାସେତୁ ସଭାପତି ନାରାୟଣ ବିନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତର୍ଯ୍ୟାମୀ ନାୟକ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସହକାରୀ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନନ୍ଦ ସଂଯୋଜନା କରିଥିଲେ। ଶିକ୍ଷକ ମଳୟ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# କଚ୍ଛପ ଗତିରେ ଚାଲିଛି ପୂର୍ତ୍ତ ବିଭାଗ ରାସ୍ତା କାମ

## ଫଟେଇଦେଲେ ପାଣି ପାଇପ୍ | ୧୫ ପରିବାର ଡହଳବିକଳ



ଢେଙ୍କାନାଳ,୫ ।୧(ସମିସ): ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ପଞ୍ଚାୟତ ବ୍ରାହ୍ମଣଧରା ଗ୍ରାମର ଜାଙ୍ଗୁଠାରୁ ବ୍ରାହ୍ମଣଧରା ଭାୟା କେନ୍ଦୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତା କାମ ଜାରି ରହିଛି। ତେବେ ଠିକାସଂସ୍ଥା କଚ୍ଛପ ଗତିରେ କାମ କରୁଥିବା ଅଭିଯୋଗ ହେଉଛି। ରାସ୍ତାରେ କ୍ରସର ଗୁଣ୍ଡ ବଦଳରେ ଚୋରା ମୋରମ ବ୍ୟବହାର କରାଯାଉଛି। ଏହାଦ୍ୱାରା ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଅନ୍ୟପଟେ ରାସ୍ତା କାମ ସମୟରେ ପାଣି ପାଇପ ଫାଟିଯାଇଥିଲେ ମଧ୍ୟ ତାହାର ମରାମତି କରାଯାଉ ନାହିଁ। ଆଜକୁ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଏ ସମ୍ପର୍କରେ ଠିକାଦାର ଏବଂ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ବ୍ରାହ୍ମଣଧରା ସାମଘନିଆ ସାହିର ୧୫ ପରିବାର ପାଣି ମୁନ୍ଦେ ପାଇଁ ଡହଳବିକଳ ହେଉଛନ୍ତି। ଏହି ବ୍ରାହ୍ମଣଧରା ରାଜସ୍ୱ ଗ୍ରାମ ବିଧାୟକଙ୍କ ପଞ୍ଚାୟତରେ ଅନ୍ତର୍ଭୁକ୍ତ। ଗ୍ରାମରେ ଏକ ନଳକୂପ ଥିଲେ ମଧ୍ୟ ସେଥିରୁ ଲୌହଯୁକ୍ତ ପାଣି ବାହାରୁଥିବାରୁ ତାହା ପାନୀୟ ଉପଯୋଗୀ ନୁହେଁ। ତୁରନ୍ତ ଠିକାଦାର ପାଇପ୍ ମରାମତି ନ କଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଛାମୁଣ୍ଡା ବିଜୟୀ

କଙ୍କଡ଼ାହାଡ଼,୫ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ଗ୍ରାମ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏମଏମସିସି ଗଡ଼ପଳାଶୁଣି କ୍ଲବ ଆନୁକୂଲ୍ୟରେ ୩୪ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଘାଟିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଭାଗ ନେଉଛନ୍ତି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାପୁଜୀ ହାୟର୍ ସେକେଣ୍ଡାରୀ ସ୍କୁଲର ଅଧ୍ୟାପକ ଦାମୋଦର ବେହେରା, ସାମ୍ବାଦିକ ଚଗଲା ଦେହୁରୀ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ନରହରିପୁର ଓ ଛାମୁଣ୍ଡା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛାମୁଣ୍ଡା ଦଳ ବିଜୟୀ ହୋଇଛି। ନରହରିପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୩୯ ରନ କରିଥିଲା। ଜବାବରେ ଛାମୁଣ୍ଡା ଦଳ ୧୪.୩ ଓଭରରେ ୧୪୦ ରନ କରିଥିଲା। ସୁବ୍ରତ ବେହେରା ଏବଂ ଡାମ୍ବିଂ ଅମ୍ପାୟର ସୁରେଶ ପାତ୍ର ଖେଳ ପରିଚାଳନା କରିଥିଲେ। ତପନ କୁମାର ଏବଂ ସଞ୍ଜୟ କୁମାର ଧାରାବିବରଣୀ ପ୍ରଦାନ କରିଥିଲେ। ଏମଏମସିସି କ୍ଲବର ମାନସ କୁମାର ସାମଲ, ବାଦଲ ସାମଲ, ଅଜିତ କୁମାର ସେଠ, ରାଜୁ ସେଠ, ଚିନ୍ମୟ ସେଠ, ବସନ୍ତ କୁମାର ସେଠ, ଜିଲୁ ବେହେରା, ଲିପୁନ ଜେନା, ଦେବେନ୍ଦ୍ର ସେଠ, ପ୍ରଦୀପ କୁମାର ସେଠ, ରାହୁଲ ସାମଲ, ଟୁବୁ ସେଠ, ଚଗି ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ଏସ୍‌ଭିଏମ୍‌ର ଅଷ୍ଟବିଂଶ ବାର୍ଷିକ ଉତ୍ସବ



ପରଜଙ୍ଗ,୫ ।୧(ସମିସ): ସରାଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଏସ୍‌ଭିଏମ୍)ର ଅଷ୍ଟବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବିଦ୍ୟା ମନ୍ଦିର ସଭାପତି ମହିନ୍ଦ୍ର କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଜ୍ୟ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ ଯୋଗଦେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପରେ କୁନି ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।

# ଧର୍ମପରାୟଣାଙ୍କ ପରଲୋକ



କଙ୍କଡ଼ାହାଡ଼,୫ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗ୍ରାମ ଭଦାଳିଆ ଗ୍ରାମର ଧର୍ମପରାୟଣା ମହିଳା ସରସ୍ୱତୀ ସିଂହ (୭୧)ଙ୍କ ପରଲୋକ ଘଟିଛି। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ସେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଅଙ୍କୁର ସିଂହ ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଢେଙ୍କାନାଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା



ଢେଙ୍କାନାଳ ୫।୧(ସମିସ): ଜାନୁଆରୀ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଢେଙ୍କାନାଳ ମହୋତ୍ସବ ନିମନ୍ତେ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଛି। ଜିଲ୍ଲା ପ୍ରଶାସନ ତରଫରୁ କପିଳାସ ପୀଠରେ ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଜିଲ୍ଲାର ସମସ୍ତ ୮ ବ୍ଲକର ସାଂସ୍କୃତିକ ଦଳ ସୁସଜ୍ଜିତ ରଥ ସହିତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ପବିତ୍ର କପିଳାସ ମନ୍ଦିରରେ ପୂଜାର୍ଚ୍ଚନା ଓ ମଶାଲ ପ୍ରଜ୍ୱଳନ କରାଯାଇଥିଲା। ମଶାଲକୁ ଶୋଭାଯାତ୍ରାରେ ନିରୁପମା ହୋଟେଲ ନିକଟ ମୁଖ୍ୟ କାର୍ଯ୍ୟକ୍ରମ ମଞ୍ଚକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଦୀପ୍ତିରଞ୍ଜନ ସେଠ, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ପ୍ରାୟ ଏକ ଦଶନ୍ଧି ପରେ ମହୋତ୍ସବ ପୁନର୍ବାର ଆରମ୍ଭ ହୋଇଥିବାରୁ ମନ୍ତ୍ରୀ ପାତ୍ର ଖୁସି ପ୍ରକାଶ କରିଥିଲେ। ପରେ ସମସ୍ତ ବିଡିଓ ସେମାନଙ୍କ ମଶାଲ ପ୍ରଜ୍ୱଳନ କରି ନିଜ ନିଜ ବ୍ଲକକୁ ନେଇଥିଲେ।

ସକାଳ THE SAKALA



www.sakalaepaper.com

## ମହିଳା ବିଡିଓଙ୍କ ଉପରେ ବିଜେପି ନେତା କର୍ମୀଙ୍କ ଆକ୍ରମଣ

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର,୫।୧(ସମିସ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବିଡିଓଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ବିଜେପି ନେତା ଓ କର୍ମୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ବିଜେଡି। ସୋମବାର ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ପ୍ରମୁଖ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଡ. ସାମନ୍ତସିଂହାର କହିଛନ୍ତି ଯେ ବିଜେପି କ୍ଷମତାସୀନ ହେବା ପରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦେଶର ଅପରାଧ ତାଲିକାରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି। ବିଜେପି ନେତା, କର୍ମୀମାନେ ଆଇନ ଶୃଙ୍ଖଳାକୁ ହାତକୁ ନେଉଥିବା ବେଳେ ଯ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି। ପ୍ରାୟ ବର୍ଷେ ତଳେ ସେବେକାର ବିଡିଓଙ୍କ ଉପରେ ମଧ୍ୟ ବିଜେପି ରାଜନଗର ବିଧାୟକ ପ୍ରାର୍ଥୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଏପରି ଆକ୍ରମଣ



କରାଯାଇଥିଲା । ୨୦ ଦିନ ତଳେ ବିଡିଓ ଭାବେ ଯୋଗ ଦେଇଥିବା ତିଳୋତ୍ତମା ପୃଷ୍ଟିଙ୍କ ଉପରେ ଆଉଥରେ ଆକ୍ରମଣ କରାଯାଇଛି। ରାଜନଗର ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଏହି ଘଟଣାର ମୁଖ୍ୟ। ମନମୋହନ ସାମଲଙ୍କ ଚିଙ୍ଗୁଡି ବ୍ୟବସାୟରେ ସେ ଅଂଶୀଦାର ଓ ତାଙ୍କ ଇଙ୍ଗିତରେ ବିଜେପି ସରକାର ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛନ୍ତି। ତେଣୁ ଚବିଶ ଘଣ୍ଟା ଭିତରେ ଅପରାଧୀ ମାନଙ୍କୁ ଗିରଫ କରାନଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ ଏହି ଘଟଣାକୁ ଯେତେ କଡା ଭାଷାରେ ନିନ୍ଦା କଲେ ମଧ୍ୟ କମ୍ ହେବ । ଅହଙ୍କାରର ବଶବର୍ତ୍ତୀ ହୋଇ ବିଜେପିର କର୍ମୀମାନେ ବ୍ଲକ ପଞ୍ଚାୟତକୁ ନିଜ କବ୍‌ଜାରେ ରଖିବାକୁ ଚାହୁଁଛନ୍ତି। ପୁଲିସ ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ସେମାନଙ୍କଠାରୁ ପାଲଟା ଏଫ୍‌ଆଇଆର୍ ରଖିବାରୁ ରାଜ୍ୟରେ ପୁଲିସ ଶାସକ ଦଳର ହାତବାରିସୀ ସାଜିଛି ବୋଲି ସ୍ପଷ୍ଟ ହେଉଛି। ଅପରାଧୀ ମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନନେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

# ଡିଜିପିଙ୍କୁ ଦାବିପତ୍ର



କଟକ,୫।୧(ସମିସ): ରାଜନଗର ବିଡିଓ ତିଲୋତ୍ତମା ପୃଷ୍ଟିଙ୍କୁ ଆକ୍ରମଣ ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଛି ବିଜେଡି। ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡିଜିପି ୱାଇ.ବି ଖୁରାନିଆଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଇନଶୃଙ୍ଖଳା ଏଡିଜି ସଂଜୟ କୁମାରଙ୍କୁ ଭେଟି ବିଜେଡି ପ୍ରତିନିଧି ଦଳ ଏହି ଦାବିପତ୍ର ପ୍ରଦାନ କରିବା ସହ ଉପରୋକ୍ତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ବରିଷ୍ଠ ନେତା ପ୍ରତାପ ଜେନାଙ୍କ ନେତୃତ୍ୱରେ ଏହି ପ୍ରତିନିଧିଦଳରେ ସାଂସଦ ସୁଲତା ଦେଓ, ବିଧାୟକ ଧ୍ରୁବ ସାହୁ, ପ୍ରଶାନ୍ତ ବେହେରା ଓ ଦେବୀ ରଂଜନ ତ୍ରିପାଠୀ ଏବଂ ପ୍ରିୟବ୍ରତ ମାଝୀ ପ୍ରମୁଖ ବିଜେଡି ନେତୃବୃନ୍ଦ ଯୋଗ ଦେଇଥିଲେ।

# ୩୦ରୁ ଗୌହାଟୀରେ ତିନିଦିନ ଧରି ହେବ 'ଦ୍ୱିତୀୟ ଓଡ଼ିଶା ପରବ'

ଭୁବନେଶ୍ୱର,୫।୧(ସମିସ): ଆସାମର ଗୌହାଟୀ ରାଡିସନ ବ୍ଲ୍ୟୁ ହୋଟେଲରେ ଆସନ୍ତା ୩୦ ତାରିଖରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି 'ଦ୍ୱିତୀୟ ଓଡ଼ିଶା ପରବ' ଆୟୋଜିତ ହେବ। ଏଥିରେ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ତରଫରୁ ସର୍ବାଧିକ ୬ଟି ଷ୍ଟଲ୍, ହସ୍ତକଳା ବିଭାଗ ତରଫରୁ ୬ଟି, ଓର୍‌ମାସ୍ ତରଫରୁ ୩ଟି, ମିଶନ ଶକ୍ତି ବିଭାଗ ତରଫରୁ ୩ଟି ଷ୍ଟଲ୍ ସହ ଆଦିଶା ତରଫରୁ କୋରାପୁଟ କଫିର ପ୍ରଦର୍ଶନ ହେବ। ଏହାସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ହୋଇଛି।

ସୋମବାର ପର୍ଯ୍ୟଟନ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଓଡ଼ିଆ ଖାଦ୍ୟ, ହସ୍ତଶିଳ୍ପ, ହସ୍ତକଳା ଓ ପର୍ଯ୍ୟଟନର ପ୍ରଚାରପ୍ରସାର ଉପରେ ଗୁରୁତ୍ୱ ଦେବା ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମକୁ ସୁନ୍ଦର ଓ ସଫଳତାର ସହ ଆୟୋଜନ କରିବାକୁ ଆଲୋଚନା କରିଥିଲେ। ଉତ୍ତର-ପୂର୍ବ ରାଜ୍ୟରେ କିଭଳି ଓଡ଼ିଶାର ଐତିହ୍ୟ, ପରମ୍ପରା ଅଧିକରୁ ଅଧିକ ପ୍ରଚାର ହେବ ଏବଂ ବାହାର ରାଜ୍ୟରୁ ଶିଳ୍ପପତିମାନେ ଓଡିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ହେବେ, ସେ ଦିଗରେ ମଧ୍ୟ ଆଲୋଚନା କରାଯାଇଥିଲା। ସେଠାରେ ବସବାସ କରୁଥିବା ଓଡିଆ ସମାଜର ଅଧିବାସୀମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ୍ କରି ପରବକୁ ସଭିଙ୍କ ପାଇଁ ସ୍ମରଣୀୟ କରିବା ଉପରେ ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ଗୁରୁତ୍ୱ ଦେଇଥିଲେ।

■ ମୁଖ୍ୟ ସଚିବଙ୍କ ସହ ଜାତୀୟ ଏସ୍‌ଟି କମିସନଙ୍କ ଆଲୋଚନା

# ଜନଜାତି ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ଗୁରୁତ୍ୱ

ଭୁବନେଶ୍ୱର,୫।୧(ସମିସ): ଅନୁସୂଚିତ ଜନଜାତିଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି କରିଛନ୍ତି ଜାତୀୟ ଅନୁସୂଚିତ ଜନଜାତି କମିସନ(ଏନ୍‌ସିଏସ୍‌ଟି)ଙ୍କ ସଦସ୍ୟା ଡଃ ଆଶା ଲାକ୍ରା। ଲୋକସେବା ଭବନସ୍ଥିତ ବୈଠକ ଗୃହରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଏହି ବୈଠକରେ ଜନଜାତି ସମୁଦାୟଙ୍କ ନିମନ୍ତେ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ଯୋଜନା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଛନ୍ତି। ଏଥିରେ ଜନଜାତି ଛାତ୍ରଛାତ୍ରୀଙ୍କ ନିମନ୍ତେ ଗୁଣାତ୍ମକ ଆବାସିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାଳିକା ହଷ୍ଟେଲରେ ମହିଳା ମାଟ୍ରନ୍, ପାଚେରି ନିର୍ମାଣ, ଶୌଚାଳୟ ନିର୍ମାଣ ଆଦିକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆଶ୍ରମ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସେବାଶ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିସହ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜଙ୍ଗଲ ଅଧିକାରରେ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ବିଭାଗୀୟ ସଚିବ ଅବଗତ କରାଇ କହିଛନ୍ତି, ଅକ୍ଟୋବର ୨୦୨୫ ସୁଦ୍ଧା ୭.୩୨ ଲକ୍ଷ ବ୍ୟକ୍ତିଗତ ଜଙ୍ଗଲ ଜମି ଅଧିକାର ଆବେଦନ ଗ୍ରହଣ କରାଯାଇଥିବା ବେଳେ ୪.୬୪ ଲକ୍ଷ ବ୍ୟକ୍ତିଗତ ଜଙ୍ଗଲ ଜମି ଅଧିକାର ପ୍ରଦାନ କରାଯାଇଛି। ସେହିପରି ନାଗରିକ ଅଧିକାର ସୁରକ୍ଷା ଆଇନ, ୧୯୫୫ ଏବଂ ଏସସି/ଏସଟି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ପେସା ଆଇନକୁ ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଛି। ପେସା ଆଇନ୍‌କୁ କାର୍ଯ୍ୟକାରୀ କରିବାରେ ଜନଜାତି ଗୋଷ୍ଠୀଙ୍କୁ ସାମିଲ୍ କରିବା ନେଇ କମିଶନ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଆଲୋଚନା ପରେ କମିଶନର ମାନ୍ୟବର ସଦସ୍ୟା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ରଖାଯାଇ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଓ କାର୍ଯ୍ୟକ୍ରମଗୁଡିକର ତୃଣମୂଳସ୍ତରରେ ପହଞ୍ଚାଇବାକୁ ପଦକ୍ଷେପ ନେବାକୁ କହିଛନ୍ତି।

## 'ନିତି' ଆୟୋଗ ସିଇଓଙ୍କ ସହ ମୁଖ୍ୟ ସଚିବଙ୍କ ବୈଠକ

# ଶକ୍ତି କ୍ଷେତ୍ରରେ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ବ୍ୟବହାର ଉପରେ ଗୁରୁତ୍ୱ

ଭୁବନେଶ୍ୱର,୫।୧(ସମିସ): 'ନିତି' ଆୟୋଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ବି.ଭି. ଆର୍ ସୁବ୍ରମଣ୍ୟମ୍‌ଙ୍କ ସହ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ରାଜ୍ୟର ବିଭିନ୍ନ ବିଭାଗର ସଚିବମାନଙ୍କ ଉପସ୍ଥିତିରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଶକ୍ତି କ୍ଷେତ୍ରରେ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ମାଧ୍ୟମରେ ସ୍ୱଚ୍ଛ ଓ ସୁସ୍ଥାୟୀ ଉର୍ଜା ବ୍ୟବହାର ପାଇଁ କାର୍ଯ୍ୟ ବ୍ୟବସ୍ଥା ତ୍ୱରାନ୍ୱିତ କରିବା ସଂପର୍କରେ ବିସ୍ତୃତ ଆଲୋଚନା ହୋଇଛି। କମ୍ ଖର୍ଚ୍ଚରେ ଦୀର୍ଘ ସ୍ଥାୟୀ ଓ ସ୍ୱଚ୍ଛ ଉର୍ଜା ବ୍ୟବସ୍ଥାକୁ ଗ୍ରହଣ କରିବା ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରାଯାଇଥିଲା। ପୂର୍ବରୁ ଏ ସଂପର୍କରେ 'ନିତି' ଆୟୋଗ ଏବଂ ଆଇଏସଇଜି ଫାଉଣ୍ଡେସନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇ ତଦନୁସାରେ ରାଜ୍ୟରେ କାର୍ଯ୍ୟ ଜାରି ରହିଛି। ଏହାସହ ରାଜ୍ୟ ତଥା ଦେଶର ଦୀର୍ଘମିଆଦ ଉନ୍ନୟନ ଦୃଷ୍ଟିକୋଣ, ଓଡ଼ିଶା ଭିଜନରେ ରହିଥିବା ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟାନୁଷ୍ଠାନ ସଂପର୍କିତ ଆଲୋଚନା ହୋଇଥିବା ଜଣାପଡ଼ିଛି।

ବୈଠକରେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ଲକ୍ଷ୍ୟ ରଖି ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ଓଡ଼ିଶା ଭିଜନ ଅନ୍ତର୍ଗତ ଭୁବନେଶ୍ୱର–କଟକ-ପୁରୀ–ପାରାଦୀପ–କଟକ ଆର୍ଥିକ ଅଞ୍ଚଳ (ବିସିପିପିଇଆର)ର ବିକାଶ ସମ୍ପର୍କରେ ଆଲୋଚନା କରାଯାଇ ଏହି ଅଞ୍ଚଳକୁ ଏକ ସଂଯୁକ୍ତ ଆର୍ଥିକ ଓ ସହରୀକରଣ ବିକାଶ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ଏଥି ସମ୍ପର୍କିତ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜନଜାତି ସମୁଦାୟଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ପାଇଁ ଶାଳମଞ୍ଜି ଭଳି ବନଜାତ ଦ୍ରବ୍ୟର ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ ଉପରେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଯୁବଶକ୍ତିଙ୍କୁ ଆଧୁନିକ ଶିଳ୍ପ ଓ ସେବାଭିତ୍ତିକ କ୍ଷେତ୍ରରେ ଭବିଷ୍ୟତର ଆବଶ୍ୟକତା ପୂରଣ ପାଇଁ ବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଇଛି। ବୈଠକରେ 'ନିତି' ଆୟୋଗର ଅନ୍ୟତମ ପଦସ୍ଥ ଅଧିକାରୀ ଏସ୍. କିଶୋର, ଆୟୋଗର ଅନ୍ୟ ଅଧିକାରୀ ଓ ବିଶେଷଜ୍ଞମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

# ଜାନୁଆରୀ ୩୦ରୁ କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା

ଭୁବନେଶ୍ୱର,୫।୧(ସମିସ): ମହାତ୍ମା ଗାନ୍ଧୀଙ୍କ ବଳିଦାନ ଦିବସରୁ ଓଡ଼ିଶାରେ ପଦଯାତ୍ରା ଅଭିଯାନ ଆରମ୍ଭ କରିବ କଂଗ୍ରେସ। ଜାନୁଆରୀ ୩୦ରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମାଲକାନଗିରିରୁ ଦଳ ଆରମ୍ଭ କରିବ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା। ଗୋଟିଏ ବ୍ଲକରେ ଗୋଟିଏ ଦିନ ଏହି ପଦଯାତ୍ରା ହେବ। ପ୍ରତି ଜିଲ୍ଲାରେ ୨୦ କିଲୋମିଟର ଚାଲିବେ କଂଗ୍ରେସ କର୍ମୀ ଓ ନେତା। ମାଲକାନଗିରରେ ୫ଦିନ ଧରି ଏହି ପଦଯାତ୍ରା ହେବ। ଏହାପରେ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ପରେ ପୂରା ଓଡିଶାରେ ପଦଯାତ୍ରା କରାଯିବ ବୋଲି କଂଗ୍ରେସ ନିଷ୍ପତ୍ତି ନେଇଛି। ପ୍ରଥମ ପର୍ଯ୍ୟାୟରେ ଗାନ୍ଧୀ ପଥେ ନାମରେ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ହେଲେ ନୂଆପଡ଼ା ଉପନିର୍ବାଚନ ପାଇଁ ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ପୁଣି ଥରେ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରି ରାଜ୍ୟ କଂଗ୍ରେସ କର୍ମୀଙ୍କ ମନରେ ଉତ୍ସାହ ଭରିବା ସହ ଲୋକଙ୍କ ପାଖରେ ପହଞ୍ଚିବାକୁ ନିଷ୍ପତ୍ତି ହୋଇଛି। ଦଳ ପକ୍ଷରୁ ବିଜେପି ସରକାରଙ୍କ ବିଫଳତା ସହ ସ୍ଥାନୀୟ ଅଂଚଳରେ ହେଉଥିବା ସମସ୍ୟାକୁ ନେଇ ପଦଯାତ୍ରା ଆୟୋଜନ କରାଯିବ। ଏହାସହ ଧାନମଣ୍ଡି ସମସ୍ୟା, ବିଜୁଳି ସମସ୍ୟା ପରି ଅନେକ ପ୍ରସଙ୍ଗ ନେଇ ଦଳ ଲୋକଙ୍କ ପାଖକୁ ଯିବ। ଏହାସହିତ ଫେବୃଆରୀରେ ଦଳ ବିଧାନସଭା ଘେରାଉ କରିବ। ବିଜେପି ସରକାର ବିରୋଧରେ ଜନମତ ସୃଷ୍ଟି କରିବାକୁ ଲମ୍ବା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି କଂଗ୍ରେସ। ଦଳର ରାଜନୈତିକ ବ୍ୟାପାର କମିଟିରେ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରେ ଅଧିକ ଶକ୍ତିଶାଳୀ କରିବାକୁ ଭିଜନ ରଖାଯାଇଥିବା ବେଳେ ନୂଆବର୍ଷରୁ ଅସଜଡା କଂଗ୍ରେସକୁ ସଜାଡିବା ସହ ଘନଘନ ରାଜନୈତିକ କାର୍ଯ୍ୟକ୍ରମ ଜରିଆରେ କଂଗ୍ରେସକୁ ଚଳଚଞ୍ଚଳ କରିବାକୁ ପିସିସି ସଭାପତି ଯୋଜନା ପ୍ରସ୍ତୁତ କରିଛନ୍ତି।

# ମକର ଯାଏଁ ଶୀତର ପ୍ରକୋପ

ଭୁବନେଶ୍ୱର,୫।୧(ସମିସ): ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟରେ ଶୀତର କହର ଜାରି ରହିବ। ଏହାପରର ସ୍ଥିତି ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ମକର ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଅନୁଭୂତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ବାୟୁର ଦିଗ ପରିବର୍ତ୍ତନ ହେତୁ ଗଲା ୩-୪ ଦିନ ହେବ ରାଜ୍ୟରେ ଶୀତ ସାମାନ୍ୟ ହ୍ରାସ ପାଇଛି। ପୂର୍ବାପେକ୍ଷା ତାପମାତ୍ରାରେ ହ୍ରାସ ଯୋଗୁଁ ଶୀତରୁ କିଛିକାଂଶରେ ମୁକ୍ତି ମିଳିଛି। ମାତ୍ର ଆଜିଠାରୁ ପୁଣି ତାପମାତ୍ରା ହ୍ରାସ ହେବାକୁ ଥିବାରୁ ରାଜ୍ୟକୁ ପୁଣି ଶୀତ ଫେରିବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆଜିଠାରୁ ୩ ଦିନ ମଧ୍ୟରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୩ ଡିଗ୍ରୀ କମିବ। ଏହା ପ୍ରଭାବରେ ଶୀତ କିଛି ମାତ୍ରରେ ବୃଦ୍ଧି ପାଇବ। ତେବେ ଏହାର ପର ୩ ଦିନରେ ପୁଣି ତାପମାତ୍ରା ପ୍ରାୟ ୨ ଡିଗ୍ରୀ ବଢ଼ି ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ। ୧୦ ତାରିଖ ରାତିରେ ଭୁବନେଶ୍ୱର, ବ୍ରହ୍ମପୁର ସମେତ ଦକ୍ଷିଣ ଉପକୂଳରେ ସାମୟିକ ଭାବେ ଶୀତ କମିବ। ତେବେ ୧୧ରେ ଶୀତ ପୁଣି ଲେଉଟିବ। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ନୟାଗଡ଼, ଢେଙ୍କାନାଳ ଓ ଆଭ୍ୟନ୍ତରୀଣ ଗଞ୍ଜାମରେ କୁହୁଡ଼ି ରହିବ। ଆଭ୍ୟନ୍ତରୀଣ ଜିଲ୍ଲାରେ କିଛି କିଛି ସ୍ଥାନରେ କୁହୁଡ଼ି ରହିବ। ତେବେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ଓ କଟକରେ କୁହୁଡ଼ି ସମ୍ଭାବନା କମ୍ ରହିଛି। ମକର ସଂକ୍ରାନ୍ତି ପରେ ବାୟୁର ଦିଗ ପରିବର୍ତ୍ତନ ଯୋଗୁଁ ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର ସମେତ ଦକ୍ଷିଣ ଉପକୂଳ ଅଞ୍ଚଳରେ ଶୀତ କମିବ। ମୋଟାମୋଟି ଭାବେ ଆଗକୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟରେ ପ୍ରାୟ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ଏହା ଫଳରେ ଶୀତ ବଢ଼ିବ। ଅନ୍ୟପଟେ ଶୀତର ପ୍ରଭାବ ବଢ଼ିବା ସହ କୁହୁଡ଼ି ପ୍ରଭାବ ହ୍ରାସ ପାଇବ। ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ମଧ୍ୟରେ ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, କଟକ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ନେଇ ଆଶଙ୍କା କରାଯାଇଥିବା ବେଳେ ଏହା ପରେ କୁହୁଡ଼ି କମିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ା ୮.୮, ରାଉରକେଲା ୯, ସେମିଳିଗୁଡ଼ାଠାରେ ତାପମାତ୍ରା ୯.୪, ଜି ଉଦୟଗିରି ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

# ପ୍ରତିବାଦ କରିବାରୁ କଙ୍ଗାରୁ କୋର୍ଟରେ ୫ଲକ୍ଷ ଜରିମାନା

ଗୋଲାମୁଣ୍ଡା, ୫।୧(ସମିସ): ଉଚ୍ଚ ଶବ୍ଦରେ ସାଉଣ୍ଡ-ବକ୍ସ ବଜାଇବାର ପ୍ରତିବାଦ କରିବାରୁ କଙ୍ଗାରୁ କୋର୍ଟରେ ଦଣ୍ଡିତ। କଳାହାଣ୍ଡି ଜିଲ୍ଲା କେ.ଗାଁ ଥାନା ଅଧୀନ ଆଇଁଲି ଗାଁରେ ଏପରି ଏକ ଘଟଣା ଘଟିଛି। ଏ ସଂପର୍କରେ ଅଭିଯୋଗ ହେବାରୁ କେଗାଁ ପୁଲିସ ନମ୍ବର ୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁଯାୟୀ, ନବବର୍ଷ ଉପଲକ୍ଷେ ଆଇଁଲି ଗ୍ରାମର ଗଗନେ ଶବର (୪୫) ଉଚ୍ଚଶବ୍ଦରେ ଦାଣ୍ଡ ଦୁଆରେ ସାଉଣ୍ଡ-ବକ୍ସ ବଜାଉଥିଲେ। ଗ୍ରାମର ପୁରୀ ହରପାଲଙ୍କ ପୁଅ ଟୁନା ହରପାଲ ଏହାର ପ୍ରତିବାଦ କରିବାରୁ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ଗଗନେ ପ୍ରତିଶୋଧପରାୟଣ ହୋଇଯାଇଥିଲେ। ତାଙ୍କ ଇଙ୍ଗିତରେ ଅପରାହ୍ଣରେ କିଛି ଅସାମାଜିକ ଯୁବକ ଟୁନାଙ୍କ ଘରକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ସହ ଟୁନାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। କିନ୍ତୁ, ସେତିକିରେ କଥା ସରିନଥିଲା। ପରଦିନ, ଏହାକୁ ନେଇ ଗାଁରେ କଙ୍ଗାରୁକୋର୍ଟ ବସାଯାଇଥିଲା। ଟୁନାଙ୍କ ଉପରେ ଜରିମାନା ବାବଦକୁ ପାଞ୍ଚଲକ୍ଷ ଟଙ୍କା ସହ ଚାଉଳ ଏବଂ ଖାସି ଦାବି କରାଯାଇଥିଲା। ଟଙ୍କା ନ ଦେଲେ ଟୁନାଙ୍କୁ ବଳି ଦେବୁ ବୋଲି ଧମକ ଦେବା ସହ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ଟୁନାଙ୍କ ବାପା ପୁରୀ ହରପାଲ ଭୟଭୀତ ହୋଇ ଗ୍ରାମର ଦୁଇଜଣ ୱାର୍ଡ ମେମ୍ବର୍ ରାଜୁ ନାଏକ ଓ ପୀତାମ୍ବର ଶବରଙ୍କ ସମ୍ମୁଖରେ ଉକ୍ତ ଜରିମାନା ଦେଇଥିଲେ। ଅପରପକ୍ଷେ, ଗୁରୁତର ଟୁନାଙ୍କୁ ଭବାନୀପାଟଣା ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଘଟଣା ସଂପର୍କରେ କେଗାଁ ଥାନା ଅଧିକାରୀ ସଙ୍ଗୀତା ବେକ୍ କହିଛନ୍ତି ଯେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ୍ ତଦନ୍ତ ଜାରି ରଖିଛି। ଦୋଷୀଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ପୀତବାସ ପଣ୍ଡା ହତ୍ୟା ମାମଲା**

# ମଳୟଙ୍କ ପାଇଁ ଜାମିନ ଆବେଦନ, ୭ରେ ଶୁଣାଣି

ବ୍ରହ୍ମପୁର, ୫।୧(ସମିସ): ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ରବିବାର ୧୬୬୭ ପୃଷ୍ଠା ସମ୍ବଳିତ ପ୍ରାଥମିକ ଚାର୍ଜସିଟ୍‌କୁ କୋର୍ଟରେ ଦାଖଲ କରିଛି। ଆହୁରି ଅନେକ ତଥ୍ୟ ଓ ରିପୋର୍ଟ ହସ୍ତଗତ ହେବାକୁ ଥିବା ବେଳେ ମାମଲାର ତଦନ୍ତ ବର୍ତ୍ତମାନ ଜାରି ରହିଥିବା ସ୍ପଷ୍ଟ କରିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ଗତ ଅକ୍ଟୋବର ୬ ତାରିଖ ରାତିରେ ହୋଇଥିବା ଏହି ହତ୍ୟାକାଣ୍ଡ ଘଟଣାରେ ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ପୂର୍ବତନ ମେୟର୍ ଶିବଶଙ୍କର ଦାଶ, କର୍ପୋରେଟର୍ ମଳୟ ବିଶୋୟୀ, ଆଇନଜୀବୀ ମଦନ ମୋହନ ଦଳେଇଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୂର୍ବରୁ ସ୍ଥାନୀୟ ଏସ୍‌ଡିଜେଏମ୍ ଓ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ବିକ୍ରମ ପଣ୍ଡା, ଶିବଶଙ୍କର ଦାଶ, ମଦନ ଦଳେଇ, ସୁନୀଲ ହୋତା ଓ ଶୂନ୍ୟ ଚନ୍ଦ୍ର ଦାଶ ଆଦି ୫ଜଣଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ବର୍ତ୍ତମାନ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଜାମିନ ଆବେଦନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ପୁଲିସ ପକ୍ଷରୁ ଚାର୍ଜସିଟ୍ ଦାଖଲ ପରେ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବିଇଏମସିର ୪୧ନମ୍ବର ୱାର୍ଡ କର୍ପୋରେଟର୍ ମଳୟ ବିଶୋୟୀଙ୍କ ପାଇଁ ତାଙ୍କ ଓକିଲ କୃଷ୍ଣ ପଟ୍ଟନାୟକ ଜାମିନ ଆବେଦନ କରିଛନ୍ତି। ଆସନ୍ତା ୭ ତାରିଖ ବୁଧବାର ଦିନ ମଳୟଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

# ସିଆର୍‌ଆର୍‌ଆଇ ଥାନା ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, ୫।୧(ସମିସ): ମଦ ଦୋକାନୀଙ୍କଠାରୁ ଲାଞ୍ଚ ନେବା କଟକ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକଙ୍କୁ ମହଙ୍ଗା ପଡ଼ିଛି। ଗତକାଲି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବେଳେ ଆଜି ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି ପୁଲିସ ଡିଜି। କେବଳ ନିଲମ୍ବନ କରିନାହାନ୍ତି, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ପ୍ରୋସିଡିଂ) ନେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ଶ୍ରୀ ବାରିକ ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ ରହିବେ। ସୁରୁଖୁରୁରେ ବ୍ୟବସାୟ ଚଳାଇବା ପାଇଁ ସଂପୃକ୍ତ ଥାନା ଅଞ୍ଚଳର ଥିବା ଜଣେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କୁ ଶ୍ରୀ ବାରିକ ଲାଞ୍ଚ ଟଙ୍କା ମାଗିଥିଲେ। ରବିବାର ସକାଳୁ ରାଜମହଲ ଛକରେ ୪୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ପରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ୟୁନିଟ୍-୧ସ୍ଥିତ ସରକାରୀ କ୍ୱାର୍ଟର୍ ସମେତ ବିଭିନ୍ନ ଠିକଣାରେ ଚଢ଼ଉ କରି ୪ଲକ୍ଷ ୯୬ ହଜାର, ଦାମୀ ଘଣ୍ଟା, ଶିଶୁପାଳଗଡ଼ରେ ୩ ମହଲା କୋଠା, କେନ୍ଦ୍ରାପଡ଼ା ଡେରାବିଶସ୍ଥିତ ପୈତୃକ ଗାଁରେ ୨ ମହଲା କୋଠା ଠାବ କରିଥିଲା। ପରେ ବିଜୟଙ୍କୁ ଗିରଫ କରିଥିଲା।

■ ଡଙ୍ଗାଡିହାରେ ବାଘ ଆତଙ୍କ

# ବଳଦ ସମେତ ୩ ଛେଳିଙ୍କୁ ମାରି ଖାଇଲା



ମହୁଲଡିହା, ୫।୧ (ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଡଙ୍ଗାଡିହା ଗ୍ରାମରେ ବାଘ ଆତଙ୍କ ଦେଖାଦେଇଛି। ଗତ ୩୧ ତାରିଖରେ ବାଘଟି ଗାଁରୁ ୩ଟି ଛେଳି ଟେକି ନେଇ ଖାଇଥିବା ବେଳେ ଆଜି ଗୋଟିଏ ବଳଦକୁ ମାରି ଖାଇଛି। ଡଙ୍ଗାଡିହା ଗ୍ରାମର ଖୁଦିରାମ ଟୁଡୁଙ୍କ ୨ଟି ଛେଳି ଓ କରଣ ହାଁସଦାଙ୍କ ଗୋଟିଏ ଛେଳି ନେଇ ଖାଇଥିବା ଅଭିଯୋଗ ହୋଇଛି। ସେହିପରି ୫ ତାରିଖ ଭୋର୍‌ରେ ଘର ଚାଳିରେ ଥିବା ଗୋଟିଏ ବଳଦକୁ ଝାମ୍ପି ନେଇ ପ୍ରାୟ ୪୦୦ ମିଟର ଜଙ୍ଗଲକୁ ନେଇ ଖାଇଥିବା ଦେଖିବାକୁ ମିଳିଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏହାସହ ଗାଁ ଲୋକଙ୍କୁ ଡାକବାଜି ଯନ୍ତ୍ର ଜରିଆରେ ସଚେତନ କରାଇଛି। ଲୋକଙ୍କୁ ଜଙ୍ଗଲକୁ ନ ଯିବା ପାଇଁ ସତର୍କ କରାଇଛି। ବାଘଟି ଗୋଟିଏ ମହାବଳ ବୋଲି ସନ୍ଦେହ କରାଯାଉଥିବା ବେଳେ ବନବିଭାଗ କଲରାପତରିଆ ବୋଲି ସୂଚନା ଦେଇଛି।

## ବାଲେଶ୍ୱରରେ ବାୟୁ ପ୍ରଦୂଷଣ କଟକଣା

# ସନ୍ଧ୍ୟା ୬ରୁ ସକାଳ ୧୦ ନିର୍ମାଣ କାର୍ଯ୍ୟ ବନ୍ଦ

**ବାଲେଶ୍ୱର, ୫।୧(ସମିସ):** ଘର ବୁଡ଼ି ପାଣି ଆଣ୍ଠୁଏ ହେବା ପରେ ପ୍ରଶାସନର ଚେତା ପଶିଛି। ବାୟୁ ପ୍ରଦୂଷଣ ରୋକିବା ପାଇଁ କଟକଣା ଜାରି କରିଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ। ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ଜିଲ୍ଲାରେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଯାଇଛି। ବାଲେଶ୍ୱର ପୌରପାଳିକା ସମେତ ଅନ୍ୟ ସହରାଞ୍ଚଳ (ୟୁଏଲବି) ସୀମା ଭିତରେ ଭଙ୍ଗାରୁଜା ଓ ମାଟି କାମ (ଆର୍ଥ ୱାର୍କ)କୁ ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି। ସେହିପରି, ପୌର ପ୍ରଶାସନ ଓ ଏନ୍‌ଏଚ୍‌ଏଆଇ ପକ୍ଷରୁ ସମସ୍ତ ରାସ୍ତାରେ ଦିନକୁ ଅତି କମ୍‌ରେ ୩ଥର ପାଣି ସିଞ୍ଚନ, ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସଂପୂର୍ଣ୍ଣ ନିଷିଦ୍ଧ, ଖୋଲାଖୋଲି ଆବର୍ଜନା ଜଳାଇବା ଏବଂ ଢାବାରେ କୋଇଲା ଜଳାଇବାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଆଗାମୀ ୭ ଦିନ ଯାଏଁ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ଏହାର ଅବଧି ବୃଦ୍ଧି କରାଯିବ ବୋଲି କୁହାଯାଇଛି।

ସୂଚନାନୁଯାୟୀ, ନିକଟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ରିପୋର୍ଟ ଅନୁସାରେ ବାଲେଶ୍ୱର ଦେଶର ସବୁଠୁ ପ୍ରଦୂଷିତ ସହର ତାଲିକାରେ ଏକ ନମ୍ବରରେ ରହିଛି। ଏପରିକି, ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ)ରେ ଦିଲ୍ଲୀକୁ ବି ବାଲେଶ୍ୱର

**ଭଙ୍ଗାରୁଜା ଓ ମାଟି କାମ ସଂପୂର୍ଣ୍ଣ ନିଷିଦ୍ଧ**

**ଆଗାମୀ ୭ ଦିନ ଯାଏଁ କଟକଣା**

ପଛରେ ପକାଇ ଦେଇଛି। ଜିଲ୍ଲାରେ ସଡ଼କ କାମ ଜନିତ ଧୂଳି, କଳକାରଖାନା, ବେଆଇନ ଇଟାଭାଟି ଆଦି ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ତେଣୁ, ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସ୍‌ଏସ୍) ଧାରା ୧୬୩ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷେଧାତ୍ମକ ପଦକ୍ଷେପ ନିଆଯାଇଛି।

ତଦନୁଯାୟୀ, ବାଲେଶ୍ୱର ଓ ନୀଳଗିରି ଉପ-ଜିଲ୍ଲାପାଳ ଏବଂ ବାଲେଶ୍ୱର ଆର୍‌ଟିଓ ପକ୍ଷରୁ କୋଇଲା, ଲଘୁ ଓ ଗୁରୁ ଖଣିଜ ଏବଂ ଫ୍ଲାଏଆସ୍ ଟ୍ରକ୍‌ମାନଙ୍କର ଦିନରେ ଚଳାଚଳ ଉପରେ ପୃଥକ ନିୟନ୍ତ୍ରଣ ଜାରି କରାଯିବ। ଏଥିସହିତ ବିନା ତାର୍ପୋଲିନ୍ ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ ଓ ଅନ୍ୟାନ୍ୟ ରାସ୍ତାରେ ଚଳାଚଳକୁ ଅନୁମତି ମିଳିବ ନାହିଁ। ଯଥୋଚିତ ଅନୁମତି ବିନା କୌଣସି ଇଟାଭାଟି ଚାଲିବ ନାହିଁ। ଏନ୍‌ଏଚ୍‌ଏଆଇ ଏବଂ ଜାତୀୟ ରାଜପଥ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମସ୍ତ ନିର୍ମାଣସ୍ଥଳରେ ନିୟମିତ ପାଣି ସିଞ୍ଚନକୁ ସୁନିଶ୍ଚିତ କରିବେ। ପୁଲିସ, ପୌରପାଳିକା/ୟୁଏଲବି, ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ଏବଂ ଆରଟିଓଙ୍କୁ ଏହି ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ବାଲେଶ୍ୱର ଓ ନୀଳଗିରି ଉପଜିଲ୍ଲାପାଳ ପ୍ରତିଦିନ ନିରୀକ୍ଷଣ କରି ରିପୋର୍ଟ ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରିବେ।

## ଢେଙ୍କାନାଳରେ ଖଣି ବିସ୍ଫୋରଣ ଅତ୍ୟନ୍ତ ନିନ୍ଦନୀୟ

# ସରକାରୀ ଛତ୍ରଛାୟାରେ ଖଣି ଲୁଟ୍: ବିଜେଡି

ଭୁବନେଶ୍ୱର, ୫।୧(ସମିସ): ଢେଙ୍କାନାଳ ଜିଲ୍ଲାର ଗୋପାଳପୁର ଗାଁର ଏକ ପଥର ଖଣିରେ ବିସ୍ଫୋରଣ ଘଟଣାରେ ୨ଜଣଙ୍କର ମୃତ୍ୟୁ ହେବା ଘଟଣାକୁ ନେଇ ବିଜେଡି ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି। ସରକାରୀ ଛତ୍ରଛାୟାରେ ରାଜ୍ୟବ୍ୟାପୀ ଖଣି ଲୁଟ୍ ଚାଲିଛି ବୋଲି ଅଭିଯୋଗ କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଢେଙ୍କାନାଳରେ ଉକ୍ତ ପଥର ଖଣିରେ ବ୍ଲାଷ୍ଟିଂ ଅନୁମତି ୩୦ ସେପ୍ଟେମ୍ବର ୨୦୨୫ରେ ଶେଷ ହୋଇଥିଲା ବେଳେ ଏହାର ଲିଜ୍ ଅବଧି ୩୧ ଡିସେମ୍ବର ୨୦୨୫ରେ ଶେଷ ହୋଇଥିଲା। ନିକଟରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଓଡ଼ିଶାରେ ଖଣିଜ ଲୁଟ୍ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏବଂ ବାଲେଶ୍ୱରର ସାଂସଦ ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲି ଖଣି ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ମାତ୍ର ସରକାର ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ଏହା ହିଁ ଦର୍ଶାଉଛି ଯେ ସରକାରୀ ପ୍ରରୋଚନାରେ ଓଡ଼ିଶା ସାରା ଖଣି ଲୁଟ୍ ଚାଲିଛି। ଫଳରେ ଗୁରୁ ଖଣିଜ ରାଜସ୍ୱ ଆଦାୟ ୫୦ ହଜାର କୋଟିରୁ ଖସି ୩୪ହଜାର କୋଟିରେ ପହଞ୍ଚିଛି। ସେହିଭଳି ଲଘୁ ଖଣିଜ ରାଜସ୍ୱ ଆଦାୟ ୧୪ଶହ ୮୫କୋଟିରୁ ଖସି ୬ଶହ କୋଟିରେ ପହଞ୍ଚିଛି। ଡ. ମହାନ୍ତି ଆହୁରି କହିଥିଲେ ଯେ ବିଜେପି ସରକାର ଖଣିଜଗର୍ଭା ଓଡ଼ିଶାକୁ ଯେପରି ଲୁଟ୍ କରିଚାଲିଛି, ସମସ୍ତ ଖଣିଜ ସଂପଦ ଆଗାମୀ ୫ବର୍ଷ ମଧ୍ୟରେ ଶେଷ ହୋଇଯିବ। ପ୍ରଥମେ ଏହି ଘଟଣାର ସଂଜ୍ଞାନ ନେଇ ବିସ୍ଫୋରଣ ଘଟାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ବେଆଇନ ବିସ୍ଫୋରଣ କରିଥିବାରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ଦାବି କରିଛି।

## ଆଜିର ରାଶିଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଶୁଭ ଖବର ମିଳିପାରେ। ପରିବାର ସଦସ୍ୟଙ୍କ ସହିତ ସମୟ ବିତାଇବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

ବୃଷ: ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ଭଲ ରହିବ। ଭାଗ୍ୟ ଆପଣଙ୍କୁ ପୁରା ସାଥ୍ ଦେବ। ମାତାପିତାଙ୍କ ଆଶୀର୍ବାଦରୁ ଅଟକିଥିବା କାମ ପୂରା ହେବ। ଦୂରସ୍ଥାନକୁ ବୁଲିବାକୁ ଯାଇପାରନ୍ତି।

ମିଥୁନ: ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଣ୍ଠିଗଣ୍ଠି ସମସ୍ୟା ଭୋଗି ପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

କର୍କଟ: ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

ସିଂହ: ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଣ୍ଠିଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ।

କନ୍ୟା: ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡୋଶୀଙ୍କ ସହ ସୁସମ୍ପର୍କ ବୃଦ୍ଧି ପାଇବ। ବନ୍ଧୁମିଳନ ଯୋଗ ରହିଛି। କିଛି ନୂଆ କରିବାକୁ ଚିନ୍ତା କରିବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

ତୁଳା: ପରିବାର ସଦସ୍ୟଙ୍କ ସହ ମଜାମସ୍ତି କରିବେ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

ବିଛା: ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଲାଭବାନ ହେବେ।

ଧନୁ: ଦିନଟି ବ୍ୟସ୍ତଭିତରେ କଟିବ। ଶାରୀରିକ ସମସ୍ୟା ଦେଖା ଦେଇପାରେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ବନ୍ଧୁଙ୍କ ସହିତ ଦୂର ସ୍ଥାନ ବୁଲିବାକୁ ଯାଇପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିବ।

ମକର: ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଇଚ୍ଛା ମୁତାବକ କାମ କରନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

କୁମ୍ଭ: ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ଅନ୍ୟଙ୍କୁ ସାହାଯ୍ୟର ହାତ ବଢ଼ାଇ ପ୍ରଶଂସିତ ହୋଇପାରନ୍ତି। ଅଟକିଥିବା କାମ ପୂରା ହେବ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ।

ମୀନ: ଦିନଟି ଉତ୍ସାହପୂର୍ଣ୍ଣ ରହିବ। ଅଟକିଥିବା କାମ ପୂରା ହେବ। ଅଚାନକ ଖୁସି ଖବର ପାଇପାରନ୍ତି। ଅଫିସ୍‌ରେ ଭାବିଚିନ୍ତି କଥା କୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଦୀର୍ଘ ବର୍ଷ ପରେ ସାକ୍ଷାତ ହେବ।

## ଆଜିର ଇତିହାସ

- ୧୯୦୭-ରୋମ୍‌ରେ ପ୍ରଥମ ଥର ଡେ' କେୟାର ସେଣ୍ଟର ଆରମ୍ଭ ହେଲା।
- ୧୯୧୯- ମଦର ଟେରେସା ରୋଗୀ ସେବା ପାଇଁ କଲିକତା ଆସିଲେ।
- ୧୯୪୬- ଭିଏତ୍‌ନାମରେ ପ୍ରଥମ ସାଧାରଣ ନିର୍ବାଚନ ଆରମ୍ଭ ହେଲା।
- ୧୯୬୭- ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍.ରେହମାନ୍‌ଙ୍କ ଜନ୍ମ।
- ୨୦୧୬- ଉତ୍ତର କୋରିଆ ସଫଳତା ପୂର୍ବକ ଥର୍ମୋନ୍ୟୁକ୍ଲିୟର୍ ହତିଆରର ପରୀକ୍ଷା କଲା।
- ୨୦୧୭- ହିନ୍ଦୀ ଫିଲ୍ମ ଅଭିନେତା ଓମ୍‌ପୁରୀଙ୍କ ଦେହାନ୍ତ।

## ଘୁଞ୍ଚିଲା 'ମେରେ ରହୋ'ର ରିଲିଜ୍

ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଆମିର୍ ଖାନ୍‌ଙ୍କ ପୁଅ ଜୁନେଦ୍ ଖାନ୍ ଓ ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ 'ମେରେ ରହୋ' ଫିଲ୍ମରେ ଏକାଠି ନଜର ଆସିଥାନ୍ତେ। ଏହାର ସୁଟିଂ ଗତ ଅପ୍ରେଲ୍ ମାସରେ ସରି ଯାଇଥିଲା। ଡିସେମ୍ବର ୧୨ ତାରିଖରେ ଏହି ଫିଲ୍ମକୁ ରିଲିଜ୍ କରାଯାଇଥାନ୍ତା। ହେଲେ ଗତ ଡିସେମ୍ବର ମାସରେ ବିଗ୍ ବଜେଟ୍‌ର ଫିଲ୍ମଗୁଡ଼ିକ ରିଲିଜ୍ ହେବାରୁ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଥିବା ଜଣାପଡ଼ିଛି। ଡିସେମ୍ବରରେ 'ଧୁରନ୍ଧର' ରିଲିଜ୍ ହେବା ପରଠାରୁ ଏହା ବକ୍ସ ଅଫିସ୍‌କୁ କବ୍‌ଜା କରି ନେଇଛି। ଏହାର ଠିକ୍ ପରେ କାର୍ତ୍ତିକ୍ ଆର୍ୟନ୍ ଓ ଅନନ୍ୟା ପାଣ୍ଡେଙ୍କ ରୋମାଣ୍ଟିକ୍ କମେଡି ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି' ରିଲିଜ୍ ହୋଇଥିଲା। 'ଧୁରନ୍ଧର'ର ସଫଳତା ଆଗରେ କାର୍ତ୍ତିକ୍‌ଙ୍କ ଫିଲ୍ମ ମଧ୍ୟ ମାଡ୍ ଖାଇ ଯାଇଛି। ଅପରପକ୍ଷରେ 'ମେରେ ରହୋ'ର ପ୍ରଯୋଜନା ଦାୟିତ୍ୱରେ ଅମିର୍ ଖାନ୍‌ଙ୍କ ପ୍ରଡକ୍ସନ୍ ହାଉସ୍ ରହିଛି। ଅମିର୍ ମଧ୍ୟ ଏହାର ପ୍ରମୋସନ୍ ଦାୟିତ୍ୱରେ ଅଛନ୍ତି। ତେଣୁ ଅମିର୍ ବକ୍ସ ଅଫିସ୍ ସ୍ଥିତିକୁ ଦେଖି ଏହାର ରିଲିଜ୍‌କୁ ଘୁଞ୍ଚାଇ ଦେଇଥିବା ଜଣାପଡ଼ିଛି। ଏହା ଏବେ ଆସନ୍ତା ଜୁଲାଇ ମାସରେ ପରଦାକୁ ଆସିବ ବୋଲି ଜଣାପଡ଼ିଛି। ଜୁନେଦ୍ ଶେଷଥର ପାଇଁ 'ଲଭ୍‌ୟାପା' ଫିଲ୍ମରେ ନଜର ଆସିଥିଲେ। 'ମେରେ ରହୋ' ତାଙ୍କର ଦ୍ୱିତୀୟ ଫିଲ୍ମ ହେବ। ସେହିଭଳି ସାଇପଲ୍ଲବୀ 'ମେରେ ରହୋ' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବେ।

## ୬୭ ଲେଖିଲେ ହଲୁଛି ସ୍କ୍ରିନ୍

ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳୁଛି ଗୁଗଲରେ ଏକ ସ୍ୱତନ୍ତ୍ର ସଂଖ୍ୟା ସର୍ଚ୍ଚ କରିବା ଦ୍ୱାରା ମୋବାଇଲ କିମ୍ବା କମ୍ପ୍ୟୁଟରର ସ୍କ୍ରିନ୍ ହଲୁଛି। ଭୂମିକମ୍ପ ସମୟରେ ଯେପରି ସ୍ଥିତି ଦେଖାଯାଏ ଏହା କିଛି ସେଭଳି ଅନୁଭୂତ ହେଉଛି। ତେବେ ଏହା ହେଉଛି ଗୁଗଲର ଏକ ପ୍ରାଙ୍କ୍। ଏଥିରେ ଦେଖିବାକୁ ମିଳୁଛି ଯେ, ଗୁଗଲରେ ୬୭ ସଂଖ୍ୟା ଟାଇପ୍ କରି ସର୍ଚ୍ଚ କରିବା ଦ୍ୱାରା ମୋବାଇଲ କିମ୍ବା କମ୍ପ୍ୟୁଟରର ସ୍କ୍ରିନ୍ ହଲିବା ଆରମ୍ଭ କରୁଛି। କିଛି ଲୋକ ଗୁଗଲର ଏହି ଟ୍ରେଣ୍ଡକୁ ପରୀକ୍ଷା କରୁଛନ୍ତି। ପ୍ରକୃତରେ ଏଭଳି କିଛି ହେଉଛି କି ନାହିଁ ତାହା ଲୋକେ ଜାଣିବାକୁ ଚେଷ୍ଟା କରୁଛନ୍ତି। ହେଲେ ଏହା ପଛରେ କାରଣ କ'ଣ ଅଛି ତାହା ଅନେକ ଜାଣନ୍ତି ନାହିଁ। ସ୍ମାର୍ଟଫୋନ୍, କମ୍ପ୍ୟୁଟର ତଥା ପିସି ବ୍ରାଉଜରରେ ଯଦି ୬୭ ଟାଇପ୍ କରାଯାଏ, ସ୍କ୍ରିନ୍ ଅଚାନକ ହଲିବା ଆରମ୍ଭ କରେ। ପ୍ରଥମେ ଏହା ଯେକୌଣସି ବ୍ୟକ୍ତିଙ୍କୁ ଏଭଳି କାହିଁକି ହେଉଛି ବୋଲି ଆଶ୍ଚର୍ଯ୍ୟ କରିପାରେ। ସ୍କ୍ରିନ୍ ହଲିବା ବାସ୍ତବରେ ଗୁଗଲର ଏକ ପ୍ରାଙ୍କ୍। ଗୁଗଲ ଲଗାତାର ସର୍ଚ୍ଚ ଇଞ୍ଜିନ୍‌ରେ କିଛି ଭାଇରାଲ ଟ୍ରେଣ୍ଡକୁ ଆନିମେସନ୍ ମାଧ୍ୟମରେ ସାମିଲ କରିଥାଏ। ଏଭଳି ଆନିମେସନ୍ ପ୍ରୋସେସ୍‌କୁ ଗୁଗଲ୍‌ର ଇଷ୍ଟର ଏଗ୍ କୁହାଯାଉଛି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ଅନେକ ଲୋକ ସେୟାର୍ କରିଛନ୍ତି। ଏପରିକି ଲକ୍ଷାଧିକରୁ ଅଧିକ ଲୋକ ଏହାକୁ ଦେଖିସାରିଲେଣି। ଅନେକ ଏଭଳି ଏକ ଟ୍ରେଣ୍ଡକୁ ମଜାଦାର କହୁଛନ୍ତି।

## ପିଇବା ପାଣିରେ ମାଇକ୍ରୋପ୍ଲାଷ୍ଟିକ୍

ପ୍ଲାଷ୍ଟିକ୍‌ର ଛୋଟ ଛୋଟ ଖଣ୍ଡକୁ ମାଇକ୍ରୋପ୍ଲାଷ୍ଟିକ୍ କୁହାଯାଏ। ୫ ମିଲିମିଟରରୁ ଛୋଟ ପ୍ଲାଷ୍ଟିକ୍ ଖଣ୍ଡ ମାଇକ୍ରୋପ୍ଲାଷ୍ଟିକ୍ ଭାବେ ପରିଚିତ। ଏହା ଖାଲି ଆଖିକୁ ଦେଖା ଯାଏ ନାହିଁ। ମାଇକ୍ରୋପ୍ଲାଷ୍ଟିକ୍ ପୋଷାକ, ପ୍ଲାଷ୍ଟିକ୍ ଜିନିଷ, ପ୍ରସାଧନୀ ସାମଗ୍ରୀ ଏବଂ ପ୍ୟାକେଜିଂରୁ ମିଳିଥାଏ। ଅର୍ଥାତ୍ ଯେଉଁ ସବୁ ଜିନିଷକୁ ନିତିଦିନ ବ୍ୟବହାର କରାଯାଉଛି, ସେସବୁ ମାଧ୍ୟମରେ ମାଇକ୍ରୋପ୍ଲାଷ୍ଟିକ୍ ପବନ, ପାଣି ଏବଂ ମାଟିରେ ବ୍ୟାପି ଥାଏ। ତେବେ ଚୀନ୍‌ର ବୈଜ୍ଞାନିକମାନେ ମାଇକ୍ରୋପ୍ଲାଷ୍ଟିକ୍‌ରୁ ରକ୍ଷା ପାଇବା ଲାଗି ଏକ ସହଜ ଉପାୟ କହିଛନ୍ତି। ଯାହାକୁ ପ୍ରତ୍ୟେକ ବ୍ୟକ୍ତି ନିଜ ରୋଷେଇ ଘରେ ହିଁ ଆପଣାଇ ପାରିବେ। ୨୦୨୪ର ଏକ ଗବେଷଣାରୁ ଜଣାପଡ଼ିଛି ଯେ, ନଳ ପାଣିକୁ ଯଦି ଫୁଟାଇ ଛଣାଯାଏ, ସେଥିରେ ଥିବା ମାଇକ୍ରୋପ୍ଲାଷ୍ଟିକ୍ ଏବଂ ନାନୋପ୍ଲାଷ୍ଟିକ୍ କଣିକା ବହୁ ମାତ୍ରାରେ କମିଯିବ। ଗବେଷକମାନେ ଏଥିପାଇଁ ପ୍ରଥମେ ପାଣିରେ ମାଇକ୍ରୋପ୍ଲାଷ୍ଟିକ୍ ଏବଂ ନାନୋପ୍ଲାଷ୍ଟିକ୍‌କୁ ମିଶାଇଥିଲେ। ଏହାପରେ ପାଣିକୁ ଫୁଟାଇ ଛଣାଗଲା। ଏଭଳି କରିବା ଦ୍ୱାରା ୯୦% ମାଇକ୍ରୋପ୍ଲାଷ୍ଟିକ୍ ହ୍ରାସ ପାଇଥିବା ଦେଖାଗଲା। ବିଶେଷକରି ଯେଉଁ ପାଣିରେ ଅଧିକ ମାତ୍ରାରେ କ୍ୟାଲସିୟମ୍ ଓ ମିନେରାଲ ଥିଲା ସେକ୍ଷେତ୍ରରେ ଏହା ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇଥିଲା। ତେବେ ଅଧିକ କ୍ୟାଲସିୟମ୍ ଓ ମିନେରାଲ ଥିବା ପାଣିକୁ ଫୁଟାଇବା ଦ୍ୱାରା କ୍ୟାଲସିୟମ୍ କର୍ବୋନେଟ୍ ବାହାରକୁ ଆସିଯାଏ, ଏଥିରେ ମାଇକ୍ରୋପ୍ଲାଷ୍ଟିକ୍‌ଗୁଡ଼ିକ ଲାଗିଯାନ୍ତି। ଏହାପରେ ପାଣିକୁ ଛାଣିବା ଦ୍ୱାରା ଏହା ବାହାରକୁ ବାହାରିଯାଏ। ଏନେଇ ବୈଜ୍ଞାନିକଙ୍କ କହିବା କଥା, ଏ ଲାଗି କୌଣସି ମହଙ୍ଗା ଫିଲଟର୍‌ର ଆବଶ୍ୟକତା ନାହିଁ। ନଳ ପାଣିକୁ ଠିକ୍ ଭାବେ ଫୁଟାଇ ତାହାକୁ ଥଣ୍ଡା କରନ୍ତୁ। ପରେ ଏହାକୁ ଚା' ଛଣା ନଚେତ ସାଧାରଣ ଫିଲଟର୍‌ରେ ଛାଣି ଦିଅନ୍ତୁ। ଏଭଳି କରିବା ଦ୍ୱାରା ପାଣିରେ ଥିବା ପ୍ଲାଷ୍ଟିକ୍ କଣିକା ଦୂର ହୋଇଥାଏ। ଅନ୍ୟପଟେ ୨୦୨୫ର ଏକ ରିପୋର୍ଟ ଅନୁସାରେ, ପିଇବା ପାଣି ହେଉଛି ମାଇକ୍ରୋପ୍ଲାଷ୍ଟିକର ମୂଳ ଉତ୍ସ। କାରଣ ଏହାକୁ ବର୍ଜ୍ୟଜଳ ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଦୂର କରି ପାରୁ ନାହାନ୍ତି। ଗବେଷକଙ୍କ କହିବା କଥା, ସିଝାପାଣି ପିଇବା ଅଭ୍ୟାସ ସମସ୍ତଙ୍କର ରହିବା ଉଚିତ। ଅଧିକ ଲୋକ ଏହି ଉପାୟ ଅବଲମ୍ବନ କଲେ ମାଇକ୍ରୋପ୍ଲାଷ୍ଟିକ୍ ଆଶଙ୍କାକୁ ଅନେକ ପରିମାଣରେ କମ୍ କରାଯାଇପାରିବ। ସେହିପରି ଏହି ଗବେଷଣା ଏନଭାରମେଣ୍ଟାଲ ସାଇନ୍ସ ଏବଂ ଟେକ୍ନୋଲୋଜି ଲେଟର ପତ୍ରିକାରେ ପ୍ରକାଶିତ।

# ସୁବର୍ଣ୍ଣା

## ପିଭିସି ପାଇପ୍‌ରେ ସ୍ପ୍ରିଙ୍ଗ ଓନିୟନ୍

ସହରାଞ୍ଚଳରେ ସ୍ଥାନର ଅଭାବ ଯୋଗୁଁ ଅଧିକାଂଶ ଛାତ କିମ୍ବା ବାଲ୍‌କୋନିରେ ଚାଷ କରନ୍ତି। ଏଥିପାଇଁ ସିମେଣ୍ଟ କୁଣ୍ଡ, ଗ୍ରୋବ୍ୟାଗ୍ ଆଦି ବ୍ୟବହାର କରାଯାଏ। ଏବେ କିନ୍ତୁ ପିଭିସି ପାଇପ୍‌ରେ ଚାଷ ସମ୍ଭବ। ସ୍ୱଳ୍ପ ସ୍ଥାନ ଏବଂ କମ୍ ପାଣି ଉପଯୋଗରେ ପିଭିସି ପାଇପ୍‌ରେ ସ୍ପ୍ରିଙ୍ଗ ଓନିୟନ୍ ଲଗାଇ ହେବ।

ପାଇପ୍‌ରେ ମାଟି ସୀମିତ ରହୁଥିବାରୁ କୀଟର ପ୍ରଭାବ କମ୍ ଦେଖାଯାଏ। ଏଥିପାଇଁ ପ୍ରଥମେ ୪ରୁ ୬ଇଞ୍ଚର ପାଇପ୍ ନେଇ ପାଇପ୍ କ୍ୟାପ୍‌ରେ ଏହାର ଦୁଇମୁଣ୍ଡକୁ ବନ୍ଦ କରି ଦିଆଯାଏ। ଏଥିରେ ଉର୍ବର ମାଟି, କୋକୋପିଟ୍, ବାଲି ଏବଂ ଜୈବିକ ଖତ ମିଶାଇ ଦିଆଯାଏ। ଡ୍ରିଲ୍ ମେସିନ ସାହାଯ୍ୟରେ ପାଇପ୍‌ରେ ୮ରୁ ୧୦ ସେମି ଦୂରରେ ୨ରୁ୩ ଇଞ୍ଚ ଚଉଡ଼ାର କଣା କରିଏଥିରେ ପିଆଜ ବଲ୍‌ବ (ସ୍ପ୍ରିଙ୍ଗ ଓନିୟନ୍) ଲଗାଇ ପାରିବେ। ପାଣି ନ ଜମିବା ପାଇଁ ପାଇପ୍ ତଳେ ଛୋଟ ଛୋଟ କଣା କରି ପାରିବେ। ସ୍ପ୍ରିଙ୍ଗ ଓନିୟନ୍ ପାଇଁ ଅଧିକ ପାଣି ଆବଶ୍ୟକ ହୁଏନି। ଉପର ମାଟି ଶୁଖିଲେ ପାଣି ଦିଆଯାଏ। ୨୦ରୁ ୨୫ ଦିନ ଅନ୍ତରରେ ତରଳ ଜୈବିକ ଖତ କିମ୍ବା ଗୋମୂତ୍ର ଦେବା ଆବଶ୍ୟକ। ଖରା ପଡୁଥିବାସ୍ଥାନରେ ପାଇପ୍‌କୁ ରଖିବା ଭଲ। ୨୫ରୁ ୩୦ ଦିନ ମଧ୍ୟରେ ଉପରୁ ଏହାର ସବୁଜ ଅଂଶକୁ କାଟି ପାରିବେ।

## ମାଟି ତଳେ ଛତୁ ଚାଷ

ଏକ ନିୟନ୍ତ୍ରିତ କୋଠରିରେ ଛତୁ ଚାଷ କରାଯାଏ। ହେଲେ ଏବେ ଉନ୍ନତ ପଦ୍ଧତିରେ ମାଟି ତଳେ ବି ଛତୁ ଚାଷ ହୋଇପାରୁଛି। କର୍ଣ୍ଣାଟକ,ଡୋଡ୍ଡାବଲ୍ଲାପୁର ଅନ୍ତର୍ଗତ କେଞ୍ଜିଗାନାହଲ୍ଲୀର ପଦ୍ମିନୀ ଗୌଡ଼ା ମାଟି ତଳେ ପଲିଟନେଲ ପଦ୍ଧତିରେ ଛତୁ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ଏକ ନିୟନ୍ତ୍ରିତ କୋଠରିରେ ଛତୁ ଚାଷ ପାଇଁ ଅଧିକ ଖର୍ଚ୍ଚ ହୁଏ। ତେଣୁ ଖର୍ଚ୍ଚ କମ୍ କରିବା ଉଦ୍ଦେଶ୍ୟରେ ପଦ୍ମିନୀ 'ପଲି ଟନେଲ' ପ୍ରଣାଳୀରେ ଦୁଗ୍ଧଛତୁ ଚାଷ କରୁଛନ୍ତି। ଏଥିପାଇଁ ସେ ମାଟିକୁ ୧୩.୫ଫୁଟ ଗଭୀର ଖୋଳି ୭୨ ଫୁଟ ଲମ୍ବା ଏବଂ ୧୬ ଫୁଟ ଚଉଡ଼ାର ଏକ ହଲ୍ ତିଆରି କରିଛନ୍ତି। କାନ୍ଥକୁ କଂକ୍ରିଟରେ ମଜବୁତ କରିଛନ୍ତି। ଏହାଦ୍ୱାରା ପ୍ରାକୃତିକ ଉପାୟରେ ତାପମାତ୍ରା ଏବଂ ଆର୍ଦ୍ରତା ବଜାୟ ରହିହେବ। କୋଠରିକୁ ପାଣି ପଶିବାର ଭୟ କମ୍ ରହିବ। ଏହା ଉପରେ ସେ ଜିଆଇ ପାଇପ ବ୍ୟବହାର କରି ଏକ ତ୍ରିକୋଣୀୟ ଛାତ ମଧ୍ୟ ବନାଇଛନ୍ତି। ଏହାକୁ ନୀଳ ରଙ୍ଗର ପାରଦର୍ଶୀ ପଲିଥିନ୍ ସିଟ୍‌ରେ ଢଙ୍କା ଯାଇଛି। ଏହା ଦିନରେ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଆସିବାକୁ ଦିଏନି। ବିନା ବିଦ୍ୟୁତ୍‌ରେ ଏହା ଆର୍ଦ୍ରତା ବଜାୟ ରଖିଥାଏ। ଛତୁ ବୃଦ୍ଧିରେ ସହାୟକ ହୁଏ। ତେବେ ଗୋଟିଏ କୋଠରିରେ ୪,୮୦୦ଛତୁ ବ୍ୟାଗ୍ ରଖାଯାଇପାରିବ। ସାମାନ୍ୟ କୋଠରିରେ ବିଦ୍ୟୁତ ପାଇଁ ଖର୍ଚ୍ଚ ବହୁତ ଆସେ। ଏଥିରେ ସେହି ଚିନ୍ତା କମ୍ ଥାଏ। ଏହା ଖାଲି ଦୁଗ୍ଧ ଛତୁ ଚାଷ ପାଇଁ ଭଲ ତାହାନୁହେଁ, କୃଷି ସମ୍ପର୍କିତ ବ୍ୟବସାୟ ପାଇଁ ଅଧିକ ଲାଭଦାୟକ।

## ସ୍ୱଳ୍ପ ମୂଲ୍ୟର ସାର ପ୍ରୟୋଗ ଯନ୍ତ୍ର

ଅଧିକ ଅମଳ ଆଶାରେ ଚାଷୀମାନେ ଜମିରେ ରାସାୟନିକ ସାର ପ୍ରୟୋଗ କରନ୍ତି। ଏହାଦ୍ୱାରା ଖର୍ଚ୍ଚ ବଢ଼େ। ମାଟିର ଗୁଣବତ୍ତା ନଷ୍ଟହୁଏ। ପାରମ୍ପରିକ ପ୍ରଣାଳୀରେ ହାତରେ ସାର ସିଞ୍ଚନ ଦ୍ୱାରା ଗଛ ମୂଳକୁ ସଠିକ୍ ମାତ୍ରାର ସାର ପହଞ୍ଚି ପାରେନି। ଏଥିପାଇଁ ତେଲେଙ୍ଗାନା, ବଲ୍ଲାପୁରମ ଗାଁ'ର ତୁମ୍ମଲା ରାଣାପ୍ରତାପ ଏକ ଲୁହାର 'ଫର୍ଟିଲାଇଜର ଡିସପେନ୍‌ସର' ତଥା ସାର ପ୍ରୟୋଗ ଯନ୍ତ୍ର ତିଆରି କରିଛନ୍ତି। ୪,୫୦୦ଟଙ୍କାରେ ନିର୍ମିତ ଏହି ଯନ୍ତ୍ରରେ ୧୫ କିଗ୍ରା ସାର ରହିବା କ୍ଷମତା ଅଛି। ଏହାକୁ ପାରମ୍ପରିକ କୃଷି ଉପକରଣ ଏବଂ ତିନି ଦାନ୍ତ ଥିବା କଲ୍‌ଟିଭେଟର ସହ ସଂଯୋଗ କରି ଚଲାଯିବ। ସାରର ମାପ କମାଇବା ବା ବଢ଼ାଇବା ପାଇଁ ଏଥିରେ ସୁବିଧା ଅଛି। ଏହା ମାତ୍ର ୧୫ ମିନିଟ୍‌ରେ ୧୫ କିଲୋ ସାର ପ୍ରୟୋଗ କରିବ। ଏହାଦ୍ୱାରା ସାର ନଷ୍ଟ ହେବନି। ଧାଡ଼ିରେ କରାଯାଇଥିବା ଅନ୍ତଃଚାଷ ଏବଂ ସାର ପ୍ରୟୋଗ ଦୁଇଟି କାମ ଏକାସଙ୍ଗେ କରିବ। ଏହା ବିନା ମଜୁରିରେ ଗଛ ମୂଳରେ ସାର ପହଞ୍ଚାଏ। ଯନ୍ତ୍ରଟି ଲଙ୍କା, କପା ଏବଂ ମକା ଆଦି ଫସଲ ପାଇଁ ବହୁତ ଉପଯୋଗୀ।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଗଜାଧାନକୁ କାଦୁଅ ଜମିରେ ଡ୍ରମସିଡରରେ କିମ୍ବା ଛଟା ବୁଣା କରି ଦିଅନ୍ତୁ। ଚେରମାଟିକୁ ଧରିବା ପାଇଁ ଜମିରେ ପତଳା ପାଣିସ୍ତର ରଖନ୍ତୁ।
- ଚିନାବାଦାମରେ ଶୋଷକକୀଟ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠା ହଳଦିଆ ଯନ୍ତା ଲଗାନ୍ତୁ। ସଂକ୍ରମଣର ପ୍ରାଥମିକ ଅବସ୍ଥାରେ ୫ ମିଲି ନିମ୍ବ ତେଲ ଆଧାରିତ କୀଟନାଶକ ଆଜାଡିରାକ୍ଟିନ୍ ୦.୦୩%କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ।
- ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ ଟମାଟୋ ଗଛରେ ଝାଉଁଳା ରୋଗ ଦେଖାଦେଲେ ଲିଟର ପାଣିରେ ୨ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲୁପି ମିଶ୍ରଣ କରି ସିଞ୍ଚନ କରନ୍ତୁ।

## ଥଣ୍ଡା ଯୋଗୁଁ ଗଛ ବଢୁନଥିଲେ ...

ଶୀତଋତୁରେ କମ୍ ତାପମାତ୍ରା, କୁହୁଡ଼ି ଫସଲକୁ ପ୍ରଭାବିତ କରେ। ତାପମାତ୍ରା ୧୦ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସିଲେ ଗଛ ବଢ଼େ ନାହିଁ। ଜମିରେ ଅଧିକ ପାଣି ଦେଲେ ଗଛ ମୂଳ ସଢ଼ି ହଳଦିଆ ପଡ଼ିଯାଏ। ତେଣୁ ଫସଲର ଦେଖାଶୁଣା କିପରି କରିବେ ଜାଣନ୍ତୁ।

ଫସଲକୁ ସୁରକ୍ଷା ଦେବାକୁ ପ୍ରାକୃତିକ ଖତ, ଟ୍ରାଇକୋଡର୍ମା ମିଶ୍ରଣ ଏବଂ ଡବ୍ଲୁଡିଜି ସଲ୍‌ଫର ବ୍ୟବହାର କରି ପାରିବେ। ଏହା ଗଛକୁ ଉଷୁମ ରଖେ। ଗଛ ବଢୁ ନଥିଲେ ଜମିରେ ପାଣି ଜମିଛି କି ନାହିଁ ତର୍ଜମା କରିବା ଭଲ। ୨ କିଗ୍ରା ଟ୍ରାଇକୋଡର୍ମା, ୨ କିଗ୍ରା ଗୁଡ, କେଜିଏ ବେସନ ଏବଂ ୨୦୦ ଲିଟର ପାଣି ମିଶାଇ ୭ ଦିନ ଗୋଟିଏ ପାତ୍ରରେ ରଖି ଉକ୍ତ ମିଶ୍ରଣକୁ ଫସଲରେ ସିଞ୍ଚିଲେ କବକଜନିତ ସମସ୍ୟା ରୁହେନାହିଁ। ଗଛ ବୃଦ୍ଧି ହୁଏ। ସେହିପରି ଜମିରେ ଆର୍ଦ୍ରତା ଅଧିକ ହେଲେ, ଗଛ ବଢ଼େନାହିଁ। ଏନେଇ ଡବ୍ଲୁଡିଜି ସଲଫର୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ସିଞ୍ଚି ପାରିବେ। ସକାଳ ଏବଂ ସନ୍ଧ୍ୟାରେ ସିଞ୍ଚିବା ଭଲ। ୟୁରିଆ ସିଞ୍ଚିବା କ୍ଷତି ସାବ୍ୟସ୍ତ ହୋଇପାରେ। କୁହୁଡ଼ି ପଡ଼ିବା ସମୟରେ ସାର ସିଞ୍ଚନ ନ କରି ଅପରାହ୍ନରେ ପକାଇପାରିବେ।

# ବାଂଲାଦେଶରେ ନିଷିଦ୍ଧ ହେଲା ଆଇପିଏଲ୍ ପ୍ରସାରଣ

ଢାକା, ୫।୧(ଏଜେନ୍ସି)

ଭାରତରେ ଚାଲିଥିବା ବିଶ୍ୱର ସବୁଠାରୁ ବୃହତ୍ ଓ ସର୍ବାଧିକ ଲୋକପ୍ରିୟ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ର ପ୍ରସାରଣକୁ ବାଂଲାଦେଶରେ ନିଷିଦ୍ଧ କରାଯାଇଛି। ଏ ସମ୍ପର୍କରେ ବାଂଲାଦେଶ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ସମସ୍ତ ପ୍ରସାରଣକାରୀ ସଂସ୍ଥାଗୁଡ଼ିକୁ ବିଧିବଦ୍ଧ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶୀ କ୍ରିକେଟର ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍ ଟିମ୍ କୌଣସି କାରଣ ନ ଦର୍ଶାଇ ବିଦା କରିବା ପରେ ବାଂଲାଦେଶ ସରକାରଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ପରାମର୍ଶଦାତା ଆସିଫ୍ ନଜରୁଲ ଆଇପିଏଲ୍ ପ୍ରସାରଣ ବନ୍ଦ କରିବାକୁ ଗତକାଲି ପରାମର୍ଶ ଦେଇଥିଲେ। ମୁସ୍ତାଫିଜୁରଙ୍କୁ ବାଦ୍ ଦେବା ପରେ ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶ କ୍ରିକେଟ ଦଳ ଖେଳିବାକୁ ଆସିବ ନାହିଁ ବୋଲି ଆଇସିସିକୁ ଜଣାଇ ଦିଆଯାଇଛି। ଏହା ପରେ ବାଂଲାଦେଶ ଖେଳିବାକୁ ଥିବା ମ୍ୟାଚ୍ ଗୁଡିକର ଭେନ୍ୟୁରେ ପରିବର୍ତ୍ତନ କରି ଭାରତ ବାହାରେ ଆୟୋଜନ କରିବାକୁ ମଧ୍ୟ ଆଇସିସିକୁ ବାଂଲା କ୍ରିକେଟ ବୋର୍ଡ ଅନୁରୋଧ କରିଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ବୋର୍ଡ ଏହି ଅନୁରୋଧ ଜଣାଇଛି ଓ ଆଇସିସି ଏହାକୁ ଗ୍ରହଣ ମଧ୍ୟ କରିଛି। ସୂଚନାଯୋଗ୍ୟ ବାଂଲାଦେଶରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ଉପରେ ଆକ୍ରମଣ ଓ ସେମାନଙ୍କୁ ହତ୍ୟା କରିବା ପରେ ଭାରତରେ ଏହାକୁ ବିରୋଧ କରାଯାଉଛି। ଏହି କ୍ରମରେ ମୁସ୍ତାଫିଜୁର ଜଣେ ବାଂଲାଦେଶୀ ହୋଇଥିବାରୁ ତାଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବାକୁ କିଛି ମୌଳବାଦୀ ସଂଗଠନ ଓ ଅନ୍ୟମାନେ ଦାବି କରିଥିଲେ। ବିସିସିଆଇ ଏହି ଦାବି ପରେ ହଠାତ୍ ମୁସ୍ତାଫିଜୁରଙ୍କୁ ଦଳରୁ ବାଦ୍ ଦେବାକୁ କୋଲକାତା ନାଇଟ୍ ରାଇଡର୍ସ ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିଲା। କେକେଆର୍ ମଧ୍ୟ ଏହାକୁ ତତ୍‌କ୍ଷଣାତ ଗ୍ରହଣ କରିନେଇଥିଲା। ଏହା ଫଳରେ ଭାରତରେ ଏହାକୁ ନେଇ ଯେଉଁ ବିରୋଧୀ ସ୍ୱର ଉଠିଥିଲା ତାହା ବନ୍ଦ ହୋଇଯାଇଥିଲା। କିନ୍ତୁ ଏହାର ପ୍ରଭାବ ବାଂଲାଦେଶ କ୍ରିକେଟ ଉପରେ ପଡ଼ିଥିଲା। ଏହି ଘଟଣାକୁ ବାଂଲାଦେଶ ସରକାର ଏକ ଅପମାନଜନକ ନିଷ୍ପତ୍ତି ବୋଲି ଗ୍ରହଣ କରୁଛି। ଏଣୁ ଯଦି ଜଣେ ବାଂଲାଦେଶୀ ଖେଳାଳିଙ୍କୁ ଭାରତ ସୁରକ୍ଷା ଦେଇପାରୁ ନାହିଁ, ସେହି ଦେଶର କ୍ରିକେଟ ଦଳକୁ କିପରି ସୁରକ୍ଷା ଯୋଗାଇବ ବୋଲି ସରକାର ଯୁକ୍ତି କରିଛନ୍ତି। ଏଣୁ ସୁରକ୍ଷା କାରଣରୁ ଭାରତରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଯିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।






ଆଇପିଏଲ୍ ପ୍ରସାରଣ ବନ୍ଦ ସମ୍ପର୍କରେ ଆଜି ବା ଜାନୁଆରୀ ୫ ତାରିଖ ସୋମବାର ବାଂଲାଦେଶ ସରକାରଙ୍କ ପକ୍ଷରୁ ଆସିଷ୍ଟାଣ୍ଟ ସେକ୍ରେଟାରୀ ଫିରୋଜ୍ ଖାନ୍ ଏକ ନୋଟିସ୍ ଜାରୀ କରିଛନ୍ତି। ଏହି ନୋଟିସ୍‌ରେ ଆଇପିଏଲ୍ ମ୍ୟାଚ୍ ପ୍ରସାରଣକୁ ବନ୍ଦ କରିବା ସହ ଏହା ସମ୍ପର୍କିତ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରସାରଣକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ୍‌ରେ ମୁସ୍ତାଫିଜୁରଙ୍କୁ କେକେଆର୍ ଟିମ୍‌ରୁ ୨୦୨୬ ସଂସ୍କରଣରୁ ବାହାର କରିବା ଲାଗି ବିସିସିଆଇ ନିଷ୍ପତ୍ତିକୁ ଅଯୌକ୍ତିକ ଓ ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି କୁହାଯାଇଛି। ବିସିସିଆଇର ଏଭଳି ନିଷ୍ପତ୍ତି ବାଂଲାଦେଶର ଜନସାଧାରଣଙ୍କୁ କଷ୍ଟ ଦେବା ସହ ଉତ୍ତେଜିତ କରିବାକୁ ସୁଯୋଗ ଦେଇଛି। ଏଭଳି ସମୟରେ ସରକାର ଦେଶର ସମସ୍ତ ପ୍ରସାରଣକାରୀ ସଂସ୍ଥାମାନଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ନ ପାଇଲା ପର୍ଯ୍ୟନ୍ତ ଆଇପିଏଲ୍ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଫେବୃଆରୀରେ ସୋଫିଙ୍କୁ ଦ୍ୱିତୀୟ ବିବାହ କରିବେ ଧାୱନ



ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ପୁଣିଥରେ ବିବାହ କରିବାକୁ ମନସ୍ଥ କରିଛନ୍ତି। ୪୦ ବର୍ଷୀୟ ଧାୱନ ତାଙ୍କର ବାନ୍ଧବୀ ତଥା ପ୍ରେମିକା ଆୟର୍ଲାଣ୍ଡର ସୋଫି ସାଇନଙ୍କ ହାତ ଧରିବେ। ବିବାହ ଲାଗି କାର୍ଯ୍ୟସୂଚୀ ମଧ୍ୟ ଚୂଡ଼ାନ୍ତ ହୋଇସାରିଛି। ଆସନ୍ତା ଫେବୃଆରୀ ୩ୟ ସପ୍ତାହରେ ଦିଲ୍ଲୀ-ଏନ୍‌ସିଆର୍‌ର ଏକ ହୋଟେଲରେ ଏହି ବିବାହ ଅନୁଷ୍ଠିତ ହେବ। ଯେଉଁଥିରେ ଭାରତୀୟ କ୍ରିକେଟ୍ ଓ ବଲିଉଡ୍‌ଜଗତର କିଛି ନାମୀ ତାରକା ଯୋଗଦେବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ତେବେ ଏହି ବିବାହକୁ ଧାୱନ ଓ ତାଙ୍କ ପତ୍ନୀ ହେବାକୁ ଯାଉଥିବା ସୋଫି ଯଥା ସମ୍ଭବ ସିକ୍ରେଟ୍ ରଖିଛନ୍ତି। ଗତବର୍ଷ ପ୍ରାରମ୍ଭରେ ଦୁବାଇରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ ଉଭୟଙ୍କୁ ପ୍ରଥମଥର ଲାଗି ଏକାଠି ଦେଖିବାକୁ ମିଳିଥିଲା। ଏହାପରେ ସୋଫିଙ୍କ ସହ ଧାୱନଙ୍କ ସମ୍ପର୍କକୁ ନେଇ ବିଭିନ୍ନ ଖବରମାନ ପ୍ରକାଶ ପାଇଥିଲା। ଗତ କିଛିମାସ ହେବ ଉଭୟ ଏକାଠି ମଧ୍ୟ ରହୁଛନ୍ତି। ନିକଟରେ ସେମାନେ ଖ୍ରୀଷ୍ଟମାସ ପାଳନ କରୁଥିବାର ଫଟୋ ଶେୟାର କରିଥିଲେ। ପ୍ରକାଶଯୋଗ୍ୟ, ଧାୱନ ଏଥିପୂର୍ବରୁ ଭାରତୀୟ ଜନ୍ମିତ ଅଷ୍ଟ୍ରେଲୀୟ କିକ୍ ବକ୍ସର ଆୟେଶା ମୁଖାର୍ଜୀଙ୍କୁ ୨୦୧୨ରେ ବିବାହ କରିଥିଲେ। ଧାୱନଙ୍କଠାରୁ ଆୟେଶା ବୟସରେ ୮ ବର୍ଷ ବଡ଼ ଓ ତାଙ୍କର ପୂର୍ବରୁ ଦୁଇଟି ସନ୍ତାନ ଥିଲେ। ତେବେ ୨୦୨୧ରେ ତାଙ୍କର ବିବାହ ବିଚ୍ଛେଦ ଘଟିଥିଲା।

## ବିଜୟ ହଜାରେ ଟ୍ରଫି
## ଆୟର ମୁମ୍ବଇ ଅଧିନାୟକ



ମୁମ୍ବଇ, ୫।୧(ଏଜେନ୍ସି): ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ନିଜର ଫିଟ୍‌ନେସ ପରୀକ୍ଷା ଦେବା ଲାଗି ବିଜୟ ହଜାରେ ଟ୍ରଫିର ମୁମ୍ବଇ ପକ୍ଷରୁ ଖେଳାଯିବାକୁ ଥିବା ଶେଷ ୨ଟି ମ୍ୟାଚ୍‌ରେ ଖେଳିବେ ବୋଲି ନିଷ୍ପତ୍ତି ହୋଇଥିଲା। ଆଜି ସେ ଏହି ଦୁଇଟି ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବେ ବୋଲି ମୁମ୍ବଇ ସିନିଅର ସିଲେକ୍ସନ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଏହି ମୁକାବିଲାରେ ସେ ମ୍ୟାଚ୍ ଫିଟ୍‌ନେସର ପ୍ରମାଣ ଦେଲେ ଭାରତୀୟ ଦଳରେ ସ୍ଥାନ ପାଇବେ ନଚେତ ତାଙ୍କୁ ନ୍ୟୁଜିଲାଣ୍ଡ ସିରିଜ୍‌ରୁ ବାଦ୍ ଦିଆଯିବ। ଆୟର ଆଜି ଜୟପୁରର ଜଇପୁରିଆ ବିଦ୍ୟାଳୟ ପଡ଼ିଆରେ ଜୋରଦାର ଅଭ୍ୟାସ କରିଛନ୍ତି। କୋଚ୍ ଓମ୍‌କାର ସାଲଭି ଓ ଅତୁଲ ରଣଦେ ଅଭ୍ୟାସବେଳେ ଉପସ୍ଥିତ ଥିଲେ। ଅଭ୍ୟାସବେଳେ ଆୟର କିଛି ଯନ୍ତ୍ରଣା ଅନୁଭବ କରି ନ ଥିଲେ। ହିମାଚଳ ପ୍ରଦେଶ ଓ ପଞ୍ଜାବ ବିପକ୍ଷରେ ସେ ଶାର୍ଦ୍ଦୁଳଙ୍କଠାରୁ ନେତୃତ୍ୱ ଭାର ଗ୍ରହଣ କରିବେ। ଏହି ମ୍ୟାଚ୍ ଦୁଇଟିରେ ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶାର୍ଦ୍ଦୁଳ ଠାକୁରଙ୍କୁ ଏହି ଦୁଇଟି ମ୍ୟାଚ୍ ଲାଗି ବିଶ୍ରାମ ଦିଆଯାଇଛି।

## ମହିଳା ହକି ଇଣ୍ଡିଆ ଲିଗ୍
## ସୁରମାର ପ୍ରଥମ ବିଜୟ

ରାଞ୍ଚି, ୫।୧(ଏଜେନ୍ସି): ପେନ୍ନି ସ୍କ୍ୱିବ୍ ଓ ଅଲିଭିଆ ଶାନନଙ୍କ ଗୋଲ ବଳରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ହରାଇ ଏଠାରେ ସୋମବାର ଅନୁଷ୍ଠିତ ମହିଳା ହକି ଇଣ୍ଡିଆ ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି। ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ସୁରମା ହକି କ୍ଲବ୍ ଖେଳର ପ୍ରଥମ ମିନିଟ୍‌ରୁ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହି ଗୋଲଟି ପେନାଲ୍ଟି କର୍ଣ୍ଣରରୁ ଦେଇଥିଲେ ଡ୍ରାଗ୍ ଫ୍ଲିକର ପେନ୍ନି ସ୍କ୍ୱିବ୍। ଏହି ଗୋଲ ଶୁଝାଇବାକୁ ରାଞ୍ଚିକୁ ୩୫ ମିନିଟ୍ ସମୟ ଲାଗିଥିଲା। ହାନା କୋଟରଙ୍କଠାରୁ ପାସ୍ ପାଇ ଅଗୋଷ୍ଟିନା ଆଲୋନ୍‌ସୋ ଗୋଲ ସ୍କୋର କରିଥିଲେ। ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାର ମାତ୍ର ୪ ମିନିଟ ପରେ ସୁରମା ହକି କ୍ଲବ୍ ପୁଣି ଅଗ୍ରଣୀ ନେଇଥିଲା। ଏଥର ପେନାଲ୍ଟି ଷ୍ଟ୍ରୋକ୍‌ରୁ ଅଲିଭିଆ ଶାନନ ଏହି ଗୋଲଟି ଦେଇଥିଲେ। ଗୋଲ ଶୁଝାଇବାକୁ ରାଞ୍ଚି ଦଳ ଶେଷ କ୍ୱାର୍ଟରରେ ଉଦ୍ୟମ କରିଥିଲା। କିନ୍ତୁ ଏହାକୁ ସଫଳ କରାଇଦେଇ ନ ଥିଲେ ସୁରମାର ରକ୍ଷଣଭାଗ ଖେଳାଳି। ଏହା ଫଳରେ ସୁରମା ୨-୧ ଗୋଲ ବ୍ୟବଧାନରେ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲା।



## ପୁରୁଷ ହକି ଇଣ୍ଡିଆ ଲିଗ୍
## ପାଇପର୍ସକୁ ହରାଇଲା ଏଚ୍‌ଆଇଏଲ୍ ଜିସି

ଚେନ୍ନଇ, ୫।୧(ଏଜେନ୍ସି): କେନ୍ ରସେଲ୍‌ଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ଏଠାରେ ସୋମବାର ଅନୁଷ୍ଠିତ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଏକ ମ୍ୟାଚ୍‌ରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଟିମ୍ ୩-୨ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କେନ୍ ୩ଟି ଯାକ ଗୋଲ ଦେଇଥିଲେ। କୀ ୱାଲଟ ଓ ଦିଲରାଜ ସିଂହ ପରାଜିତ ଦଳ ପକ୍ଷରୁ ଗୋଲ ସ୍କୋର କରିଥିଲେ। ଏହା ଫଳରେ ଏଚ୍‌ଆଇଏଲ୍ ଟିମ୍‌କୁ ପୂରା ୩ ପଏଣ୍ଟ ମିଳିଛି। ଗତକାଲି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଥିଲା। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ମୁକାବିଲାଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। କିନ୍ତୁ ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟ୍‌ରେ ଏସ୍‌ଜି ପାଇପର୍ସର କୀ ୱାଲଟ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହି ଅଗ୍ରଣୀ ବେଶି ସମୟ ରହି ନ ଥିଲା। ଗୋଲ ଖାଇବାର ୪ ମିନିଟ୍ ପରେ ଏଚ୍‌ଆଇଏଲ୍‌ର କେନ୍ ରସେଲ ଅଳ୍ପ ସମୟ ମଧ୍ୟରେ ୨ଟି ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ପାଇପର୍ସର ଦିଲରାଜ ସିଂହ ଓ ପରେ ରସେଲ ଗୋଲ ଦେଇ ଖେଳର ମିମାଂସା କରିଥିଲେ। ଆସନ୍ତାକାଲି ତାମିଲନାଡୁ ଡ୍ରାଗନ୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ଖେଳାଯିବ।

## ଜାତୀୟ ବିଚାରପତି ବ୍ୟାଡ୍‌ମିଣ୍ଟନ
## ଓଡ଼ିଶାର ସାବିତ୍ରୀ-ନରସିଂହ ଚାମ୍ପିଅନ



ଭୁବନେଶ୍ୱର, ୫।୧(ସମିସ): ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ସାବିତ୍ରୀ ରଥ ଓ ବିଚାରପତି ଭି. ନରସିଂହ ଜାତୀୟ ବିଚାରପତି ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମିଶ୍ରିତ ଯୁଗଳ ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରାଞ୍ଚିରେ ରବିବାର ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶାର ମିଶ୍ରିତ ଯୁଗଳ ବିଚାରପତି ଯୋଡି ସାବିତ୍ରୀ-ନରସିଂହ ଫାଇନାଲରେ ରାଜସ୍ଥାନ ଉଚ୍ଚନ୍ୟାୟାଳୟର ଯୋଡିଙ୍କୁ ହରାଇଥିଲେ। ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟରେ ୯ଟି ଉଚ୍ଚ ନ୍ୟାୟାଳୟର ୩୧ଜଣ ବିଚାରପତି ଅଂଶଗ୍ରହଣ କରିଥିଲେ। ପୁରୁଷ ଏକକ ଓ ଯୁଗଳ, ମହିଳା ଏକକ ଓ ମିଶ୍ରିତ ଯୁଗଳ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାଟି ରାଞ୍ଚିସ୍ଥିତ ଠାକୁର ବିଶ୍ୱନାଥ ସହୋଦୟ ଇଣ୍ଡୋର ଷ୍ଟାଡିୟମ୍‌ରେ ଜାନୁଆରୀ ୩ ଓ ୪ ତାରିଖରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା।

## ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ
## ସିରିଜ୍ ଜିତିଲା ଭାରତ

ବେନୋନି, ୫।୧(ଏଜେନ୍ସି): ଯୁବ ଅଧିନାୟକ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଯୁବ ଦିନିକିଆରେ ଭାରତ ୮ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ ଜିତିନେଇଛି। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଏଠାରେ ବୁଧବାର ୭ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୪୫ ରନ୍ କରିଥିଲା। ଦଳ ପକ୍ଷରୁ ଜେସନ ରୋୱେଲ୍ସ ୧୧୪ ରନ୍ କରିଥିଲାବେଳେ ଭାରତର କିଶନ କୁମାର ସିଂ ୪ଟି ୱିକେଟ ପାଇଥିଲେ। ଜବାବରେ ୨୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବା ପରେ ବର୍ଷା ଯୋଗୁଁ ଖେଳ ଦୁଇଥର ବାଧା ପାଇଥିଲା। ଫଳରେ ଭାରତ ଆଗରେ ୨୭ ଓଭରରେ ୧୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଧିନାୟକ ସୂର୍ଯ୍ୟବଂଶୀ ମାତ୍ର ୨୪ ବଲ୍‌ରେ ଗୋଟିଏ ଚୌକା ଓ ୧୦ଟି ଛକା ସହାୟତାରେ ୬୮ ରନ୍ କରି ଦଳର ବିଜୟ ସହଜ କରିଦେଇଥିଲେ। ପରେ ଅଭିଜ୍ଞାନ କୁଣ୍ଡୁ (୪୨ ବଲ୍‌ରୁ ୪୮ ରନ୍) ଓ ବେଦାନ୍ତ ତ୍ରିବେଦୀ (୫୭ ବଲ୍‌ରୁ ୩୧) ଆଉ କୌଣସି କ୍ଷତି ହେବାକୁ ନ ଦେଇ ଏହି ମ୍ୟାଚ୍‌କୁ ୨୩.୩ ଓଭରରେ ମାତ୍ର ୱିକେଟ ହରାଇ ଜିତିନେଇଥିଲେ।

## ପଞ୍ଚମ ଆସେସ୍ ଟେଷ୍ଟ
## ଜୋ ରୁଟ୍‌ଙ୍କ ୪୧ତମ ଶତକ



ସିଡନୀ, ୫।୧(ଏଜେନ୍ସି): ଇଂଲଣ୍ଡର କିଂବଦନ୍ତୀ ବ୍ୟାଟର ଜୋ ରୁଟ୍ ଟେଷ୍ଟ କ୍ରିକେଟରେ ୪୧ତମ ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ଅଷ୍ଟ୍ରେଲିଆର ରିକି ପଣ୍ଟିଂଙ୍କ ସହ ସମକକ୍ଷ ହୋଇଛନ୍ତି। ଟେଷ୍ଟ କ୍ରିକେଟରେ ତାଙ୍କଠାରୁ କେବଳ ଅଧିକ ଶତକ ହାସଲ କରିବାରେ ୨ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ୪୫ଟି ଶତକ ହାସଲ କରିଥିବା ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ ଓ ସର୍ବାଧିକ ୫୧ଟି ଶତକ କରି ପ୍ରଥମ ସ୍ଥାନରେ ଥିବା ଭାରତର ସଚିନ ତେନ୍ଦୁଲକର।

ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ମ ତଥା ଶେଷ ଆସେସ ଟେଷ୍ଟରେ ରୁଟ୍‌ଙ୍କୁ ଏହି ସଫଳତା ମିଳିଛି। ରୁଟ ଏଠାରେ ସୁଯୋଗହୀନ ୧୬୦, ହ୍ୟାରୀ ବ୍ରୁକ୍ ୮୪ ଓ ଏକାଧିକ ଜୀବନଦାନ ପାଇଥିବା ଜାମି ସ୍ମିଥ୍ ୪୬ ରନ୍ କରିବା ଫଳରେ ଇଂଲଣ୍ଡର ପ୍ରଥମ ପାଳି ୩୮୪ ରନ୍‌ରେ ଶେଷ ହୋଇଥିଲା। ଘରୋଇ ଦଳର ମାଇକେଲ ନେସର ୪ଟି, ମିଚେଲ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍‌ଙ୍କ ଅପରାଜିତ ୯୧ ରନ୍ ସହାୟତାରେ ଦ୍ୱିତୀୟ ଦିନ ଖେଳ ଶେଷବେଳକୁ ୨ ୱିକେଟ ବିନିମୟରେ ୧୬୬ ରନ୍ ସଂଗ୍ରହ କରିଛି। ଷ୍ଟୋକ୍ସଙ୍କ ସହ ଯୁକ୍ତିତର୍କ କରିବା ପରେ ମାର୍ନସ ଲାବୁସେନ ୪୬ ଓ ଜେକ୍ ୱିଥେରାଲ୍ଡ ୨୧ ରନ୍‌ରେ ଆଉଟ ହୋଇଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଉଭୟ ଖେଳାଳିଙ୍କୁ ଆଉଟ କରିଛନ୍ତି। ଚଳିତ ଆସେସ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୩-୧ରେ ଆଗୁଆ ରହିଛି।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ
## ବିଶାଖାପାଟଣା ଇଷ୍ଟକୋଷ୍ଟ ରେଲୱେ ଚାମ୍ପିଅନ




ଯାଜପୁର, ୫।୧(ସମିସ)

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଳବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଆଜି ଶେଷ ହୋଇଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲ୍‌ୱେ ବିଶାଖାପାଟଣା ଚାମ୍ପିଅନ୍ ହୋଇଛି। ଇଷ୍ଟକୋଷ୍ଟ ରେଲୱେର ଦୁଇ ଡିଭିଜନ ଟିମ୍ ବିଶାଖାପାଟଣା ଓ ଖୋର୍ଦ୍ଧା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇ୧୭.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ସର୍ବାଧିକ ୨୫ ରନ୍ ସଂଗ୍ରହ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣାର ବୋଲର ଏନ୍‌ଜେଆର୍ ପ୍ରସାଦ ୧୪ ରନ୍‌ରେ ୩ଟି ଓ ସାଇ ବସନ୍ତ ୨୪ରନ୍ ଦେଇ ୨ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣା ୧୪.୩ ଓଭର ଖେଳି ୫ ୱିକେଟ୍ ହରାଇ ୧୦୭ରନ୍ ସଂଗ୍ରହ କରି ଟାଇଟଲ ହାସଲ କରିଥିଲା। ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୩୯ ରନ୍ ସଂଗ୍ରହ କରିଥିଲେ। ବିଜୟୀ ଦଳର ଏନ୍‌ଜେଆର ପ୍ରସାଦଙ୍କୁ ଫାଇନାଲର ଓ ସାଇ ବସନ୍ତଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ, ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ସୀତାଂଶୁ କର ପରିଚାଳନା କରିଥିଲେ।

ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା କ୍ରିକେଟ ସଂଘ ସହସମ୍ପାଦକ ବଟକୃଷ୍ଣ ମହାପାତ୍ର, ଉପସଭାପତି ଅଭୟବଲ୍ଲଭ ପଣ୍ଡା, ପଦାରବିନ୍ଦ ପରିଡ଼ା, ଅୟସକାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ମନୋଜ ସାହୁ ପ୍ରମୁଖ୍ ଉପସ୍ଥିତ ଥିଲେ। ଦିବାକର କର, ସଞ୍ଜୟ ବେହେରା, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ସୁବାଶିଷ ରାଉତ, ଭୂପତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା



କଟକ, ୫।୧(ସମିସ): ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୧-୩ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଫୁଟବଲ୍ ଦଳ ପକ୍ଷରୁ ସତ୍ୟବାଦୀ ଖାଡିଆ ସର୍ବାଧିକ ୫ଟି ଗୋଲ ସ୍କୋର କରିଥିଲେ। ଶ୍ରୀଜନ ତମାଙ୍ଗ ୨ଟି ଗୋଲ ଦେଇଥିବା ବେଳେ ମନୀଷା ନାଏକ, ଅଙ୍କିତା ନାଏକ, ଶିବାନୀ ମୁଣ୍ଡାରୀ, ସୁମିତ୍ରା ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ବିଜୟୀ ଦଳକୁ ଶୁଭେଚ୍ଛା ଜଣାଯାଇଛି।

## ଜାତୀୟ ଜୁନିଅର ଅସିଚାଳନା ଉଦ୍‌ଘାଟିତ



କଟକ, ୫।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ସୋମବାରଠାରୁ ୩୩ତମ ଜାତୀୟ ଜୁନିଅର ଅସିଚାଳନା ଚାମ୍ପିଅନସିପ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ, ଭାରତୀୟ ଅସିଚାଳନା ମହାସଂଘ ଏବଂ ଓଡ଼ିଶା ଅସିଚାଳନା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ଅସିଚାଳନା ମହାସଂଘ ସମ୍ପାଦକ ରାଜୀବ ମେହତା, ରାଜ୍ୟ ସଂଘ ଉପଦେଷ୍ଟା ନୟନ କିଶୋର ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS